DHARITRI

ସମ୍ବଲପୁର, ରବିବାର, ଡିସେମ୍ବର ୯/୨୦୧୮ (୨୦ ପୃଷ୍ଠା + ଛୁଟିଦିନ) Sambalpur, Sunday, December 9/ 2018 ★★

୧୪ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



## ୮୩ ବର୍ଷରେ ଧର୍ମେନ୍ଦ୍ର

ବଲିଉଡ୍‌ର ବିଶିଷ୍ଟ ତଥା ବରିଷ୍ଠ ଅଭିନେତା ଧର୍ମେନ୍ଦ୍ର ୮୩ ବର୍ଷରେ ପଦାର୍ପଣ କରିଥିବାରୁ ପତ୍ନୀ ହେମାମାଳିନୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

୦୫

୧୯

## ଅଜୟ ରୋହେରାଙ୍କ ବିଶ୍ୱ ରେକର୍ଡ

ମଧ୍ୟପ୍ରଦେଶ ଓପନର ଅଜୟ ରୋହେରା ହାଇଦ୍ରାବାଦ ବିପକ୍ଷରେ ତାଙ୍କ ପଦାର୍ପଣ ରଣ୍‌ଜୀ ମ୍ୟାଚ୍‌ରେ ଅପରାଜିତ ୨୬୭ ରନ କରି ବିଶ୍ୱ ରେକର୍ଡ କରିଛନ୍ତି।



# ଭାରତ କ୍ୱାର୍ଟର ଫାଇନାଲରେ

■ କ୍ରସ୍ ଓଭର ଖେଳିବେ ବେଲ୍‌ଜିୟମ, କାନାଡ଼ା

■ ୫୧ତମ ମିନିଟରେ ଅମିତ ରୋହିଦାସ ଦେଲେ ଗୋଲ

ଭୁବନେଶ୍ୱର, ୮।୧୨(କ୍ରୀଡ଼ା ପ୍ରତିନିଧି)

ଲଳିତ ଉପାଧ୍ୟାୟଙ୍କ ଡବଲ ଏବଂ ହରମନପ୍ରୀତ ସିଂ, ଚିଙ୍ଗଲେନସାନା ସିଂ କାଙ୍ଗୁଜାମ ଏବଂ ଓଡ଼ିଆ ତାରକା ଅମିତ୍ ରୋହିଦାସଙ୍କ ଗୋଲ ବଳରେ ଭାରତ କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପୁଲ୍‌'ସି'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ କାନାଡ଼ାକୁ ୫-୧ ଗୋଲରେ ହରାଇ ଦେଇଛି। ଏଥିସହ ଏହି ଗ୍ରୁପ୍‌ରୁ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ପୁଲ୍‌ର ଲିଗ୍ ପର୍ଯ୍ୟାୟ ଶେଷରେ ଭାରତ ଓ ବେଲଜିୟମର ପଏଣ୍ଟ ସମାନ ହୋଇଥିଲା। ୨ଟି ଯାକ ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳି ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଗୋଲ ବ୍ୟବଧାନରେ ଭାରତ ପୁଲ୍ 'ସି'ର ଶୀର୍ଷରେ ରହିବା ସହ ସିଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତ ୧୨ଟି ଗୋଲ ଦେଇଥିବାବେଳେ ମାତ୍ର ୩ଟି ବରଣ କରିଛି। ଏହାର ଗୋଲ ବ୍ୟବଧାନ ୯ ରହିଛି। ଅନ୍ୟପକ୍ଷରେ ବେଲ୍‌ଜିୟମ ୯ ଗୋଲ ଦେଇଥିବାବେଳେ ୪ ଗୋଲ ବରଣ କରିଛି। ତେଣୁ ଗୋଲ ବ୍ୟବଧାନ ୫ ରହିଛି। ତେଣୁ ବେଲ୍‌ଜିୟମକୁ ପଛରେ ପକାଇ ବାଜିମାରିଛି ଭାରତ। ଅନ୍ୟପକ୍ଷରେ ବେଲ୍‌ଜିୟମ ସହିତ କାନାଡ଼ା କ୍ରସ୍‌ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ବେଲ୍‌ଜିୟମ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ କାନାଡ଼ା ତୃତୀୟ ସ୍ଥାନରେ ରହି ଏହାର ଲିଗ୍ ଅଭିଯାନ ଶେଷ କରିଛି। ନିୟମ ଅନୁସାରେ, ୪ର୍ଥ ସ୍ଥାନୀୟ ଦଳ ଦକ୍ଷିଣ ଆଫ୍ରିକା ଏଲିମିନେଟ୍ ହୋଇଛି। କାନାଡ଼ା ଓ ଦକ୍ଷିଣ ଆଫ୍ରିକା ୩ଟି ଲେଖାଏ ମ୍ୟାଚ୍ ଖେଳି ୧ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଗୋଲ ବ୍ୟବଧାନରେ ପଛରେ ରହିବାରୁ ଦକ୍ଷିଣ ଆଫ୍ରିକାକୁ ବିଦାୟ ନେବାକୁ ପଡ଼ିଛି। କାନାଡ଼ା ୩ଟି ଗୋଲ ଦେଇଥିବାବେଳେ ୮ଟି ଗୋଲ ବରଣ କରିଛି। ଏହାର ଗୋଲ ବ୍ୟବଧାନ -୫ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ମାତ୍ର ୨ଟି ଗୋଲ ଦେବାକୁ ସକ୍ଷମ ହୋଇଥିବାବେଳେ ୧୧ଟି ☞ପୃଷ୍ଠା-୪



**ହକି ବିଶ୍ୱକପ୍**

ODISHA HOCKEY MEN'S WORLD CUP BHUBANESWAR 2018

**ଫଳାଫଳ**

**ଶନିବାର**

ପ୍ରଥମ ମ୍ୟାଚ

ବେଲଜିୟମ-୫
ଦକ୍ଷିଣ ଆଫ୍ରିକା-୧

ଦ୍ୱିତୀୟ ମ୍ୟାଚ

ଭାରତ-୫
କାନାଡ଼ା-୧

# ମହାବୀରକୁ ମାରିଛନ୍ତି ଶିକାରୀ

■ ଭୁଲ୍ ରିପୋର୍ଟ ଦେଇଥିଲା ବନ ବିଭାଗ

■ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ବନ୍ୟପ୍ରାଣୀ ବିଶେଷଜ୍ଞ



ଭୁବନେଶ୍ୱର, ୮।୧୨(ବ୍ୟୁରୋ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ମହାବଳ ବାଘ 'ମହାବୀର' ମୃତ୍ୟୁ ଘଟଣା ନୂଆମୋଡ଼ ନେଇଛି। ଝିଙ୍କ ଗିଳିବାରୁ ନୁହେଁ, ଶିକାରୀ ବସାଇଥିବା ଫାଶରେ ପଡ଼ିବା ଯୋଗୁ ବାଘଟି ପ୍ରାଣ ହରାଇଥିଲା। ବାଘ ମୃତ୍ୟୁ ଘଟଣାର ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନଟିସିଏ)ର ଫରେଷ୍ଟ ଆଇଜି ଅମିତ ମଲ୍ଲିକ ଏବଂ ୱାଇଲ୍ଡଲାଇଫ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର(ଡବ୍ଲ୍ୟୁଆଇଆଇ)ର କେ. ରମେଶ ବାଘ ମୃତ୍ୟୁର ତଦନ୍ତ କରି ଏନଟିସିଏ ଡିଜି ଅନୁପ କୁମାର ନାୟକଙ୍କୁ ଦେଇଥିବା ରିପୋର୍ଟରେ ଏହା ଦର୍ଶାଯାଇଛି। ଝିଙ୍କ ଗିଳିବା ଅଥବା ବାଘ-ବାଘ ମଧ୍ୟରେ ଲଢ଼େଇ ଯୋଗୁ 'ମହାବୀର'ର ମୃତ୍ୟୁ ଘଟିଥିବା ନେଇ ଯେଉଁ ସନ୍ଦେହ କରାଯାଉଥିଲା ତାହାକୁ ରିପୋର୍ଟରେ ଖଣ୍ଡନ କରାଯାଇଛି। ଅନ୍ୟପଟେ ରିପୋର୍ଟ ମିଳିବା ପରେ ବନ ବିଭାଗର ଦକ୍ଷତା ଏବଂ ଦାୟିତ୍ୱବୋଧ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାତକୋଶିଆରେ ବାଘ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବାବେଳେ ବନ ବିଭାଗ କିପରି ସତର୍କ ନ ରହି ମନମୁଖି କାର୍ଯ୍ୟ କରୁଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୨୧ରେ କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ 'ମହାବୀର'କୁ ସାତକୋଶିଆ ଅଣାଯାଇଥିଲା। ଗତ ନଭେମ୍ବର ୯ରେ ବାଘଟି ଫାଶରେ ପଡିଥିଲା ଓ ନଭେମ୍ବର ୧୪ରେ ତାର ମୃତଦେହ ଠାବ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ମଲ୍‌ଟିପୁଲ ଅର୍ଗାନ ଫେଲ୍ୟୁଅର ଯୋଗୁ ମହାବୀରର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ବେକରେ ଥିବା ଆଘାତ ଅଧିକ ସଂକ୍ରମିତ ହେବାରୁ ଅର୍ଗାନ ଫେଲ୍ୟୁଅର ହୋଇଥିବା ବନ ବିଭାଗ ତରଫରୁ କୁହାଯାଇଥିଲା। ଏପରି କି ପେଟରୁ ଝିଙ୍କ କାଠି ବାହାରିଥିଲା, ତେଣୁ ବାଘଟି ଝିଙ୍କ ମାରି ଖାଇଥିବା ପୂର୍ବରୁ ବନ ବିଭାଗ କହିଥିଲା। ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

## ଆଜିର ମନ୍ତବ୍ୟ

ଇରାନ ଉପରେ ଆମେରିକାର କଟକଣା ଅନ୍ୟାୟ ଏବଂ ବେଆଇନ। ଏହା ଆମେରିକାର ଅର୍ଥନୈତିକ ଆତଙ୍କବାଦ।

– ହାସନ ରୁହାନି, ଇରାନ ରାଷ୍ଟ୍ରପତି

## କିଛି ତଥ୍ୟ

୨୦୧୮ ଅକ୍ଟୋବର ଶେଷ ସୁଦ୍ଧା ଦେଶର ବୟନ ଏବଂ ପୋଷାକ ଶିଳ୍ପର ରପ୍ତାନି ୨୦୩.୫୩ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ

## ଆଜିର ସମ୍ପାଦକୀୟ

**ବାକ୍ ସ୍ୱାଧୀନତା**

**ଛୁଟିରେ ଗଲେ ଭିମ୍‌ସାର ନିର୍ଦ୍ଦେଶକ**

# ଆନ୍ଦୋଳନରୁ ଓହରିଲେ କନିଷ୍ଠ ଡାକ୍ତର

ସମ୍ବଲପୁର,୮।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର)ର ନିର୍ଦ୍ଦେଶକ-ଜୁନିୟର ଡାକ୍ତରଙ୍କ ମଧ୍ୟରେ ୨୦ ଦିନ ଧରି ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡିଛି। ସରକାରଙ୍କ କାରଣ ଦର୍ଶାଅ ନୋଟିସ ଓ ଛୁଟିରେ ଯିବାକୁ ନିର୍ଦ୍ଦେଶ ମିଳିବା ପରେ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ଛୁଟିରେ ଯାଇଛନ୍ତି । ଏହାପରେ ଶନିବାର ଅପରାହ୍ନ ୨ଟାରୁ ଜୁନିୟର ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଓପିଡି ଓ ନିଜ ନିଜ ବିଭାଗରେ ଯାଇ ସେମାନେ ରୋଗୀଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି । ଆନ୍ଦୋଳନକୁ କିଛିଦିନ ପାଇଁ ସ୍ଥଗିତ ରଖାଯାଇଛି। ସରକାରଙ୍କ ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା ରହିଛି ବୋଲି ଜୁନିୟର ଡକ୍ଟର ଆସୋସିଏଶନ(ଜେଡିଏ) ଉପସଭାପତି ହିମାଂଶୁ ମିଶ୍ର କହିଛନ୍ତି । ସେହିପରି ନିର୍ଦ୍ଦେଶକ ପୂଜାହାରୀ କହିଛନ୍ତି,ତାଙ୍କୁ ସରକାର ଛୁଟିରେ ଯିବାକୁ କହିଛନ୍ତି। ୩ ଦିନ ଭିତରେ ସେ ସମସ୍ତ ଅଭିଯୋଗ ଉପରେ ରିପୋର୍ଟ ଦାଖଲ କରିବେ। ରାଜ୍ୟ ସରକାର ନିର୍ଦ୍ଦେଶକଙ୍କ ବିରୋଧରେ ଏହି ପଦକ୍ଷେପ ନେଇଥିବାରୁ ଜେଡିଏ ଆନ୍ଦୋଳନରୁ ଓହରି ଯାଇଥିବା କହିଛି। ତେବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶକଙ୍କୁ ସମର୍ଥନ କରି ଶନିବାର ବୁର୍ଲା ଓ ସମ୍ବଲପୁରରେ ରାଲି, ଧାରଣା ଅନୁଷ୍ଠିତ ହୋଇଛି । ସନ୍ଧ୍ୟାରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ନିର୍ଦ୍ଦେଶକ ପୂଜାହାରୀ କୌଣସି ଅପରେଶନ କରିବେ ନାହିଁ ବୋଲି କଲେଜ ଅଧ୍ୟକ୍ଷ, ସ୍ୱାସ୍ଥ୍ୟ ସଚିବଙ୍କୁ ଶୁକ୍ରବାର ପତ୍ର ଲେଖିଥିଲେ । ଅନ୍ୟପକ୍ଷେ ସ୍ୱାସ୍ଥ୍ୟସଚିବ ପ୍ରମୋଦ ମେହେର୍ଦ୍ଦା ☞ପୃଷ୍ଠା-୪

ଢେଙ୍କାନାଳ ଶେଲ୍‌ଟର ହୋମ ଯୌନଶୋଷଣ ମାମଲା

# ତଦନ୍ତ ନିର୍ଦ୍ଦେଶ ଦେଲେ ମାନେକା ଗାନ୍ଧୀ

■ ସମସ୍ତ ଶିଶୁଗୃହ ଯାଞ୍ଚ କରିବ ଏନ୍‌ସିପିସିଆର

■ କାର୍ଯ୍ୟାନୁଷ୍ଠାନ ଲାଗି ରାଜନାଥଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

ଢେଙ୍କାନାଳ ସଦର ବ୍ଲକ ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଯୌନ ଶୋଷଣ ମାମଲା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ସମ୍ବେଦନଶୀଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ। ଏଥିସହିତ ରାଜ୍ୟରେ ଥିବା ସମସ୍ତ ଶେଲ୍‌ଟର ହୋମଗୁଡ଼ିକର ଯାଞ୍ଚ କରିବାକୁ ସେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ☞ପୃଷ୍ଠା-୪

**CBSE Exam Mate**

ପୃଷ୍ଠା -୧୫






NECC NATIONAL EGG CO-ORDINATION COMMITTEE 08.12.2018 Venco CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 79 | 131 | 141 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers




*ସାବୁନ ତୁଳନାରେ ସଫେଇ, ସତେଜତା ଆଉ ସୁଗନ୍ଧର ପରିମେୟ ଲକ୍ଷଣ ଆଧାରରେ, ଅକ୍‌ଟୋବର 2017 ରେ କାଣ୍ଟାର୍ IMRB କୃତ ଅଧ୍ୟୟନ ଅନୁସାରେ । ମାଲ୍ ଥିବା ଯାଏଁ ଅଫର୍ ବୈଧ ।




# ନିଃସନ୍ତାନ ଦମ୍ପତିଙ୍କ ପାଇଁ ନିଃଶୁଳ୍କ ପରାମର୍ଶ ଶିବିର

ଏବେ ଆପଣଙ୍କ ସହରରେ

| ରାଉରକେଲା | ଝାରସୁଗୁଡା | ବରଗଡ |
|---|---|---|
| ୧୪–୧୨–୨୦୧୮ | ୧୫–୧୨–୨୦୧୮ | ୧୬–୧୨–୨୦୧୮ |
| SMS IVF DK Sent to 56677 — ସିଟ୍ ବୁକ୍ କରିବା ପାଇଁ IVF<space>DK ଲେଖିକରି 56677 ରେ SMS ପଠାନ୍ତୁ | SMS IVF DR Sent to 56677 — ସିଟ୍ ବୁକ୍ କରିବା ପାଇଁ IVF<space>DR ଲେଖିକରି 56677 ରେ SMS ପଠାନ୍ତୁ | SMS IVF DG Sent to 56677 — ସିଟ୍ ବୁକ୍ କରିବା ପାଇଁ IVF<space>DG ଲେଖିକରି 56677 ରେ SMS ପଠାନ୍ତୁ |

**ଶିବିର ରେ ଭାଗ ନେବା ପାଇଁ ସମ୍ପର୍କ କରନ୍ତୁ 7412077811**

## ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍

ଦ୍ୱିତୀୟ ମହଲା, ତ୍ରିପଲେକ୍ସ ପ୍ଲଟ୍‌ନଂ.12, ଗଜପତି ନଗର, ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ହେଲ୍ପଲାଇନ୍: 07665009964/ 65 | ୱେବସାଇଟ୍: www.indiraivf.com | ଇ–ମେଲ : help@indiraivf.in

କେଉଁମାନେ ନିଃଶୁଳ୍କ ପରାମର୍ଶ ପାଇଁ ସମ୍ପର୍କ କରିପାରିବେ

**ମହିଳା**

- ଅବରୁଦ୍ଧ ଗର୍ଭ ନଳୀ
- ଅନିୟମିତ ଋତୁଚକ୍ର
- ଡିମ୍ବାଣୁ ଗଠନରେ ସମସ୍ୟା
- ଅସମୟରେ ଡିମ୍ବାଣୁ ନଷ୍ଟ ହେବା

**ପୁରୁଷ**

- ସ୍ୱଳ୍ପ ଶୁକ୍ରାଣୁ ଗଣତି
- ଶୁକ୍ରାଣୁ ହିନତା
- ସ୍ୱଳ୍ପ ଶୁକ୍ରାଣୁ ସଜୀବତା
- ଦୁର୍ବଳ ମାନର ଶୁକ୍ରାଣୁ

**ଉପଲବ୍ଧ ସେବାଗୁଡ଼ିକ–**
ଗର୍ଭଧାରଣ ସମସ୍ୟାର ନିରୁପଣ, ଆଇ.ୟୁ.ଆଇ, ଆଇ.ଭି.ଏଫ୍, ଆଇ.ସି.ଏସ୍.ଆଇ, ଲେଜର ହ୍ୟାଚିଂ ବ୍ଲାଷ୍ଟୋସିଷ୍ଟ, ଲାପାରୋସ୍କୋପି, ହିଷ୍ଟେରୋସ୍କୋପି ଡୋନୋର ସର୍ଭିସ୍

ନିଜର ପ୍ରଶ୍ନଗୁଡିକୁ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିବାକୁ କଲ୍ କରନ୍ତୁ
**7412077812** (11 AM to 2 PM)

- 52 Centres PAN India
- Treatment protocol as per individual need
- Patient friendly treatment options

'बेटी बचाओ/बेटी पढ़ाओ' अभियान में सहयोग करें। भ्रूण लिंग परीक्षण करवाना जघन्य अपराध है, यह कार्य हमारे यहां नहीं किया जाता है।
Prenatal Sex Determination & Sex Selection is illegal and not done here.

Disclaimer : The models used in the creative is just for illustration purpose only.



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ ମରିଥାନ୍ତି। - ତୁଳସୀ ଦାସ

**ସଂକ୍ଷେପରେ**

## ସମୁଦୁଣୀଙ୍କ ତଣ୍ଟି କାଟିଲେ ସମୁଦି

ବୁଗୁଡା,୮।୧୨(ଡି.ଏନ.ଏ.): ଗଞ୍ଜାମ ଜିଲା ବୁଗୁଡା ଥାନା ଅନ୍ନପୂର୍ଣ୍ଣାନଗର ସାହିରେ ଶନିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଝିଅର ଶାଶୁ (ସମୁଦୁଣୀଙ୍କୁ) ହତ୍ୟା କରିଛନ୍ତି ସମୁଦି। ମୃତକ ହେଲେ କନକ ସାହୁ (୫୦)। ଏନେଇ କନକଙ୍କ ସ୍ୱାମୀ କବିଚନ୍ଦ୍ର ବୁଗୁଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୯୭/୧୮ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଅର ଶଶୁର (ସମୁଦି) ଏହି ହତ୍ୟାକାଣ୍ଡ ଘଟାଇଥିବା କବିଚନ୍ଦ୍ର ଏତଲାରେ ଦର୍ଶାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ପ୍ରକାଶ ଯେ, କବିଚନ୍ଦ୍ରଙ୍କ ବଡପୁଅ ଜଗନ୍ନାଥପ୍ରସାଦ ଥାନା ପଛାଧାରର ବସନ୍ତ ସାହୁ ଓରଫ ପଦ୍ମନାଭଙ୍କ ଝିଅଙ୍କୁ ବିବାହ କରିଥିଲେ। ୩୦ ଅକ୍ଟୋବର ୨୦୧୭ରେ ପଦ୍ମନାଭଙ୍କ ଝିଅଙ୍କର ମୃତ୍ୟୁ ହୋଇଥିଲା। ଶାଶୁଘର ଲୋକେ ତାଙ୍କ ଝିଅଙ୍କୁ ଶ୍ୱାସରୁଦ୍ଧ କରି ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ କବିଚନ୍ଦ୍ରଙ୍କ ୨ ପୁଅ ଏବେ ଜେଲରେ ଅଛନ୍ତି। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। କବିଚନ୍ଦ୍ର ଗାଁ ଗାଁ ବୁଲି ବାସନ ବ୍ୟବସାୟ କରନ୍ତି। ଶନିବାର ବ୍ୟବସାୟ କରିବାକୁ ଯାଇଥିବାବେଳେ ଘରେ ସ୍ତ୍ରୀ କନକ ଏକୁଟିଆ ଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ପଦ୍ମନାଭ ଆସି ପାଟିତୁଣ୍ଡ କରୁଥିବା କନକ ସ୍ୱାମୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ମାତ୍ର ଚାର୍ଜ ସରିଯିବାରୁ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ପରେ କବିଚନ୍ଦ୍ର ବ୍ୟବସାୟ ଛାଡି ଘରକୁ ଫେରି ଆସିଥିଲେ। ଫେରିବା ବାଟରେ ସମୁଦି ପଦ୍ମନାଭ ଯାଉଥିବା ଦେଖି ଡାକିଥିଲେ ମଧ ସେ ନ ଶୁଣି ଚାଲିଯାଇଥିଲେ। ଘରକୁ ଫେରି କବିଚନ୍ଦ୍ର ସ୍ତ୍ରୀଙ୍କ ତଣ୍ଟି କଟାଯାଇଥିବା ଓ ରକ୍ତ ଜୁଡୁବୁଡୁ ମୃତଦେହ ଚଟାଣରେ ପଡିଥିବା ଦେଖିଥିଲେ। ବୁଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପଦ୍ମନାଭ ପୂର୍ବରୁ ମୋ ପରିବାରକୁ ହତ୍ୟା ଧମକ ଦେଇ ଆସୁଥିବାବେଳେ ଏକୁଟିଆର ସୁଯୋଗ ନେଇ ମୋ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି ବୋଲି କବିଚନ୍ଦ୍ର ପୋଲିସକୁ କହିଛନ୍ତି।

# ବଙ୍ଗୋପସାଗରରେ ଲଘୁଚାପ

- ୧୪ରେ ବର୍ଷା ସମ୍ଭାବନା
- ଧାନ ଅମଳ କରି ନେବାକୁ ପରାମର୍ଶ
- ଖସିଲା ପାରଦ, ଫୁଲବାଣୀ ୬.୮ ଡିଗ୍ରୀ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ତାମିଲନାଡୁ ଉପକୂଳରେ ସୃଷ୍ଟି ହୋଇଥିବା ଟ୍ରଫ୍‌ଲାଇନ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବ। ଏହା ଧୀରେ ଧୀରେ ଘନୀଭୂତ ହେବା ସମ୍ଭାବନା ରହିଛି। ଆସନ୍ତା ୧୪ ତାରିଖ ବେଳକୁ ଲଘୁଚାପ ଡିପ୍ରେସନ(ଅବପାତ)ରେ ପରିଣତ ହେବ ବୋଲି ଅନୁମାନ କରାଯାଉଛି। ଏହା ସାଇକ୍ଲୋନିକ ଷ୍ଟର୍ମ(ଝଡ଼) ରୂପ ନେବ କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ଆସନ୍ତା ୧୧ କିମ୍ବା ୧୨ ତାରିଖ ବେଳକୁ ଲଘୁଚାପର ଗତିବିଧି ବିଷୟରେ ଜଣାପଡ଼ିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ କହିଛନ୍ତି। ଡିସେମ୍ବରରେ ଓଡ଼ିଶା ପାଇଁ ବାତ୍ୟା ଭୟ ପ୍ରାୟତଃ ନ ଥାଏ। ଯଦି ଲଘୁଚାପ ବାତ୍ୟା ରୂପ ନିଏ କିମ୍ବା ଏହା ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶ ମଧ ଦେଇ ଗତି କରେ ତେବେ ଉପକୂଳ କିମ୍ବା ଦକ୍ଷିଣ ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି। ବର୍ତ୍ତମାନ ଧାନ ବିଲରେ ପଡ଼ିଛି। ବର୍ଷା ସମ୍ଭାବନା ଥିବାରୁ ଚାଷୀମାନେ ଧାନ ଖଳାକୁ ନେଇ ଯିବାକୁ ପରାମର୍ଶ ଦିଆଯାଇଛି।

ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଆସନ୍ତା ୧୨ ତାରିଖ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। ଏହି ସମୟରେ ସର୍ବନିମ୍ନ ତାପମାତ୍ରା ୧ରୁ ୨ ଡିଗ୍ରୀ ଯାଏ ହ୍ରାସ ପାଇବ। ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତର ପ୍ରଭାବ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ପାରଦ ୧ରୁ ୨ ଡିଗ୍ରୀ ତଳକୁ ଖସିଛି। ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗିବାଡିରେ ୯, ବାଲେଶ୍ୱରରେ ୧୩, ଅନୁଗୋଳରେ ୧୨, ବାରିପଦାରେ ୧୨, ଝାରସୁଗୁଡ଼ାରେ ୧୧.୭, କେନ୍ଦୁଝରରେ ୧୦.୬ ଏବଂ ସୁନ୍ଦରଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।




### ତିତ୍‌ଲି: ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

## ଏନ୍‌ଡିଆର୍‌ଏଫ୍ ପାଣ୍ଠିରୁ ତୁରନ୍ତ ସହାୟତା ମିଳୁ

ଭୁବନେଶ୍ୱର,୮।୧୨(ବ୍ୟୁରୋ): ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏନଡିଆରଏଫ)ରୁ ଓଡ଼ିଶା ପାଇଁ ଅତିରିକ୍ତ ସହାୟତା ରାଶି ପ୍ରଦାନ ସକାଶେ ତ୍ୱରିତ ବିଚାର କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ସେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସଚିବ ରାଜୀବ ଗୌବାଙ୍କ ସହ ମଧ କଥା ହୋଇ ଏ ସମ୍ପର୍କରେ ଟୁଇଟ୍ କରି ଅନୁରୋଧ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦାବି ଉପରେ ଖୁବ୍‌ଶୀଘ୍ର ସକାରାତ୍ମକ ବିଚାର କରିବାକୁ ଉଭୟ ପ୍ରତିଶ୍ରୁତି ଦେଇଥିବା ଧର୍ମେନ୍ଦ୍ର କହିଛନ୍ତି। ରାଜନାଥ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ତିତ୍‌ଲି ବାତ୍ୟା ଦ୍ୱାରା ପ୍ରଭାବିତ ଆନ୍ଧ୍ରପ୍ରଦେଶ ସହ ଅନ୍ୟ ରାଜ୍ୟକୁ ଅତିରିକ୍ତ ସହାୟତା ପ୍ରଦାନକୁ ଅନୁମୋଦନ କରାଯାଇଛି। ହେଲେ ଓଡ଼ିଶାକୁ ଅତିରିକ୍ତ ସହାୟତା ମିଳିବା ନେଇ କେତେକ ମହଲରେ ଆଶଙ୍କା ପ୍ରକାଶ କରାଯାଇଥିଲା।

# କଂଗ୍ରେସ କନ୍ଦଳ: ଶ୍ରୀକାନ୍ତ-ନିରଞ୍ଜନ ମୁହାଁମୁହିଁ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ନିକଟତର ହୋଇଥିବା ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଅପେକ୍ଷା ପ୍ରଦେଶ କଂଗ୍ରେସ କମିଟିରେ ଆରୋପ-ପ୍ରତ୍ୟାରୋପ ଅଧିକ ଦେଖିବାକୁ ମିଳୁଛି। ଖୋଦ୍ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଛି। ଶନିବାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିରଞ୍ଜନ କହିଛନ୍ତି ଯେ, ଶ୍ରୀକାନ୍ତ ବାବୁ କେତେବେଳେ କ'ଣ କହିଥାନ୍ତି, ତାହା କାହାକୁ ଜଣା ନ ଥାଏ। ସେ ଏମିତି ବହୁତ ଗପ କହିଥାନ୍ତି। ଅତୀତରେ ବିଜୁବାବୁଙ୍କ କ୍ଷେତ୍ରରେ ମଧ ସେ ଏଣୁତେଣୁ ଗପିଛନ୍ତି। କଂଗ୍ରେସରେ ସ୍ୱଚ୍ଛତା ଅଛି ନା ନାହିଁ, ତାହା ସମୟ ଆସିଲେ ଜଣାପଡ଼ିବ ବୋଲି ନିରଞ୍ଜନ କହିଛନ୍ତି।

ଅପରପକ୍ଷରେ ନିରଞ୍ଜନଙ୍କ ଏପରି ଆକ୍ଷେପକୁ ଜବାବ ଦେଇଛନ୍ତି ଶ୍ରୀକାନ୍ତ। ସେ କହିଛନ୍ତି, ଗପ କହିବା ପାଇଁ ବି ଅଭ୍ୟାସ ଦରକାର। ଖଣି ଲୁଟେରାଙ୍କ ନାଁ ସର୍ବସାଧାରଣରେ ପ୍ରକାଶ ନ ହେବାରେ ରାଜ୍ୟ ସରକାରଙ୍କ ହାତ ରହିଛି। ଯଦି ସେ ବ୍ୟବସାୟ କରିନାହାନ୍ତି। ତେବେ ଏସବୁ କଥାକୁ ନେଇ ଉତ୍ତର କାହିଁକି ଦେଉଛନ୍ତି। କାହା ସହ ବ୍ୟକ୍ତିଗତ ଶତ୍ରୁତା ନାହିଁ। କଂଗ୍ରେସରୁ ବିମୁଖ ହୋଇଥିବା ବହୁଜନ ଭୋଟ୍‌କୁ ଫେରାଇ ଆଣିବା ପାଇଁ ନିରଞ୍ଜନ ବାବୁ ଉଦ୍ୟମ କରନ୍ତୁ। ନ ଡାକିଲେ ବି ତାଙ୍କ ପଛରେ ଛିଡ଼ା ହେବି ବୋଲି ଶ୍ରୀକାନ୍ତ କହିଛନ୍ତି। ଅପରପକ୍ଷରେ ତାଙ୍କ ନାଁରେ ଖଣି ନ ଥିବା ପିସିସି ସଭାପତି ନିରଞ୍ଜନ କହିବା ପରେ କିଛି ତଥ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି, ଯାହାକୁ ନେଇ କଂଗ୍ରେସ ରାଜନୀତି ଜୋର ଧରିଛି। ଭିତିରିସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଶ୍ରୀକାନ୍ତଙ୍କୁ ବିଦା କରିବା ପାଇଁ ନିରଞ୍ଜନ କ୍ଷେତ୍ର ପ୍ରସ୍ତୁତ କରିସାରିଛନ୍ତି। ମୟୂରଭଞ୍ଜ ବିଜାତଳା ଜିଲାପରିଷଦ ଉପନିର୍ବାଚନରେ କଂଗ୍ରେସ ଅମାନତ ହରାଇଛି। ଉକ୍ତ ପ୍ରସଙ୍ଗ ଯେପରି ଗଣମାଧ୍ୟମରେ ଚର୍ଚ୍ଚା ନ ରୁହେ, ସେଥିପ୍ରତି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

## ଖାତରେ ବସ୍ ଖସି ୧୪ ମୃତ



ଜମ୍ମୁ,୮।୧୨(ପି.ଟି.)

ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲାରେ ଶନିବାର ବସ୍ ଦୁର୍ଘଟଣାରେ ୪ ମହିଳାଙ୍କ ସମେତ ୧୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୧୭ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ହେଲିକପ୍ଟର ଯୋଗେ ଜମ୍ମୁର ସରକାରୀ ମେଡିକାଲ୍ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଲୋରାନରୁ ପୁଞ୍ଚ ଅଭିମୁଖେ ଯାଉଥିବା ବସ୍‌ଟି ୧୦୦ ମିଟର ଗଭୀର ଖାତକୁ ଖସିପଡିଥିଲା। ମଣ୍ଡି ଅଞ୍ଚଳର ପ୍ଲେରାଠାରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ହସ୍ପିଟାଲ ନେବା ବାଟରେ ୫ ଜଣ ଏବଂ ହସ୍ପିଟାଲରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ପାର୍ବତ୍ୟାଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାର ତଦନ୍ତ ଲାଗି ରାଜ୍ୟ କଂଗ୍ରେସ କମିଟି ଦାବି କରିଛି। ଏଥିସହିତ ମୃତକଙ୍କ ସମ୍ପର୍କୀୟ ଏବଂ ଆହତମାନଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦଳ ପକ୍ଷରୁ ଦାବି ହୋଇଛି।

## ଆଜି ବିଜେଡି ସଂସଦୀୟ ଦଳ ବୈଠକ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଆସନ୍ତା ୧୧ ତାରିଖରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବ। ଏଥିନିମନ୍ତେ ନବୀନ ନିବାସରେ ରବିବାର ବିଜେଡି ସଂସଦୀୟ ଦଳ ବୈଠକ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ। ବିଜେଡି ପକ୍ଷରୁ କେଉଁ ପ୍ରସଙ୍ଗ ଲୋକ ସଭା ଏବଂ ରାଜ୍ୟ ସଭାରେ ଉପସ୍ଥାପନ କରାଯିବ, ସେ ନେଇ ବିସ୍ତୃତ ଭାବେ ଆଲୋଚନା ହେବ। ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ ଆରମ୍ଭ କରିଛନ୍ତି। ଏନେଇ ନିକଟରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତ ସଂକଳ୍ପ ଗୃହୀତ ହେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଛନ୍ତି। ତେଣୁ ଏହି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଦୃଢ଼ ଭାବରେ ଉପସ୍ଥାପନ କରିବା ଉପରେ ଦଳ ଗୁରୁତ୍ୱ ଦେବ। ସେହିପରି ପୋଲାଭରମ୍, ମହାନଦୀ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଏବଂ ଏସ୍‌ସି,ଏସ୍‌ଟି ଛାତ୍ରୀଛାତ୍ରଙ୍କ ଭତ୍ତା ଅନୁଦାନ ହ୍ରାସ ପ୍ରସଙ୍ଗ ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି।

ଗୁଜବ ଆଉ ମିଛ ଖବର କୁ WhatsApp ରେ ପ୍ରସାରିତ ହେବା ରୁ ଅଟକାଇବାରେ ସାହାଯ୍ୟ କରନ୍ତୁ

1. ଏଭଳି ଖବରଙ୍କୁ ଚିହ୍ନନ୍ତୁ, ଯାହା ମିଛ (ଫେକ୍) ହୋଇଥାଇ ପାରେ

ଏଭଳି ସଙ୍କେତଙ୍କୁ ଯାଞ୍ଚ କରନ୍ତୁ, ଯାହା ଖବର ସତ କି ମିଛ ଜାଣିବାରେ ସାହାଯ୍ୟ କରିବ । ଉଦାହରଣ ରୂପେ, ଫର୍‌ୱାର୍ଡେଡ୍ ମେସେଜ୍‌ସବୁ, ଯାହାର କୌଣସି ଉତ୍ସ ନଥିବ, ପ୍ରମାଣ ନଥିବ ବା ଯାହା ଆପଣଙ୍କୁ ଉସ୍‌କାଉଥିବ, ସଙ୍କେତ ହୋଇପାରେ ଯେ ତାହା ସତ୍ୟ ନୁହେଁ । ଆପଣଙ୍କୁ ଭ୍ରମରେ ପକାଇବା ପାଇଁ ଫୋଟୋ, ଭିଡିଓ ଏବଂ ଭଏସ୍ ରେକର୍ଡିଙ୍ଗଗୁଡିକୁ ମଧ ଏଡିଟ୍ କରାଯାଇପାରିବ।

2. ଅନ୍ୟ ଉତ୍ସରୁ ସେଗୁଡ଼ିକୁ ଯାଞ୍ଚ କରନ୍ତୁ

ସତ୍ୟ ଜାଣିବା ପାଇଁ, ଅନ୍‌ଲାଇନ୍ ସର୍ଚ୍ଚ କରନ୍ତୁ ଏବଂ ନିର୍ଭରଯୋଗ୍ୟ ସମାଚାର ସାଇଟ୍ ରୁ ଜାଣନ୍ତୁ ଯେ ଏହି ଷ୍ଟୋରୀ କେଉଁଠୁ ଆସିଛି । ତଥାପି ସନ୍ଦେହ ରହିଲେ, ସତ୍ୟତା ଯାଞ୍ଚ କରୁଥିବା ୱେବ୍‌ସାଇଟ୍‌ସ, ଭରସାଯୋଗ୍ୟ ବ୍ୟକ୍ତି ବା କମ୍ୟୁନିଟୀ ଲୀଡର୍ ମାନଙ୍କ ଠାରୁ ଅଧିକ ଖବର ସଂଗ୍ରହ କରନ୍ତୁ ।

3. ଗୁଜବ ବ୍ୟାପିବା ଅଟକାନ୍ତୁ

ଆପଣଙ୍କୁ କିଛି ଫେକ୍ ଲାଗୁଥିଲେ, ଲୋକଙ୍କୁ କୁହନ୍ତୁ ଯେ ଖବର ଶେୟାର୍ କରିବା ଆଗରୁ ତାକୁ ଯାଞ୍ଚ କରନ୍ତୁ । ମେସେଜ୍ କୁ ଏଇଥିପାଇଁ ଶେୟାର୍ କରନ୍ତୁନି ଯେ କେହି ଆପଣଙ୍କୁ ଶେୟାର୍ କରିବାକୁ କହୁଛି, ତେଣିକି ସିଏ ଆପଣଙ୍କ ମିତ୍ର ହେଉ ପଛେ !

ଖୁସି ବାଣ୍ଟନ୍ତୁ, ଗୁଜବ ନୁହେଁ ।



“ ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁଡ୍‌ଲୁ – ପରିବାରବର୍ଗ | ତନୁଶ୍ରୀ – ପରିବାରବର୍ଗ | ଫିଲିପ୍ – ପରିବାରବର୍ଗ | ଅନ୍ୱେଶା – ପରିବାରବର୍ଗ | ଅଜୟ – ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପୁରୀ ଲୋକ ସଭା ଆସନରୁ ମୋଦିଙ୍କ ପ୍ରାର୍ଥିତ୍ୱ ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀଙ୍କ ପାଇଁ ଚାଲିଛି ଗୁପ୍ତ ସର୍ବେକ୍ଷଣ: ପିନାକୀ

**ନୟାଗଡ଼ ଅଫିସ,୮।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରେ ପ୍ରାର୍ଥୀ ହେବା ନେଇ କିଛିଦିନ ହେବ ଗୁଜବ ହେଉଛି। ମୋଦି ଯଦି ପୁରୀ ଆସି ବାନ୍ଧିହେବାକୁ ଚାହୁଁଛନ୍ତି, ତେବେ ଆମେ ତାଙ୍କୁ ସ୍ୱାଗତ କରିବୁ ବୋଲି କହିଛନ୍ତି ପୁରୀ ଏମ୍‌ପି ପିନାକୀ ମିଶ୍ର। ଶନିବାର ନୟାଗଡ଼ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି କଥା କହିଛନ୍ତି। ପିନାକୀ କହିଛନ୍ତି ଯେ, ମୋଦିଙ୍କ ପାଇଁ ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀ ସୁରକ୍ଷିତ କି ନୁହେଁ, ସେନେଇ ଭାଜପା ଗୁପ୍ତ ସର୍ବେକ୍ଷଣ କରୁଥିବା ଶୁଣିବାକୁ ମିଳୁଛି। ଯଦି ପୁରୀ ଲୋକ ସଭା ଆସନ ମୋଦିଙ୍କ ପାଇଁ ସୁରକ୍ଷିତ ସିଟ୍ ନୁହେଁ, ତେବେ ତାହା ଆଉ କାହା ପାଇଁ ସୁରକ୍ଷିତ ହେବ ଦେଖିବା। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଦି ଚାହିଁବେ, ତେବେ ମୋଦିଙ୍କ ସହ ସେ ଲଢ଼ିବେ ବୋଲି ପିନାକୀ କହିଛନ୍ତି।

# ଲିଓନ୍ ବିଶ୍ୱ ସୁନ୍ଦରୀ

**ବେଜିଂ,୮।୧୨(ପି.ଟି)**

ମେକ୍ସିକୋର ଭାନେସା ପୋନ୍ସ ଡି ଲିଓନ୍ ଶନିବାର ବିଶ୍ୱସୁନ୍ଦରୀ-୨୦୧୮ ମୁକୁଟ ବିଜୟିନୀ ହୋଇଛନ୍ତି। ଚାଇନାର ସାନ୍ୟା ସହରରେ ବିଶ୍ୱସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାରତର ଅନୁକ୍ରିଥି ଭାସ୍ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ହେଁ ସର୍ବଶ୍ରେଷ୍ଠ ୩୦ମଧ୍ୟରେ ରହିପାରି ନାହାନ୍ତି। ୧୯ ବର୍ଷୀୟା ଭାସ୍ ତାମିଲନାଡୁର ବାସିନ୍ଦା। ଚଳିତବର୍ଷ ଜୁନ୍‌ରେ ସେ ମିସ୍ ଇଣ୍ଡିଆ ହୋଇଥିଲେ। ଥାଇଲାଣ୍ଡର ନିକୋଲିନି ପାଇଚାପା ଲିମ୍‌ସନୁକାନଙ୍କୁ ପ୍ରଥମ ରନର୍ସ-ଅପ୍ ଘୋଷଣା କରାଯାଇଛି। ପ୍ରଥମ ୫ ସୁନ୍ଦରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଛନ୍ତି ବେଲାରୁସ୍‌ର ମାରିଆ ଭାସିଲେଭିଚ୍, ଜାମାଇକାର କାଡିଜା ରବିନସନ୍ ଏବଂ ଉଗାଣ୍ଡାର କ୍ୱିନ୍ ଆବେନାକ୍ୟୋ।

ପୂର୍ବତନ ବିଶ୍ୱସୁନ୍ଦରୀ ମାନୁସୀ ଛିଲ୍ଲାର ନୂଆ ବିଜେତାଙ୍କୁ ମୁକୁଟ ପିନ୍ଧାଇଥିଲେ। ସୁନ୍ଦରୀ ପ୍ରତିଯୋଗିତାରେ ୧୧୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୬ବର୍ଷ ବୟସ୍କା ବିଶ୍ୱସୁନ୍ଦରୀ ଲିଓନ୍ ତାଙ୍କ ପ୍ରତିକ୍ରିୟାରେ କହନ୍ତି, ‘ଏହାକୁ ମୁଁ ବିଶ୍ୱାସ କରିପାରୁ ନାହିଁ। ସମର୍ଥନ ଜଣାଇଥିବା ସମଗ୍ର ମେକ୍ସିକୋବାସୀଙ୍କର ଏହା ଶ୍ରେୟ। ଦେଶବାସୀ ଯାହା ଇଚ୍ଛା କରୁଥିଲେ ତାହା ଫଳବତୀ ହୋଇଛି। ପ୍ରତ୍ୟେକଙ୍କୁ ଧନ୍ୟବାଦ।’



ବିଶ୍ୱସୁନ୍ଦରୀ ଲିଓନ୍‌ଙ୍କୁ ପୂର୍ବତନ ବିଜୟିନୀ ମାନୁସୀ ଛିଲ୍ଲାର ମୁକୁଟ ପିନ୍ଧାଉଛନ୍ତି।

# ଘରୁ ଡାକି ନେଇ ନାବାଳିକାଙ୍କୁ ହତ୍ୟା

**ଭେଡ଼େନ/ ଅତାବିରା, ୮।୧୨ (ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ମୃତଦେହକୁ ଶନିବାର ପୋଲିସ ଉଦ୍ଧାର କରିଛି । ସଂପୃକ୍ତ ନାବାଳିକାଙ୍କୁ ୩ ଜଣ ନାବାଳକ ତାଙ୍କ ଘରୁ ଡ଼ାକି ନେଇଥିଲେ । ଏହାର ୪ ଦିନ ପରେ ବିନ୍ଧ୍ୟବାସିନୀ ପାହାଡ଼ରୁ ନାବାଳିକାଙ୍କ ମୃତଦେହ ମିଳିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ୨ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି । ସୂଚନା ଅନୁସାରେ, ଗତ ୩ ତାରିଖରେ ଭେଡେନ ଥାନା ତଥା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଥୁଆପାଲି ଗ୍ରାମର ଜଣେ ନାବାଳକ ଅନ୍ୟ ୨ ସାଙ୍ଗଙ୍କ ସହ ମିଶି ଫଟାଟିକ୍ରା ଗ୍ରାମର ଜଣେ ନାବାଳିକାଙ୍କୁ ଘରୁ ଡ଼ାକି ନେଇଥିଲେ । ଏହା ପରେ ନାବାଳିକା ଜଣକ ଆଉ ଘରକୁ ଫେରି ନ ଥିଲେ। ଶେଷରେ ନାବାଳିକାଙ୍କ ମା’ ଏ ନେଇ ରୁଷୁଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ । ସେତେବେଳେ ପୋଲିସ ତାଙ୍କ ଅଭିଯୋଗକୁ ହାଲୁକା ଭାବେ ଗ୍ରହଣ କରିଥିଲା । ଶୁକ୍ରବାର ରାତିରେ ସଂକ୍ରୀଡ଼ା ଗ୍ରାମପଞ୍ଚାୟତ ଅଧୀନ ବିନ୍ଧ୍ୟବାସିନୀ ପାହାଡ଼ରେ ସେହି ନାବାଳିକଙ୍କ ମୃତଦେହ ପଡ଼ିଥିବା ଖବର ମିଳିଥିଲା। ନାବାଳିକାଙ୍କ ମା’ ଏ ନେଇ ଭେଡ଼େନ ଥାନାକୁ ଜଣାଇଥିଲେ । ପୋଲିସ ରାତିରେ ପାହାଡ଼ ଉପରେ ପହଞ୍ଚି ମୃତଦେହକୁ ଜଗି ରହିଥିଲା। ଶନିବାର ଭେଡ଼େନ ଥାନା ଆଇଆଇସି ତାରା ଜସ୍ମିନ ଗୁଡ଼ିଆ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ । ମୃତଦେହକୁ ପାହାଡ଼ ତଳକୁ ଆଣିବା ପରେ ନାବାଳିକାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବା ଦାବିରେ ଗ୍ରାମବାସୀ ମୃତଦେହକୁ ଛାଡି ନ ଥିଲେ । ଫଳରେ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା । ପରେ ଆଇଆଇସି ଗୁଡ଼ିଆ ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯିବା, ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯାଇଥିଲା । ଏ ନେଇ ଭେଡ଼େନ ଥାନା ଅଧିକାରୀ ତାରାଜସ୍ମିନ ଗୁଡ଼ିଆଙ୍କୁ ପଚରାଯିବାରୁ ଏହି ଘଟଣାକୁ ନେଇ ଥାନାରେ ଏକ ମାମଲା (ନଂ.୨୪୫/୧୮) ରୁଜୁ ହୋଇଛି । ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ସେ କହିଛନ୍ତି।

# ୧ ହଜାର ଭିନ୍ନକ୍ଷମଙ୍କୁ ମିଳିବ ଦକ୍ଷତା ବିକାଶ ତାଲିମ

## ସ୍ଥାପନ ହେବ ୧୦୦ ଆଦର୍ଶ କ୍ୟାରିୟର କେନ୍ଦ୍ର

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

୧ ହଜାର ଭିନ୍ନକ୍ଷମଙ୍କୁ ମାଗଣାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ। ୨ରୁ ୬ ମାସ ପର୍ଯ୍ୟନ୍ତ ୧୧ଟି ଟ୍ରେଡରେ ଏହି ତାଲିମ ଦିଆଯିବ। କେନ୍ଦ୍ର ସରକାରଙ୍କ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ଅତିରିକ୍ତ ଶାସନ ସଚିବ ତଥା ଆର୍ଥିକ ପରାମର୍ଶଦାତା ଶିବାନୀ ସ୍ୱାଇଁ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଶନିବାର ସେ ବରମୁଣ୍ଡାଠାରେ ନ୍ୟାଶନାଲ କ୍ୟାରିୟର ସର୍ଭିସ ସେଣ୍ଟର ଫର ଡିଫରେଣ୍ଟ ଏବଲ୍‌ଡ(ଏନସିଏସସିଡିଏ)ଗସ୍ତ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଚଳିତ ବର୍ଷ ଆଉ ୧୦୦ଟି ଆଦର୍ଶ କ୍ୟାରିୟର କେନ୍ଦ୍ର ସ୍ଥାପନ କରିବା ପାଇଁ କେନ୍ଦ୍ର ସରକାର ଅନୁଦାନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୦୭ଟି ଆଦର୍ଶ କ୍ୟାରିୟର କେନ୍ଦ୍ର ସ୍ଥାପନ କରିବାକୁ ୫୦ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ଭିନ୍ନକ୍ଷମ ସଶକ୍ତୀକରଣ ଦିଗରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ତାଲିମ ପାଇଁ ପାରାଦୀପ ବନ୍ଦର ଟ୍ରଷ୍ଟ ପକ୍ଷରୁ ସିଲାଇ ମେଶିନଗୁଡ଼ିକ ଯୋଗାଇ ଦିଆଯାଇଥିବାବେଳେ ଲାପଟପ୍ ଓ ଭେଣ୍ଡିଂ କାର୍ଡଗୁଡ଼ିକ ଏଏସ୍‌ଇପିଡି ଏବଂ ବିୟୁଟି ପାର୍ଲର କିଟ୍‌ଗୁଡ଼ିକ ଓଡ଼ିଶା ଖଣି ନିଗମ ପକ୍ଷରୁ ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ କମିଶନର ତାପସ ପଣ୍ଡା, ସହାୟକ ୱେଲଫେୟାର କମିଶନର ଏସ.କେ. ମହାନ୍ତି, ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅନୁଶାସନ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କେ. ପଦ୍ମନାଭ ରାଓ ଧନ୍ୟବାଦ ଦେଇଥିଲେ।

ମହିଳାଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ଅବୈଧ ସମ୍ପର୍କ ହତ୍ୟାର କାରଣ

**ବରଗଡ଼ ଅଫିସ,୮।୧୨**

ବରଗଡ଼ ସଦର ଥାନା ଅନ୍ତର୍ଗତ ନୀଳେଶ୍ୱର ଗ୍ରାମର ଜଣେ ମହିଳାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ହତ୍ୟା ଅଭିଯୁକ୍ତ ପଥର୍ଲା ଗ୍ରାମର ନୀଳ ଓରଫ ନିରାକାର ସାହୁ(୪୯)ଙ୍କୁ ଗିରଫ କରିଛି । ମୃତା ମହିଳାଙ୍କ ସ୍ୱାମୀଙ୍କ ଏତଲାକ୍ରମେ ସ୍ଥାନୀୟ ସଦର ଥାନା ପୋଲିସ ତାଙ୍କ ବିରୋଧରେ ଦଫା ୩୦୨ ଆଇପିସିରେ ଏକ ମାମଲା(ନଂ.୨୬୫/୧୮) ରୁଜୁ କରି ଶନିବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବଜେଲ୍‌କୁ ପଠାଇ ଦିଆଯାଇଛି । ଅବୈଧ ସମ୍ପର୍କ ଯୋଗୁ ଏହି ହତ୍ୟାକାଣ୍ଡ ଘଟିଥିବା ତଦନ୍ତ ବେଳେ ଜଣାପଡ଼ିଥିବା ପୋଲିସ କହିଛି ।

ବରଗଡ଼ ସଦର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ସୁରେଶ କୁମାର ନାଏକ କହିଛନ୍ତି, ମୃତା ମହିଳାଙ୍କ ସହିତ ଅଭିଯୁକ୍ତ ନୀଳଙ୍କ ଅବୈଧ ସମ୍ପର୍କ ରହିଥିଲା । ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ସନ୍ଦେହ କରିବାରୁ ଉଭୟଙ୍କ ମଧ୍ୟରେ କଳିଗୋଳ ହେଉଥିଲା । ହେଲେ ମୋତେ ବିବାହ କରି ଘରେ ରଖ ବୋଲି ସଂପୃକ୍ତା ମହିଳା ତାଙ୍କୁ ବାରମ୍ବାର କହୁଥିଲେ । ନଚେତ୍ ଉଭୟେ ଆତ୍ମହତ୍ୟା କରିବା ବୋଲି ସେହି ମହିଳା ଜଣକ କହୁ ଥିଲେ । ମହିଳାଙ୍କ ଏଭଳି ନିଷ୍ପତ୍ତିରେ ନୀଳ ଅଡୁଆରେ ପଡ଼ିଥିଲେ ଏବଂ ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ତାଙ୍କୁ ହତ୍ୟା କରିବାକୁ ସୁଯୋଗ ଖୋଜୁଥିଲେ । ଗତ ମାସ ୨୮ତାରିଖ ସକାଳେ ସଂପୃକ୍ତା ମହିଳାଙ୍କ ସ୍ୱାମୀ ବଜାରକୁ ଯାଇଥିଲେ । ଏହାର ସୁଯୋଗ ପାଇ ନୀଳ ତାଙ୍କ ତଣ୍ଟିଚିପି ହତ୍ୟା କରି ଫେରାର ହୋଇଯାଇଥିଲେ । ତଦନ୍ତରେ ତାଙ୍କ ସମ୍ପୃକ୍ତି ଥିବା ଏବଂ ହତ୍ୟାକାଣ୍ଡ ଭିଆଇଥିବା ନେଇ ସ୍ୱୀକାର କରିବା ପରେ ନୀଳଙ୍କୁ ଗିରଫ କରାଯାଇଥିବା ଏସଡ଼ିପିଓ ନାଏକ କହିଛନ୍ତି । ଘଟଣା ଦିନ ନୀଳ ପିନ୍ଧିଥିବା ଶାର୍ଟ, ପ୍ୟାଣ୍ଟ ଓ ଚପଲକୁ ଜବତ କରାଯାଇଛି ବୋଲି ସେ କହିଥିଲେ । ଖବରଦାତା ସମ୍ମିଳନୀରେ ସଦର ଥାନା ଆଇଆଇସି ମମତା ନାୟକ ମଧ୍ୟ ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଏକାଦଶ ସ୍ଥାନରେ ମଙ୍ଗଳ ଭାଗ୍ୟାଧିପଙ୍କ ନକ୍ଷତ୍ରସ୍ଥ ଯୋଗୁ ଯାହା ଇଚ୍ଛା କରୁଛନ୍ତି ତାହା ନିଶ୍ଚିତ ପ୍ରାପ୍ତ ହେବ । ପରିବାରର ଆବଶ୍ୟକତାକୁ ଅନୁଭବ କରି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ । ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବ ଏବଂ ସବୁରି ସଦିଚ୍ଛା ମିଳିବ।

**ବୃଷ** ରାଶି ପ୍ରତି ତିନୋଟି ଗ୍ରହଙ୍କ ପୂର୍ଣ୍ଣଦୃଷ୍ଟି ଅର୍ଥ,ସମ୍ମାନ, ଯାନବାହନାଦି ପାଇବାର ସୁଯୋଗ ଜୁଟିପାରେ । ଆଲୋଚନା ପରିସରରେ କିମ୍ବା ପ୍ରଶାସନିକ ସ୍ତରରେ ବୁଧଙ୍କ ପ୍ରଭାବରୁ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରିବେ। କିନ୍ତୁ କେତେକ କ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**ମିଥୁନ** ଧନସ୍ଥାନରେ ରାହୁ ଓ ଧନାଧିପ ଚନ୍ଦ୍ର ଅର୍ଥନୈତିକ ଅବରୋଧ ଓ ସମସ୍ୟାର କାରଣ ହୋଇପାରନ୍ତି। ଫଳରେ ନୀଚଜାତିର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଶତ୍ରୁତା କିମ୍ବା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ସାମାଜିକ ସ୍ତରରେ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବା ସାଙ୍ଗକୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ** ଏକାଧିକ ଗ୍ରହ କୋଣଭାବକୁ ପ୍ରଭାବିତ କରୁଥିବାରୁ ଆପଣଙ୍କ ବିଚାରଧାରା ମୁହୁର୍ମୁହୁ ବଦଳିଯିବା ସୂଚନା ରହିଛି। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ମଧ୍ୟ ହେବେ। ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ସମସ୍ୟା ଛାଡ଼ିବ ନାହିଁ । ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ସିଂହ** ରବିଙ୍କ ଦୁର୍ବଳତା ଦୈହିକ ଦୁର୍ବଳତା ସାଙ୍ଗକୁ ଉପରିସ୍ଥ କର୍ମଚାରୀଙ୍କ ଦୋଷାରୋପ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅବଶ୍ୟ ଉଚ୍ଚସ୍ଥ ମଙ୍ଗଳଜନିତ ପାରିବାରିକ କ୍ଷେତ୍ରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ । କୌଶଳପୂର୍ଣ୍ଣ କଥା କହି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ । ଆବଶ୍ୟକ ମନେକରୁଥିବା ଜିନିଷ ସମୂହକୁ କିଣିପାରିବେ ।

**କନ୍ୟା** ଚତୁର୍ଥସ୍ଥ ଶନି ହେତୁ ମାତୃପୀଡ଼ା ସାଙ୍ଗକୁ ପାରିପାର୍ଶ୍ୱିକ ସ୍ଥିତିରେ ବିଷମତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ସମସ୍ୟା ସୁଧାରି ନେବେ ଏବଂ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ ପ୍ରତିକୂଳ ପରିସ୍ଥିତି ସହ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ । ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ତୁଳା** ସ୍ୱଗୃହୀ ଶୁକ୍ର ଆପଣଙ୍କୁ ଆରୋଗ୍ୟ, ବୈଷୟିକ ସୁଖସମ୍ପଦ ଓ ପ୍ରୀତିପ୍ରଦ ଜୀବନଯାତ୍ରା ପ୍ରଦାନ କରିବ। ଭଲ ସମ୍ପର୍କ ନ ଥିବା ସହକର୍ମୀମାନଙ୍କ ଦ୍ୱନ୍ଦ୍ୱଯୁକ୍ତ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ । କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ଅନୁତାପ କରିପାରନ୍ତି।

**ବିଛା** ଆପଣଙ୍କ ସହଯୋଗୀ ମନୋବୃତ୍ତି ଓ ଗଠନମୂଳକ ଚିନ୍ତାଧାରା ସାମାଜିକ ସମ୍ମାନ ପାଇବାରେ ସାହାଯ୍ୟ କରିବ। ଶନିଙ୍କ ପ୍ରଭାବରେ ପରୋକ୍ଷଭାବରେ ନିଜ ପରିସରର ବ୍ୟକ୍ତିବିଶେଷ ଆପଣଙ୍କ କୁତ୍ସାରଟନା କରିପାରନ୍ତି। କୌଣସି କାର୍ଯ୍ୟ ସ୍ଥଗିତ ନ ରହିଲେ ମଧ୍ୟ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ ହେବନି। ଆଜିର ଯାତ୍ରା ସମୟରେ ବ୍ୟସ୍ତତା ବୃଦ୍ଧି ପାଇବ।

**ଧନୁ** କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ମତକୁ ଉପେକ୍ଷା କରିବା ଠିକ୍ ନ ହୋଇପାରେ । ଉପରିସ୍ଥଙ୍କ ସହ ସୁସମ୍ପର୍କ ଥିବାରୁ ଖଳ ଲୋକମାନଙ୍କ ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ ଓ କଳା,ସାହିତ୍ୟ,ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମକର** ଦୀର୍ଘଦିନରୁ ଅଟକି ରହିଯାଇଥିବା ଅଭିଳାଷଟି ଆକସ୍ମିକ ପୂରଣହେବା କାରଣରୁ ଅହେତୁକ ଆନନ୍ଦ ଅନୁଭବ କରିବେ । ପାରିବାରିକ ସ୍ଥିତି କେତେକାଂଶରେ ଶାନ୍ତ ରହିବା ସାଙ୍ଗକୁ ବନ୍ଧୁମାନଙ୍କ ଆଦରଣୀୟ ହେବେ । ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବା ସୂଚନା ରହିଛି । କର୍ମକ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ** ସାମାନ୍ୟ ଥଣ୍ଡା ଲାଗି ରହିବା ହେତୁ ସ୍ୱାସ୍ଥ୍ୟ ମଧ୍ୟ ବିଗିଡ଼ିଯାଇପାରେ। ପାରିବାରିକ କ୍ଷେତ୍ରରେ ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିପାରନ୍ତି। ବ୍ୟବସାୟିକ ସ୍ଥିତି ପୂର୍ବାପେକ୍ଷା ବହୁତ ଭଲ ରହିବା ହେତୁ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି। ଶତ୍ରୁତା, ଋଣ ପରିଶୋଧ, ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଆଗକୁ ରହିଥିବା କାମ ସକାଶେ ଚିନ୍ତା କରିବାକୁ ପଡ଼ିପାରେ।

**ମୀନ** ବୈଦିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିରତା କେତେକାଂଶରେ ଆପଣଙ୍କ କାମକୁ ଶୃଙ୍ଖଳିତ କରିବ। କଳା, ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବା ଆଶଙ୍କା ଉପୁଜିପାରେ। କାମ ହାସଲ ସକାଶେ ନୀତି ବହିର୍ଭୂତ କାମ କରି ସମାଲୋଚିତ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ଦ୍ୱିତୀୟା ରବିବାର, ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ,ରାଶି ନକ୍ଷତ୍ର-ସକାଳ, ଘ୮।୪୬ମି. ଗତେ ପୂର୍ବାଷାଢ଼ା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ମେଷ ରାଶିର ଘାତବାର। ସକାଳ ଘ୭।୩୮ମି. ଗତେ ଘ୮।୫୮ମି. ମଧ୍ୟେ, ଘ୯।୨୧ମି. ଗତେ ଘ୧୧।୪୦ମି. ମଧ୍ୟେ ଅମୃତବେଳା। ଦିବା ଘ୯।୫୮ମି. ଗତେ ଘ୧୦।୨୦ମି. ମଧ୍ୟେ, ଘ୧।୦୨ମି. ଗତେ ଘ୨।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩।୪୨ମି ଗତେ ଘ୫।୦୪ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ମହାବୀରଙ୍କୁ...

ବର୍ତ୍ତମାନ ଏନ୍‌ଟିସିଏ ଏବଂ ଡବ୍ଲ୍ୟୁଆଇଆଇ ତଦନ୍ତ ରିପୋର୍ଟ ଅନୁଯାୟୀ, ବାରହା ଶିକାର ପାଇଁ ବସାଇଥିବା ଫାଶରେ ପଡ଼ି ବାଘଟିର ମୃତ୍ୟୁ ହୋଇଥିବା କୁହାଯାଇଛି। ଏନ୍‌ଟିସିଏର ରିପୋର୍ଟ ଆସିବା ପରେ ସାତକୋଶିଆରେ ବାଘ ବଂଶ ବୃଦ୍ଧି ଯୋଜନା ଅନିଶ୍ଚିତତା ଆଡ଼କୁ ଠେଲି ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବାଘ ବଂଶ ବୃଦ୍ଧି ପାଇଁ ସାତକୋଶିଆରେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ବାଘ ଆସିଥିଲା। ବାଘୁଣୀ ‘ସୁନ୍ଦରୀ’ ମଣିଷ ମାରିଥିବା ଅଭିଯୋଗ ହେବା ପରେ ତାକୁ ରାଇଗୁଡ଼ାସ୍ଥିତ ଏନ୍‌କ୍ଲୋଜର ମଧ୍ୟରେ ରଖାଯାଇଥିଲା। ଏହା ମଧ୍ୟରେ ମହାବୀରର ମୃତ୍ୟୁ ଘଟିଥିଲା। ଦୁଇଟି ବାଘକୁ ରଖିବାରେ ବିଫଳ ହୋଇଥିବା ବନ ବିଭାଗର କାର୍ଯ୍ୟକଳାପକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏହି ଘଟଣାରେ ବିଭାଗର ଅବହେଳାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ନାପସନ୍ଦ କରିବା ସହ ବିଭାଗ ଜାଣି ଜାଣି ପ୍ରଥମେ ଭୁଲ ରିପୋର୍ଟ ଦେଇଥିବା ଅଭିଯୋଗ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଶେଷଜ୍ଞମାନେ ଦାବି କରିଛନ୍ତି।

## ଭାରତ କ୍ୱାର୍ଟର...

ବରଣ କରିଛି। ଏହାର ଗୋଲ ବ୍ୟବଧାନ -୯ ରହିଛି। ପୁଲ୍ ‘ସି’ର ଦ୍ୱିତୀୟ ସ୍ଥାନୀୟ ଦଳ ବେଲ୍‌ଜିୟମ ୧୧ ତାରିଖରେ ହେବାକୁଥିବା କ୍ରସ୍‌ଓଭର ମ୍ୟାଚ୍‌ରେ ପୁଲ୍‘ଡି’ର ତୃତୀୟ ସ୍ଥାନୀୟ ଦଳ ସହିତ ମୁକାବିଲା କରିବ। ପୁଲ୍ ‘ସି’ର ତୃତୀୟ ଦଳ କାନାଡ଼ା ସେହିଦିନ ପୁଲ୍‘ଡି’ର ଦ୍ୱିତୀୟ ସ୍ଥାନୀୟ ଦଳକୁ ଭେଟିବ। ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା ପରେ ତୃତୀୟ ଦଳ ଭାବେ ଭାରତ ଚଳିତ ବିଶ୍ୱକପ୍‌ରେ ସିଧାସଳଖ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ରବିବାର ଶେଷ ଲିଗ୍ ମ୍ୟାଚ୍ ପରେ ଅନ୍ୟ ଦଳଗୁଡ଼ିକର ସ୍ଥିତି ସ୍ପଷ୍ଟ ହେବ। ଭାରତୀୟ ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ଶେଷରେ ଇଣ୍ଡିଆ ଟୁଡେର ଗ୍ରୁପ୍ ଏଡିଟୋରିଆଲ ଡାଇରେକ୍ଟର ରାଜ୍ ଚେଙ୍ଗାପ୍ପା ଅତିଥିଭାବେ ଯୋଗଦେଇ ଭାରତର ଲଳିତ ଉପାଧ୍ୟାୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଖଚାଖଚ୍ ଷ୍ଟାଡିୟମଭରା ଦର୍ଶକଙ୍କ ସମର୍ଥନରେ ଭାରତ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା। କୋଚ୍ ହରେନ୍ଦ୍ର ସିଂଙ୍କ ଆକ୍ରମଣାତ୍ମକ ରଣନୀତି ଦଳ ପାଇଁ ବେଶ୍ କାମ ଦେଇଥିଲା। ଦଳକୁ ୧୦ମ ମିନିଟରେ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଅଧିନାୟକ ମନପ୍ରୀତ ସିଂ ବଲ୍ ପୁଶ୍ କରିଥିବାବେଳେ ହରମନପ୍ରୀତ ସିଂଙ୍କ ଶଟ୍ କାନାଡ଼ା ଖେଳାଳିଙ୍କ ଦେହରେ ବାଜି ଫେରି ଆସିଥିଲା। ଏହାର ୨ ମିନିଟ ପରେ ଭାରତ ପୁଣି ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏଥର କିନ୍ତୁ ମନପ୍ରୀତଙ୍କ ପୁଶ୍‌କୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ୍ କରି ନ ଥିଲେ ହରମନପ୍ରୀତ। ହରମନପ୍ରୀତଙ୍କ ଡ୍ରାଗ୍‌ଫ୍ଲିକ୍ ଜରିଆରେ ଭାରତ ମ୍ୟାଚ୍‌ର ୧୨ତମ ମିନିଟରେ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଏତିକିରେ ଭାରତୀୟ ଖେଳାଳିଙ୍କ ଭୋକ ମରି ନ ଥିଲା। ଏହାର ୧ ମିନିଟ ପରେ ଅର୍ଥାତ୍ ୧୩ତମ ମିନିଟରେ ପୁଣି ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରାଯାଇଥିଲା। ଏଥର ଆକାଶଦୀପ ସିଂ ବଲ୍ ପୁଶ୍ କରିଥିବାବେଳେ ଦୁଇ ଖେଳାଳିଙ୍କୁ ନେଇ ପେନାଲ୍ଟି କନ୍‌ଭର୍ସନ ରଣନୀତି ଫେଲ୍ ମାରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଦଳ ପାଇଁ ଫିଲ୍ଡ ଗୋଲର ଏକାଧିକ ସୁଯୋଗ ଆସିଥିଲା। ମାତ୍ର ଖେଳାଳିମାନେ ଠିକ୍ ସମୟରେ ବଲ୍‌କୁ ନିୟନ୍ତ୍ରଣରେ ରଖି ନ ପାରିବାରୁ ଅଳ୍ପକେ ଗୋଲ ଦେବାରୁ ବଞ୍ଚିତ ହୋଇଥିଲେ। ଅଧିନାୟକ ମନପ୍ରୀତ ମଧ୍ୟ ଥରେ ଏପରି ସୁଯୋଗ ହାତଛଡ଼ା କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତ ୩ଟି ପେନାଲ୍ଟି କର୍ନର ପାଇଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ କେହି ଏହି ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ୨୨ତମ ମିନିଟରେ କାନାଡ଼ାର ଇଆନ ସ୍ମିଥ୍ ଓ ୩୦ତମ ମିନିଟରେ ଜେମ୍ସ ୱାଲାସ ହଳଦିଆ କାର୍ଡ ପାଇବା ପ୍ରଥମାର୍ଦ୍ଧର ଅନ୍ୟତମ ଉଲ୍ଲେଖନୀୟ ଘଟଣା ଥିଲା। ତୃତୀୟ କ୍ୱାର୍ଟରରେ ଭାରତୀୟ ଖେଳାଳିଙ୍କ ମଧ୍ୟରେ ସମନ୍ୱୟର ଅଭାବ ଦେଖା ଦେଇଥିଲା। ଏହାର ଫାଇଦା କାନାଡ଼ାକୁ ମିଳିଥିଲା। ୩୯ତମ ମିନିଟରେ ଫ୍ଲୋରିସ ଭାନ୍ ସନ୍ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ୍ ୧-୧ ସ୍ଥିତିକୁ ଚାଲିଆସିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ କିନ୍ତୁ ଭିନ୍ନ ଧରଣର ଖେଳ ଦେଖିବାକୁ ମିଳିଥିଲା। ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ଗର୍ଜନରେ ପ୍ରଭାବିତ ହୋଇଥିଲେ ଭାରତୀୟ ଖେଳାଳି। ଏହି କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୬ତମ ମିନିଟରେ ଉପଅଧିନାୟକ ଚିଙ୍ଗଲେନସାନା ସିଂ କାଙ୍ଗୁଜାମ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହାର ୧ ମିନିଟ ପରେ ଲଳିତ ଉପାଧ୍ୟାୟ ଆଉ ଏକ ଫିଲ୍ଡ ଗୋଲ ଦେବାରୁ ଭାରତର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ଓଡ଼ିଶା ଦର୍ଶକଙ୍କ ପାଇଁ ରୋମାଞ୍ଚିତ ହେବାର ମୁହୂର୍ତ୍ତ ଆସିଥିଲା ୫୧ତମ ମିନିଟରେ। ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ ଦେଖାଇଥିଲେ ତାଙ୍କ ଡ୍ରାଗ୍ ଫ୍ଲିକ୍ ଦକ୍ଷତା। ତାଙ୍କ ଫ୍ଲିକ୍‌ରେ ଗୋଲ ହେବା କ୍ଷଣି ପୂରା ଷ୍ଟାଡିୟମ ଦର୍ଶକ ଛିଡ଼ାହୋଇ କରତାଳି ଓ କୋଳାହଳ ମାଧ୍ୟମରେ ଅମିତ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତର ଭୋକ ଏତିକିରେ ମଧ୍ୟ ମେଣ୍ଟି ନ ଥିଲା। ୫୭ତମ ମିନିଟରେ ଲଳିତ ଉପାଧ୍ୟାୟ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପାଇଁ ୫ମ ଗୋଲ ସ୍କୋର କରିଥିଲେ। ୫୮ତମ ମିନିଟରେ କାନାଡ଼ା ପ୍ରତିଆକ୍ରମଣ କରି ଭାରତ ଗୋଲପୋଷ୍ଟ ଏରିଆରେ ପ୍ରବେଶ କରିଥିଲେ ହେଁ ଡିଫେଣ୍ଡରମାନେ ବଲ୍ କ୍ଲିୟର କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚ୍ ଆଉ ୨ ମିନିଟ ଥିବାବେଳେ ଗୋଲପୋଷ୍ଟ ଛାଡ଼ିଦେଇଥିଲେ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ। ଫଳରେ ଭାରତ ୧୧ ଖେଳାଳିଙ୍କୁ ନେଇ ଆକ୍ରମଣକୁ ଜୋର୍‌ଦାର କରିଥିଲା। ମ୍ୟାଚ୍ ଶେଷହେବାକୁ ୩୮ ସେକେଣ୍ଡ ସମୟ ଥିବାବେଳେ ଭାରତକୁ ଶେଷ ପେନାଲ୍ଟି କର୍ନର ମିଳିଥିଲା। ତାହା ଗୋଲ ହୋଇପାରି ନ ଥିଲେ ହେଁ ଭାରତ ଆଉ ଏକ ପେନାଲ୍ଟି କର୍ନର ପାଇଁ ରେଫରାଲ ମାଗିଥିଲା। ମାତ୍ର ତାହା ନାକଚ ହୋଇଯାଇଥିଲା। ଏଥିସହ ମ୍ୟାଚ୍‌ର ଶେଷ ହ୍ୱିସିଲ ବାଜିଥିଲା ଏବଂ ଭାରତୀୟ ଖେଳାଳିମାନେ ଖୁସି ମନାଇଥିଲେ।

## ତଦନ୍ତ ନିର୍ଦ୍ଦେଶ...

ଆୟୋଗ (ଏନ୍‌ସିପିସିଆର)କୁ ପରାମର୍ଶ ମଧ୍ୟ ଦେଇଛନ୍ତି। ଶେଲ୍‌ଟର ହୋମ୍‌ରେ ନାବାଳିକା ଯୌନ ନିର୍ଯ୍ୟାତନା ଘଟଣାରେ ଗଭୀର ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ମାନେକା। ଏ ନେଇ ସେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଶିଶୁଗୃହରେ ଯୌନ ନିର୍ଯ୍ୟାତନା ଦିଆଯିବା ସହ ଧର୍ମାନ୍ତରୀକରଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୧୩ କିମି ଦୂରରେ ଏପରି କାର୍ଯ୍ୟ ଚାଲୁଥିବା ନେଇ ମାନେକା ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ କହିଛନ୍ତି, ଶେଲ୍‌ଟର ହୋମ୍ ଲାଇସେନ୍ସ ୨ମାସ ହେଲା ଶେଷ ହୋଇଯାଇଛି। ରାଜ୍ୟ ସରକାରଙ୍କ ଖାମଖିଆଲ ମନୋଭାବ ଯୋଗୁ ଶେଲ୍‌ଟର ହୋମ ବେଆଇନ ଭାବେ ଚାଲିଥିଲା। ଶିଶୁଙ୍କ ସୁରକ୍ଷା ଓ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ମାନେକା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ପଠାଯାଇଥିବା ଏକ ପିଟିଶନ ଆଧାରରେ ଧର୍ମେନ୍ଦ୍ର ଉକ୍ତ ଚିଠି ଲେଖିଛନ୍ତି। ‘ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର’କୁ ବହୁଳ ପରିମାଣର ବିଦେଶୀ ମୁଦ୍ରା ଆସୁଛି। ଏହା ଅଧୀନରେ ୨୬ ଶେଲ୍‌ଟର ହୋମ ପରିଚାଳିତ ହେଉଛି, ତନ୍ମଧ୍ୟରୁ ୧୫ଟି ବେଆଇନ। ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଉଲ୍ଲଂଘନ କରି ଅନୁଷ୍ଠାନ ଚାଲିଛି। ରାଜ୍ୟ ସରକାର ସବୁଜାଣି ନୀରବଦ୍ରଷ୍ଟା ସାଜିଛନ୍ତି। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଧର୍ମେନ୍ଦ୍ର ଚିଠିରେ ଦର୍ଶାଇଛନ୍ତି।

## ଆନ୍ଦୋଳନରୁ ଓହରିଲେ...

ଶୁକ୍ରବାର ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଅଭିଯୋଗ ଉପରେ ପକ୍ଷ ରଖିବାକୁ କହିଥିଲେ । ଏଥିସହ ବାଧ୍ୟତାମୂଳକ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶକଙ୍କ ବ୍ୟବହାର ତଥା କଡ଼ା ଆଭିମୁଖ୍ୟ ଓ ଅପରେଶନରେ ଲୁଣ ବ୍ୟବହାର କରିବାକୁ କନିଷ୍ଠ ଡାକ୍ତରମାନେ ସହଜେ ଗ୍ରହଣ କରିପାରି ନ ଥିଲେ। ଏଣୁ ନିର୍ଦ୍ଦେଶକଙ୍କୁ ବିଦା କରିବାକୁ ଦାବି କରି ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । କନିଷ୍ଠ ଡାକ୍ତରଙ୍କ ଅଭିଯୋଗ କ୍ରମେ ସ୍ୱାସ୍ଥ୍ୟବିଭାଗ ଅତିରିକ୍ତ ସଚିବ ବିଭୂତିଭୂଷଣ ଦାସ, ଶରତ ଚନ୍ଦ୍ର ମିଶ୍ର, ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ, ଉମାକାନ୍ତ ଶତପଥୀଙ୍କୁ ନେଇ ଗଠିତ ଏକ ୪ ଜଣିଆ ଟିମ୍ ଭିମସାର ଯାଇ ପ୍ରକୃତ ଘଟଣା କ’ଣ ତାହା ଅନୁସନ୍ଧାନ କରିଥିଲା। ଏହି ରିପୋର୍ଟକୁ ଆଧାର କରି ଶୁକ୍ରବାର ନିର୍ଦ୍ଦେଶକଙ୍କୁ ସ୍ୱାସ୍ଥ୍ୟ ସଚିବ କାରଣ ଦର୍ଶାଅ ନୋଟିସ ଦେଇ ଛୁଟିରେ ଯିବାକୁ କହିଛନ୍ତି। ଭୁବନେଶ୍ୱରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି କନିଷ୍ଠ ଡାକ୍ତର ସଂଘ ନିର୍ଦ୍ଦେଶକଙ୍କ ବିରୋଧରେ ଫେରାଦ କରିଥିଲା । ସେହିଭଳି ରାଜ୍ୟପାଳଙ୍କୁ ନିର୍ଦ୍ଦେଶକ ପୂଜାହାରୀ ଭେଟି ନିଜ ସଫେଇ ଦେବା ସହ ପକ୍ଷ ରଖିଥିଲେ। ଅନ୍ୟପକ୍ଷେ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ କନିଷ୍ଠ ଡାକ୍ତରମାନଙ୍କ ଷ୍ଟାଇପେଣ୍ଡକୁ ବନ୍ଦ କରିବାକୁ ଦାବି ରଖି ଓ ନିର୍ଦ୍ଦେଶକଙ୍କ ସମର୍ଥନରେ ସ୍ଥାନୀୟ ଲୋକେ ଭିମ୍‌ସାର ଆଗରେ ଧାରଣା ଦେଇଥିଲେ ।

## ପ୍ରଫେସର ପ୍ରକାଶଚନ୍ଦ୍ର ମହାପାତ୍ର ଅସ୍ଥାୟୀ ନିର୍ଦ୍ଦେଶକ

ଚିପିଲିମା,୮।୧୨(ଡି.ଏନ.ଏ.)-ଭିମ୍‌ସାରରେ ଅସ୍ଥାୟୀ ନିର୍ଦ୍ଦେଶକ ଭାବେ ପ୍ରଫେସର ପ୍ରକାଶଚନ୍ଦ୍ର ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି। ଏହା ପୂର୍ବରୁ ସେ ଡିଏମଇଟିରେ ଅବସ୍ଥାପିତ ଥିଲେ। କଟକ ବଡ ମେଡିକାଲରେ ସ୍ପାଇନାଲ ସର୍ଜରି ବିଭାଗର ମୁଖ୍ୟ ଭାବେ ମଧ୍ୟ ସେ କାମ କରିଛନ୍ତି। ଶନିବାର ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ପ୍ରଫେସର ମହାପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।



❝ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ର ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ରାଜନୈତିକ ପୁଞ୍ଜି ଭାବେ ବ୍ୟବହାର କରୁଛନ୍ତି। ଦେଶର ସୈନ୍ୟବାହିନୀକୁ ବ୍ୟକ୍ତିଗତ ସମ୍ପତ୍ତି ଭାବେ ବ୍ୟବହାର କରିବାରେ ତାଙ୍କୁ ଲଜ୍ଜା ନାହିଁ।
-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

## ସଂକ୍ଷେପରେ

### କଲମ୍ବିଆର ପୂର୍ବତନ ରାଷ୍ଟ୍ରପତିଙ୍କ ପରଲୋକ

**ବୋଗୋଟା,୮।୧୨(ପି.ଟି.):** କଲମ୍ବିଆର ପୂର୍ବତନ ରାଷ୍ଟ୍ରପତି ବେଲିସାରିଓ



ବେଟାନକୁରଙ୍କର ୯୫ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଛି। ସେ ୧୯୮୨ରୁ ୧୯୮୬ ପର୍ଯ୍ୟନ୍ତ କଲମ୍ବିଆର ରାଷ୍ଟ୍ରପତି ଥିଲେ । ସେ କିଡ୍‌ନୀ ରୋଗରେ ପୀଡିତ ଥାଇ ବୋଗୋଟାର ଏକ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିଲେ।

### ଆର୍ମେନିଆର ପୂର୍ବତନ ରାଷ୍ଟ୍ରପତି ଗିରଫ

**ୟେରେଭାନ୍,୮।୧୨(ପି.ଟି.):** ଆର୍ମେନିଆର ପୂର୍ବତନ ରାଷ୍ଟ୍ରପତି ରବର୍ଟ କୋଚାରିଆନ୍‌ଙ୍କୁ ଜେଲ୍ ପଠାଇବାକୁ ସ୍ଥାନୀୟ ଏକ କୋର୍ଟ



ନିର୍ଦ୍ଦେଶ ଦେବା ପରେ ତାଙ୍କୁ ଗିରଫ କରାଯାଇଛି। ୨୦୦୮ରେ ନିର୍ବାଚନୀ ଜାଲିଆତିକୁ ନେଇ ବିକ୍ଷୋଭ ଚାଲିଥିଲା ବେଳେ ତାଙ୍କ ନିର୍ଦ୍ଦେଶରେ ପୋଲିସ ବିକ୍ଷୋଭକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସମ୍ବିଧାନ ନିର୍ଦ୍ଦେଶର ଉଲ୍ଲଂଘନ ଅଭିଯୋଗରେ ସେ ପୂର୍ବରୁ ୨ ସପ୍ତାହ ଜେଲ୍‌ରେ ଥିଲେ। ଜାମିନରେ ଆସିଥିବା କୋଚାରିଆନଙ୍କୁ ତୁରନ୍ତ ଜେଲ୍ ପଠାଇବାକୁ ଉଚ୍ଚତର କୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ।

### ଉଦୟପୁରରେ ହିଲାରୀ



**ଉଦୟପୁର,୮।୧୨:** ଆମେରିକାର ପୂର୍ବତନ ଫାଷ୍ଟ ଲେଡି ତଥା ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରୀ କ୍ଲିଣ୍ଟନ୍ ଶନିବାର ରାଜସ୍ଥାନର ଉଦୟପୁରରେ ପହଞ୍ଚିଛନ୍ତି। ସେ ଈଶା ଅମ୍ବାନୀ ଏବଂ ଆନନ୍ଦ ପିରାମଲ୍‌ଙ୍କ ପ୍ରାକ୍-ପରିଣୟ ଉତ୍ସବରେ ଯୋଗଦେବେ। ଭାରତର ସବୁଠୁ ଧନିକ ବିଜନେସ୍‌ମ୍ୟାନ୍ ମୁକେଶ ଅମ୍ବାନୀଙ୍କ କନ୍ୟା ଈଶା ଡିସେମ୍ବର ୧୨ରେ ବିବାହ କରୁଛନ୍ତି। କ୍ଲିଣ୍ଟନ୍ ସ୍ଥାନୀୟ ବିମାନବନ୍ଦରରେ ଓହ୍ଲାଇ ଉଦୟପୁର ଯାଇଥିଲେ। ବଲିଉଡ୍ ତାରକା, ବିଶିଷ୍ଟ ବ୍ୟବସାୟୀ, ରାଜନେତାମାନେ ମଧ୍ୟ ସେଠାରେ ପହଞ୍ଚିଛନ୍ତି।

### ଇତିହାସର ଆଇନାରେ
### ଡିସେମ୍ବର ୯ର ପ୍ରମୁଖ ଘଟଣା

୧୯୬୧ ଡିସେମ୍ବର ୯ରେ ବ୍ରିଟେନ୍‌ଠାରୁ ସ୍ୱାଧୀନତା ଲାଭ କରିଥିଲା ଟାଙ୍ଗାନାଇକା। ବର୍ତ୍ତମାନ ଟାଞ୍ଜାନିଆର ମୂଳଭୂଖଣ୍ଡକୁ ଟାଙ୍ଗାନିଇକା କୁହାଯାଉଥିଲା। ବ୍ରିଟେନ୍‌ଠାରୁ ଏହା ସ୍ୱାଧୀନତା ହାସଲ କରିବାର ବର୍ଷକ ପରେ ରାଜ୍ୟଗୋଷ୍ଠୀ ଅଧୀନରେ ଏକ ସାଧାରଣତନ୍ତ୍ର ରାଷ୍ଟ୍ର ହୋଇଥିଲା।

୨୦୧୨ ଡିସେମ୍ବର ୯ରେ ବାର୍‌କୋଡ୍‌ର ଉଦ୍ଭାବକ ନର୍ମାନ୍ ଯୋସେଫ୍ ଉଡ୍‌ଲ୍ୟାଣ୍ଡ୍‌ଙ୍କ ପରଲୋକ ଘଟିଥିଲା। ଆମେରିକୀୟ ବାସିନ୍ଦା ନର୍ମାନ୍ ୧୯୨୧ ସେପ୍ଟେମ୍ବର ୬ରେ ଜନ୍ମଲାଭ କରିଥିଲେ।

## ୧୦ ବର୍ଷ ପରେ ସତ ମାନିଲା ପାକିସ୍ତାନ
# ମୁମ୍ବାଇ ଆକ୍ରମଣରେ ଲଶ୍କର ହାତ

**ଇସଲାମାବାଦ,୮।୧୨(ପି.ଟି.)**





**ଆମେ ମଧ୍ୟ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚାହୁଁ : ଇମ୍ରାନ**

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ୧୦ ବର୍ଷ ପରେ ପାକିସ୍ତାନ ସତ ମାନିଛି। ଜାକିଉର ରହମନ ଲାଖଭି ନେତୃତ୍ୱରେ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ୨୦୦୮ ନଭେମ୍ବରରେ ମୁମ୍ବାଇ ଆକ୍ରମଣ କରିଥିଲା ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏକ ବିଦେଶୀ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଏହା ଏକ ଆତଙ୍କବାଦୀ କାର୍ଯ୍ୟ ବୋଲି ଇମ୍ରାନ କହିବା ସହ ମାମଲାର ସ୍ଥିତି କ'ଣ ଅଛି ଖୋଜି ବାହାର କରିବାକୁ ସେ ତାଙ୍କ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଆକ୍ରମଣର ୧୦ ବର୍ଷ ପରେ ମଧ୍ୟ ଏହାର ମାଷ୍ଟର ମାଇଣ୍ଡ ଲାଖଭି ଜାମିନରେ ଥାଇ ଖୋଲା ବୁଲୁଥିଲାବେଳେ ଭାରତର ବାରମ୍ବାର ଦାବି ସତ୍ତ୍ୱେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି କାହିଁକି ବୋଲି ଏକ ପ୍ରଶ୍ନର ଉତ୍ତରରେ ଇମ୍ରାନ କହିଥିଲେ ଏହା ଆତଙ୍କବାଦ ହୋଇଥିବାରୁ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେ ମଧ୍ୟ ଚାହୁଁଛୁ।

୨୦୦୮ ନଭେମ୍ବର ୨୬ ତାରିଖରେ ପାକିସ୍ତାନର କରାଚୀରୁ ଜଳପଥରେ ୧୦ ଜଣ ସଶସ୍ତ୍ର ଆତଙ୍କବାଦୀ ଏକ ବୋଟ୍‌ରେ ଆସି ମୁମ୍ବାଇ ସହରରେ ପ୍ରବେଶ କରିଥିଲେ। ସେମାନେ ତାଜ୍ ହୋଟେଲ ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ବୋମାମାଡ଼ କରିବା ସହ ଆଖିବୁଜା ଗୁଳି ଚଳାଇଥିଲେ। ଏହି ଆକ୍ରମଣରେ କେତେକ ବିଦେଶୀ ନାଗରିକଙ୍କ ସମେତ ୧୬୬ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନରେ ୯ ଜଣ ଆକ୍ରମଣକାରୀ ନିହତ ହୋଇଥିଲା ବେଳେ ଏକମାତ୍ର ଜୀବିତ ଆତଙ୍କବାଦୀ ଅଜମଲ କସବଙ୍କୁ ବିଚାର ପରେ ଫାଶୀ ଦିଆଯାଇଥିଲା। ପାକିସ୍ତାନରୁ ଏହି ଆକ୍ରମଣକୁ ପରିଚାଳନା କରାଯାଉଥିଲା। ଆକ୍ରମଣକାରୀମାନେ ଲଶ୍କର-ଇ-ତୋଇବା ସଂଗଠନର ସଦସ୍ୟ ବୋଲି କସବ ଜେରା ବେଳେ ସ୍ୱୀକାର କରିଥିଲେ। ଆକ୍ରମଣକାରୀ ପାକିସ୍ତାନୀ ଏବଂ ସେଠାରୁ ହିଁ ଏହି ଆକ୍ରମଣକୁ ନିୟନ୍ତ୍ରଣ କରାଯାଉଥିଲା ବୋଲି ଭାରତ ସରକାରଙ୍କ ବାରମ୍ବାର ଦାବି ଏବଂ ପ୍ରମାଣ ଦାଖଲ ସତ୍ତ୍ୱେ ଇସଲାମାବାଦ ଏହାକୁ ଗ୍ରହଣ କରୁ ନଥିଲା। ଆକ୍ରମଣ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଅଧିକ ପ୍ରମାଣ ଆବଶ୍ୟକ ବୋଲି ପାକିସ୍ତାନ କହୁଥିଲା। ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ପାକିସ୍ତାନ ପ୍ରଧାନମନ୍ତ୍ରୀ ଗଣମାଧ୍ୟମ ଆଗରେ ପ୍ରକୃତ ସତ୍ୟ ସ୍ୱୀକାର କରିଛନ୍ତି।

ଇମ୍ରାନଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଭାରତୀୟ ସେନାମୁଖ୍ୟ ଜେନେରାଲ ବିପିନ ରାୱତ କହିଛନ୍ତି, ମୁମ୍ବାଇରେ କିଏ ଆକ୍ରମଣ କରିଥିଲା ତାହା ସମସ୍ତେ ଜାଣନ୍ତି। ପାକିସ୍ତାନ ଏହା ସ୍ୱୀକାର କରିବା ଭଲ କଥା ବୋଲି ରାୱତ କହିଛନ୍ତି।

## ୨୦୧୮ରେ ୨୩୦ ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ,୮।୧୨(ପି.ଟି.)**

ଜମ୍ମୁ କଶ୍ମୀରରେ ସୁରକ୍ଷା ବାହିନୀଙ୍କ ଦ୍ୱାରା ଜାରି ରହିଥିବା ଆତଙ୍କବାଦୀ ବିରୋଧ ଲଢ଼େଇକୁ ସଫଳତା ମିଳିଛି। ବିଶେଷକରି କଶ୍ମୀରରେ ଆତଙ୍କବାଦୀଙ୍କ ଗତିବିଧି ଉପରେ ଲଗାମ୍ ସମ୍ଭବ ହୋଇଛି। ଏଥିସହ ସୁରକ୍ଷା ବ୍ୟବସ୍ଥାରେ ଆବଶ୍ୟକ ସୁଧାର ଆସିପାରିଛି।

ଚଳିତବର୍ଷ ମୋଟ ୨୩୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଜୁନ ୨୫ରୁ ସେପ୍ଟେମ୍ବର ୧୪ ଏବଂ ସେପ୍ଟେମ୍ବର ୧୫ରୁ ଡିସେମ୍ବର ୫ ମଧ୍ୟରେ ଯଥାକ୍ରମେ ୫୧ ଓ ୮୫ ଆତଙ୍କବାଦୀ ସୁରକ୍ଷା କର୍ମୀଙ୍କ ସହ ଲଢ଼େଇରେ ପ୍ରାଣ ହରାଇଛନ୍ତି।

ଅପରପକ୍ଷେ, ପଥରଫିଙ୍ଗା ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୧୭୦ ଜଣ ଆହତ ହୋଇଛନ୍ତି। ବର୍ତ୍ତମାନ ୨୪୦ ବିଦେଶୀ ଆତଙ୍କବାଦୀ କଶ୍ମୀର ଉପତ୍ୟକାରେ ସକ୍ରିୟ ରହିଛନ୍ତି। ତେବେ ମେହବୁବା ମୁଫ୍‌ତି ନେତୃତ୍ୱାଧୀନ ସରକାରରୁ ଭାଜପା ଓହରିଯିବା ପରେ ଜୁନ ୧୯ରେ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଜାରି ହୋଇଥିଲା। ଏହାପରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି ହୋଇଥିବା ଓ ଏଥିରେ ଆବଶ୍ୟକୀୟ ସୁଧାର ଆସିଥିବା ସରକାରୀ ଭାବେ ସ୍ପଷ୍ଟ କରାଯାଇଛି।

## ରବର୍ଟ ଭଦ୍ରାଙ୍କ କର୍ମଚାରୀଙ୍କୁ ଇଡିର ଜେରା

**ନୂଆଦିଲ୍ଲୀ,୮।୧୨(ପି.ଟି.):**

ପ୍ରତିରକ୍ଷା ଡିଲ୍ ସହ ସମ୍ପୃକ୍ତି ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରବର୍ଟ ଭଦ୍ରାଙ୍କ ଦୁଇଜଣ କର୍ମଚାରୀ ଏବଂ ଜଣେ କଂଗ୍ରେସ କର୍ମୀଙ୍କୁ ଜେରା କରିଛି। ଶନିବାର ସକାଳେ ଇଡି ଟିମ୍ କଂଗ୍ରେସ କର୍ମୀ ଏବଂ ଭଦ୍ରାଙ୍କ ଘନିଷ୍ଠ ସହଯୋଗୀ ଜଗଦୀଶ ଶର୍ମାଙ୍କ ଘର ଉପରେ ଚଢ଼ାଉ କରିଥିଲେ। ମନୋଜ ଆରୋରା ଏବଂ ରମେଶ ଶର୍ମା ଏବଂ ଅନ୍ୟ ଜଣକୁ ଜେରା କରାଯାଇଛି।

## ନାଇଟ୍ କ୍ଲବରେ ଦଳାଚକଟା : ୬ ମୃତ

**କୋରିନାଲ୍‌ଡୋ (ଇଟାଲୀ),୮।୧୨**

ଇଟାଲୀର ଏକ ନାଇଟ୍ କ୍ଲବ୍‌ରେ ଶନିବାର ଦଳାଚକଟା ଘଟି ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୫ ଜଣଙ୍କ ବୟସ ୧୮ ବର୍ଷରୁ କମ୍ ଓ ଜଣେ ବୟସ୍କ ମହିଳା ରହିଛନ୍ତି। ୫୪ ଜଣ ଆହତ ହୋଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୧୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଇଟାଲୀର କୋରିନାଲ୍‌ଡୋ ସହରସ୍ଥିତ ନାଇଟ୍ କ୍ଲବ୍‌ରେ 'କିଙ୍ଗ୍ ଅଫ୍ ଦି ଟ୍ରାପ୍' ଭାବେ ପରିଚିତ ଖ୍ୟାତନାମା ଇଟାଲିୟାନ୍ ର୍‌ୟାପର ଫେରା ଏବାସ୍ତାଙ୍କ କନର୍ସଟ ସୋ' କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଏହି ଦୁଃଖଦ ଘଟଣା ଘଟିଥିବା ଜଣାଯାଇଛି।

ଅଗ୍ନି ସେବା ସଂସ୍ଥାର ସୂଚନାନୁଯାୟୀ, ନାଇଟ୍ କ୍ଲବ୍‌ରେ ପାଖାପାଖି ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ରହିଥିଲେ। ସମସ୍ତେ ନାଚଗୀତରେ ମସ୍‌ଗୁଲ ରହିଥିବାବେଳେ ପିପର ସ୍ପ୍ରେ ଭଳି କୌଣସି ପଦାର୍ଥ ସ୍ପ୍ରେ ହୋଇଥିଲା। ଏଥିରୁ ଉତ୍କଟ ଗନ୍ଧ ବାହାରିଥିଲା ଏବଂ ଉପସ୍ଥିତ କନର୍ସଟପ୍ରେମୀମାନେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଦର୍ଶକମାନେ ଆତଙ୍କିତ ହୋଇ ଧାଁଦୌଡ଼ କରିଥିଲେ। କ୍ଲବ୍‌ର ୩ ଜରୁରିକାଳୀନ ଦ୍ୱାର ମଧ୍ୟରୁ କାର୍ ପାର୍କିଂ ଦିଗକୁ ରହିଥିବା ଦ୍ୱାର ଦେଇ ଲୋକେ ବାହାରି ଆସିବାକୁ ଉଦ୍ୟତ ହେଲାବେଳେ ଠେଲାପେଲାରୁ ଦଳାଚକଟା ଘଟିଥିଲା।



## ଏସ୍‌ଏସ୍‌ପି ଓ ୨ ଅଫିସରଙ୍କ ବଦଳି

**ଲକ୍ଷ୍ନୌ,୮।୧୨(ପି.ଟି.)**

**ବୁଲନ୍ଦସହର ହିଂସା**
■ଅଭିଯୁକ୍ତ ଯବାନ ପୋଲିସକୁ ହସ୍ତାନ୍ତର

ବୁଲନ୍ଦସହର ହିଂସାକାଣ୍ଡକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଏସ୍‌ଏସ୍‌ପି କ୍ରିଷ୍ଣ ବାହାଦୁର ସିଂ ଏବଂ ଅନ୍ୟ ଦୁଇଜଣ ପୋଲିସ ଅଧିକାରୀଙ୍କୁ ବଦଳି କରାଯାଇଛି। କ୍ରିଷ୍ଣ ବାହାଦୁରଙ୍କୁ ଡିଜିପି ଅଫିସକୁ ବଦଳି କରାଯାଇଥିଲା ବେଳେ ତାଙ୍କ ସ୍ଥାନରେ ସୀତାପୁର ଏସ୍‌ପି ପ୍ରଭାକର ଚୌଧୁରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସ୍ୟାନାର ପୋଲିସ ସର୍କଲ ଅଫିସର ସତ୍ୟପ୍ରକାଶ ଶର୍ମା ଏବଂ ଚିଙ୍ଗ୍ରାବତୀର ଭାରପ୍ରାପ୍ତ ପୋଲିସ ଅଧିକାରୀ ସୁରେଶ କୁମାରଙ୍କୁ ବଦଳି କରାଯାଇଛି। ଗୋଇନ୍ଦା ବିଭାଗ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଏସ୍.ବି.ଶିରୋଦକର ହିଂସା ଘଟଣାର ରିପୋର୍ଟ ଦାଖଲ କରିଥିଲେ।

ଇନ୍‌ସପେକ୍ଟର ସୁବୋଧ କୁମାର ସିଂ ହତ୍ୟା ଘଟଣାରେ ଜଣେ ସେନା ଯବାନ ଜିତେନ୍ଦ୍ର ମଲିକ ସଂପୃକ୍ତ ଥିବା ଅଭିଯୋଗ ପରେ ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ ଶନିବାର ତାଙ୍କୁ ଉତ୍ତରପ୍ରଦେଶ ପୋଲିସ ହାତରେ ଅର୍ପଣ କରିଛି।

ଗତ ୩ ତାରିଖରେ ଗୋହତ୍ୟାକୁ ନେଇ ସୃଷ୍ଟ ଉତ୍ତେଜନା ହିଂସାତ୍ମକ ରୂପ ନେଇଥିଲା। ଇନ୍‌ସପେକ୍ଟର ସୁବୋଧ ପୋଲିସ ଟିମ୍ ସହ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇଥିଲାବେଳେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି।

## କେମିତି ରହିବ ଆଜିର ପାଗ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୦ | ୧୩.୦ |
| ଚାନ୍ଦବାଲି | ୨୫.୮ | ୧୬.୨ |
| କଟକ | ୨୭.୦ | ୧୫.୬ |
| ପାରାଦ୍ୱୀପ | ୨୭.୫ | ୧୮.୦ |
| ଭୁବନେଶ୍ୱର | ୨୮.୭ | ୧୭.୦ |
| ଗୋପାଳପୁର | ୨୮.୯ | ୧୮.୮ |
| ପୁରୀ | ୨୮.୪ | ୨୦.୨ |
| ଅନୁଗୋଳ | ୨୭.୧ | ୧୨.୦ |
| ବାରିପଦା | ୨୫.୪ | ୧୨.୦ |
| ଝାରସୁଗୁଡ଼ା | ୨୭.୫ | ୧୧.୭ |
| କେନ୍ଦୁଝର | ୨୪.୯ | ୧୦.୬ |
| ସମ୍ବଲପୁର | ୨୮.୬ | ୧୩.୫ |
| ସୁନ୍ଦରଗଡ଼ | ୨୭.୦ | ୧୦.୫ |
| ହୀରାକୁଦ | ୨୮.୫ | ୧୪.୬ |
| ତାଳଚେର | ୩୦.୧ | ୧୪.୩ |
| ଭବାନୀପାଟଣା | ୩୦.୬ | ୧୫.୦ |
| ବଲାଙ୍ଗୀର | ୨୯.୨ | ୧୫.୫ |
| କୋରାପୁଟ | ୨୭.୬ | ୧୫.୨ |
| ଫୁଲବାଣୀ | ୨୭.୬ | ୦୬.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୫ | ୨୦.୫ |
| ସୋନପୁର | ୩୦.୦ | ୧୫.୨ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ୮୩ ବର୍ଷରେ ପାଦ ଦେଲେ ଧର୍ମେନ୍ଦ୍ର

**ମୁମ୍ବାଇ:** ବଲିଉଡ୍‌ର ବିଶିଷ୍ଟ ତଥା ବରିଷ୍ଠ ଅଭିନେତା ଧର୍ମେନ୍ଦ୍ର ୮୩ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ପତ୍ନୀ ତଥା ଚିରସବୁଜ ଅଭିନେତ୍ରୀ ହେମାମାଳିନୀ ତାଙ୍କୁ 'ଦୀର୍ଘସ୍ଥାୟୀ ପ୍ରେମିକ' ବୋଲି ଶୁଭେଚ୍ଛା ଜଣାଇଛନ୍ତି। ହେମା ଶନିବାର ଟୁଇଟରରେ ଲେଖିଛନ୍ତି, ଦୀର୍ଘସ୍ଥାୟୀ ପ୍ରେମିକଙ୍କ ପ୍ରତି ଜନ୍ମଦିନର ଶୁଭେଚ୍ଛା। ମୋ ପ୍ରିୟ କନ୍ୟାର ସବୁଠୁ ପ୍ରିୟତମ ପିତା ଏବଂ ଡାରିଏନ୍ ଓ ରାଧ୍ୟାଙ୍କ ଗର୍ବିତ ଜେଜେବାପା।



ଧର୍ମେନ୍ଦ୍ରଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥିବା ବହୁ ପ୍ରଶଂସକଙ୍କୁ ସେ ଧନ୍ୟବାଦ ଜଣାଇବା ସହିତ ପ୍ରଶଂସକଙ୍କ ଶୁଭେଚ୍ଛା ଧର୍ମେନ୍ଦ୍ରଙ୍କୁ ଜଣାଇ ଦେଇଛନ୍ତି। ଧର୍ମେନ୍ଦ୍ର ଓ ହେମାମାଳିନୀ 'ରାଜା ଜାନି', 'ସୀତା ଔର ଗୀତା', 'ଶରାଫତ୍', 'ଶୋଲେ' ଏବଂ 'ନୟା ଜମାନା' ଭଳି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି। ଦୁହିଁଙ୍କର ଈଶା ଏବଂ ଆହାନା ନାମ୍ନୀ ଦୁଇକନ୍ୟା ଅଛନ୍ତି। ଈଶା ତାଙ୍କ ପିତାଙ୍କୁ ୱିଶ୍ କରିବା ପାଇଁ ସୋସିଆଲ୍ ମିଡିଆର ସାହାଯ୍ୟ ନେଇଛନ୍ତି। ସେ ଧର୍ମେନ୍ଦ୍ରଙ୍କ ଜନ୍ମଦିନ ପାଳନ ଉତ୍ସବର ଏକ ଫଟୋ ପୋଷ୍ଟ କରି ତା' ତଳେ 'ହାପି ବାର୍ଥଡେ ପାପା' ଲେଖିଛନ୍ତି। ହେମାଙ୍କ ସହିତ ଧର୍ମେନ୍ଦ୍ର ସ୍ମିତହାସ୍ୟ କରୁଥିବାର ଫଟୋ ଶେୟାର ହୋଇଛି। ଧର୍ମେନ୍ଦ୍ର ବଲିଉଡ୍‌ର ସର୍ବାଧିକ ଆଦୃତ ଅଭିନେତାଙ୍କ ମଧ୍ୟରୁ ଅନ୍ୟତମ। ସେ ବଲିଉଡ୍‌ରେ ଦୀର୍ଘ ୬୦ବର୍ଷ କାର୍ଯ୍ୟକରି ସବୁ ବର୍ଗର ଦର୍ଶକଙ୍କୁ ମୁଗ୍ଧ କରିପାରିଛନ୍ତି। 'ବନ୍ଦିନୀ' ଠାରୁ ଆରମ୍ଭ କରି 'ସତ୍ୟକାମ', 'ରାଜା ଜାନି', 'ପ୍ରତିଜ୍ଞା', 'ଶୋଲେ' ଏବଂ 'ଚୁପ୍‌କେ ଚୁପ୍‌କେ' ଭଳି ଫିଲ୍ମରେ ଧର୍ମେନ୍ଦ୍ର ଅଭିନୟ କରି ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି।

## ସଡ଼କ ଦୁର୍ଘଟଣା: ଶୀର୍ଷରେ ଭାରତ

**ନୂଆଦିଲ୍ଲୀ**

ବିଶ୍ୱର ବିଭିନ୍ନ ଦେଶ ତୁଳନାରେ ଭାରତରେ ଅଧିକ ସଂଖ୍ୟାରେ ସଡକ ଦୁର୍ଘଟଣା ଘଟୁଛି। ଜେନେଭାସ୍ଥିତ ଇଣ୍ଟରନ୍ୟାଶନାଲ୍ ରୋଡ ଫେଡେରେଶନ୍(ଆଇଆରଏଫ୍) ପକ୍ଷରୁ ଏହି ସୂଚନା ମିଳିଛି। ବିଶ୍ୱରେ ସମୁଦାୟ ସଡକ ଦୁର୍ଘଟଣାର ୧୦% ଭାରତରେ ହିଁ ଘଟିଥାଏ। ପ୍ରତିବର୍ଷ ସଡକ ଦୁର୍ଘଟଣାରେ ହାରାହାରି ୧ଲକ୍ଷ ୪୬ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରନ୍ତି। ଏହା ବିଶ୍ୱର ବିଭିନ୍ନ ଦେଶ ତୁଳନାରେ ସର୍ବାଧିକ। ୨୦୨୦ ସୁଦ୍ଧା ସଡକ ଦୁର୍ଘଟଣା ଏବଂ ତଜ୍ଜନିତ ମୃତ୍ୟୁସଂଖ୍ୟା ୫୦%କୁ ହ୍ରାସ କରିବା ପାଇଁ ଭାରତ ପ୍ରତିବଦ୍ଧ ଭାବେ କାର୍ଯ୍ୟକରିବାକୁ ବ୍ରାସିଲିଆ ଘୋଷଣାନାମାରେ ସ୍ୱାକ୍ଷର କରିଥିଲା ବୋଲି ଆଇଆରଏଫ୍ ଚେୟାରମ୍ୟାନ୍ କେ.କେ. କପିଳା ପ୍ରକାଶ କରିଛନ୍ତି। ପ୍ରତିବର୍ଷ ବହୁ ଲୋକ ଛୁଟି କଟାଇବା ପାଇଁ ତୀର୍ଥକ୍ଷେତ୍ର ପରିଦର୍ଶନରେ ଯାଇଥାଆନ୍ତି। ଅବକାଶ ସମୟରେ ଯାନବାହନ ଭିଡ ସହିତ ଶୀତଋତୁରେ କୁହୁଡ଼ି ଅଧିକ ବିପଦର କାରଣ ହୋଇଥାଏ। ଡ୍ରାଇଭରମାନେ ଅନଭ୍ୟସ୍ତ ପରିବେଶରେ ଗାଡ଼ି ଚଳାଇବା ସହିତ ଦୀର୍ଘପଥ ଯାତ୍ରା କରୁଥିବାରୁ କ୍ଲାନ୍ତ ହୋଇପଡନ୍ତି। କେତେକ ବ୍ୟକ୍ତି ମଦ୍ୟପାନ କରି ଗାଡି ଚଳାଉଥିବାରୁ ତାହା ମଧ୍ୟ ବିପଜ୍ଜନକ ହୋଇଥାଏ। ସଡକ ନିରାପତ୍ତା ପ୍ରତ୍ୟେକ ବ୍ୟକ୍ତିଙ୍କର ଦାୟିତ୍ୱ। କାରଣ ଦୁର୍ଘଟଣାରେ ମୃତାହତ ବ୍ୟକ୍ତିର ପ୍ରଭାବ ପରିବାର, ବନ୍ଧୁବାନ୍ଧବଙ୍କ ଉପରେ ଦୀର୍ଘଦିନ ଧରି ପଡିଥାଏ ବୋଲି ସେ ପ୍ରକାଶ କରିଛନ୍ତି।

SAMBALPUR UNIVERSITY
JYOTIVIHAR, BURLA
SAMBALPUR (ODISHA), PIN: 768019
**(NAAC ACCREDIATED WITH 'A' GRADE)**
**Website: www.suniv.ac.in**

**SHORT QUOTATION CALL NOTICE**

No. 7121/Stores Dated: 04.12.18

Sealed quotations in plain paper are invited from the intending registered licensed (BIS/Hallmark License) Gold Dealers / manufacturer / Retailer to prepare and supply of Gold Medals of 10(Ten) gms or more in weight having 02(Two) gram of pure gold in fineness each so as to reach the undersigned by Speed Post or Registered Post only on or before **Dt.15.12.2018** by **02.00 PM**. Prices quoted should be inclusive of all taxes & charges. The quotation will be opened on the same day at **3.00 PM** in the presence of the agencies or their authorized representatives. If any. The detailed information of the specification of Gold Medals and terms & conditions for supply can be had from the Store & Purchase Section, Sambalpur University.

**Sd./- Registrar**




**ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ୍ ପରିବର୍ତ୍ତିତ ମାର୍ଗରେ ଝାରସୁଗୁଡ଼ା ରୋଡ୍ ପଥ ଦେଇ ଚଳାଚଳ କରିବ**

ଟ୍ରେନ୍ ନଂ. **18507/18508** ବିଶାଖାପାଟଣା - ଅମୃତସର - ବିଶାଖାପାଟଣା ତ୍ରିସାପ୍ତାହିକ ହୀରାକୁଦ ଏକ୍ସପ୍ରେସ୍ ଝାରସୁଗୁଡ଼ା ଷ୍ଟେସନ ପରିବର୍ତ୍ତେ ଝାରସୁଗୁଡ଼ା ରୋଡ୍ - ଇବ୍ ଷ୍ଟେସନ ମାର୍ଗ ଦେଇ ଚଳାଚଳ କରିବ। ବିଶାଖାପାଟଣା ଠାରୁ ତା.**17.12.2018**ରିଖ ଠାରୁ ଛାଡ଼ିବାକୁ ଥିବା **18507** ବିଶାଖାପାଟଣା - ଅମୃତସର ହୀରାକୁଦ ଏକ୍ସପ୍ରେସ୍ ଓ ତା.**16.12.2018**ରିଖ ଠାରୁ ଅମୃତସର ରୁ ଛାଡ଼ିବାକୁ ଥିବା **18508** ଅମୃତସର - ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ୍ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ।
ଏହି ପରିବର୍ତ୍ତିତ ସମୟ ସାରଣୀ ନିମ୍ନ ଅନୁଯାୟୀ ହେବ :

| 18507 ବିଶାଖାପାଟଣା - ଅମୃତସର ହୀରାକୁଦ ଏକ୍ସପ୍ରେସ୍ | | | | ↓ ଷ୍ଟେସନ ↑ | 18508 ଅମୃତସର - ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ୍ | | | |
|---|---|---|---|---|---|---|---|---|
| ବର୍ତ୍ତମାନ ସମୟସୂଚୀ | | ସଂଶୋଧିତ ସମୟସୂଚୀ | | | ବର୍ତ୍ତମାନ ସମୟସୂଚୀ | | ସଂଶୋଧିତ ସମୟସୂଚୀ | |
| ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| 1305 | 1325 | 1305 | 1325 | ସମ୍ବଲପୁର | 0920 | 0940 | 0920 | 0940 |
| - | - | 1450 | 1455 | ଝାରସୁଗୁଡ଼ା ରୋଡ୍ | - | - | 0810 | 0815 |
| 1440 | 1515 | - | - | ଝାରସୁଗୁଡ଼ା | 0805 | 0825 | - | - |

ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ତା.**18.12.2018**ରିଖ ଠାରୁ ତା.**11.03.2019**ରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ା ଠାରୁ ଝାରସୁଗୁଡ଼ା ରୋଡ୍ ଏବଂ ଝାରସୁଗୁଡ଼ା ରୋଡ୍ ଠାରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ବିଶ୍ୱସ୍ତ ଯାତ୍ରୀମାନଙ୍କୁ ମାଗଣା ବୈଧ ବସ୍ ସେବା ଯୋଗାଇ ଦିଆଯିବ।



**ପୂର୍ବ ତଟ ରେଳପଥ**
Follow us on : www.facebook/@EASTCOASTRailway1
www.twitter/@eastcoastrail
PR-399/J/18-19

ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ- ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା- ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି।

-ଶ୍ରୀମା



# ବାକ୍ ସ୍ୱାଧୀନତା



ଆକାର ପଟେଲ

ଆକ୍ରମଣାତ୍ମକ ବକ୍ତବ୍ୟକୁ ନେଇ ପ୍ରତିକ୍ରିୟାହୀନ ରହୁଥିବା ଦେଶଗୁଡ଼ିକ ପ୍ରାୟତଃ ଉନ୍ନତି କରିବାର ସମ୍ଭାବନା ଅଧିକ ଥାଏ। ପ୍ରତିବର୍ଷ ମାନବ ସ୍ୱାଧୀନତା ସୂଚକାଙ୍କ (ହ୍ୟୁମାନ୍ ଫ୍ରିଡମ୍ ଇଣ୍ଡେକ୍ସ)ର ଆକଳନ କରୁଥିବା କାଟୋ ଇନ୍ଷ୍ଟିଚ୍ୟୁଟ୍ ଏ ଦିଗରେ ସବୁଠୁ ମୁକ୍ତ ବା ସ୍ୱାଧୀନ ଦେଶରୂପେ ସ୍ୱିଜରଲାଣ୍ଡ, ନ୍ୟୁଜିଲାଣ୍ଡ, ଫିନ୍‌ଲାଣ୍ଡ, ନର୍‌ୱେ, ଡେନ୍‌ମାର୍କ, ନେଦରଲାଣ୍ଡ ଓ ଇଂଲଣ୍ଡକୁ ବିବେଚନା କରିଛି। ଏପରି ସ୍ୱାଧୀନ ଦେଶ ତାଲିକାରେ ଇଣ୍ଡୋନେସିଆ ଓ ତୁର୍କୀ ତଳକୁ ଭାରତର ସ୍ଥାନ ରହିଛି ୧୦୩ ନମ୍ବରରେ। ତାଲିକାର ସବୁଠୁ ତଳେ ଅଛନ୍ତି ଆଙ୍ଗୋଲା, ବୁରୁଣ୍ଡି ଓ କଙ୍ଗୋ। ଯେଉଁ ଦେଶଗୁଡ଼ିକ ବାକ୍ ସ୍ୱାଧୀନତାକୁ ଅନୁମତି ଦିଅନ୍ତି, ସେମାନେ ଧନୀ ହେବାର ସମ୍ଭାବନା ସବୁଠୁ ଅଧିକ। 'ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ' ପ୍ରତିବର୍ଷ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ପ୍ରକାଶ କରେ। ଏଥିରେ କେଉଁ ଦେଶରେ ଗଣମାଧ୍ୟମକୁ କେତେ ସ୍ୱାଧୀନତା ମିଳିଛି ତାହାର ଆକଳନ କରାଯାଇଥାଏ। ଏ ଦିଗରେ ସବୁଠୁ ଉପରେ ଥିବା ଦେଶଗୁଡ଼ିକ ହେଉଛି ନର୍‌ୱେ, ସ୍ୱିଡେନ୍, ନେଦରଲାଣ୍ଡ, ଫିନ୍‌ଲାଣ୍ଡ, ସ୍ୱିଜର୍‌ଲାଣ୍ଡ, ଜାମାଇକା, ବେଲ୍‌ଜିୟମ୍, ନ୍ୟୁଜିଲାଣ୍ଡ, ଡେନ୍‌ମାର୍କ ଓ କୋଷ୍ଟାରିକା। ଏ କ୍ଷେତ୍ରରେ ଭାରତର ସ୍ଥାନ ପାକିସ୍ତାନ, ଚାଇନା ଓ ଅନ୍ୟ କେତେକ ଦେଶ ପରି ବହୁତ ତଳେ ରହିଛି, ଯେଉଁଠି ବାକ୍ ସ୍ୱାଧୀନତା କେବଳ କଥାରେ ରହିଛି, କାମରେ ନୁହେଁ। ବାକ୍ ସ୍ୱାଧୀନତା ସହ ଧନୀ, କ୍ଷମତାଶାଳୀ ଓ ଉନ୍ନତ ହେବାର ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ସାମ୍ବାଦିକ ଅଭିଜିତ୍ ଆୟାର ମିତ୍ର ଟୁଇଟରରେ ଓଡ଼ିଶା ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେବାରୁ ତାଙ୍କୁ ଅକ୍ଟୋବର ୨୩ ତାରିଖରେ ଗିରଫ କରି ଜେଲରେ ରଖାଗଲା। ଏହାପରେ ସେ ତାଙ୍କର ଭୁଲ୍ ସ୍ୱୀକାର କଲେ ଓ ଭୁଲ୍ ମାଗିଲେ। ଓଡ଼ିଶା ବିଧାନସଭା ତାଙ୍କୁ କ୍ଷମା ଦେଇଦେଲା, ତଥାପି ବହୁ ବିଳମ୍ବରେ ଡିସେମ୍ବର ୬ ତାରିଖରେ ତାଙ୍କୁ ଜାମିନ ମିଳିଲା। ଭାରତୀୟ ଉପମହାଦେଶରେ ବାକ୍ ସ୍ୱାଧୀନତା ଓ ଧର୍ମକୁ ନେଇ ଆମେ ପଛରେ ରହିଛୁ। ଅର୍ଦ୍ଧ ଶତାବ୍ଦୀ ତଳେ ଏ କ୍ଷେତ୍ରରେ ଲୋକଙ୍କର ଅଧିକ ସ୍ୱାଧୀନତା ଥିଲା।

୧୯୫୩ ମେ ୨୭ ତାରିଖରେ ପେରିୟାର ଭାବେ ଜଣାଶୁଣା ତାମିଲ ସଂସ୍କାରକ ଇ.ଭି. ରାମସ୍ୱାମୀ ନାଇକର ତିରୁଚିରାପଲ୍ଲୀସ୍ଥିତ ଟାଉନହଲ ପଡ଼ିଆରେ ସର୍ବସାଧାରଣରେ ଏକ ଗଣେଶ ମୂର୍ତ୍ତିକୁ ଭାଙ୍ଗିଦେଲେ। ମୂର୍ତ୍ତିକୁ ଭାଙ୍ଗିବା ପୂର୍ବରୁ ହିନ୍ଦୁଧର୍ମର ଜାତିପ୍ରଥାକୁ ନେଇ ଉତ୍କ୍ଷିପ୍ତ ଥିବା ନାଇକର ଏହା କରିବା ପଛରେ ଥିବା ତାଙ୍କ ଉଦ୍ଦେଶ୍ୟ ବିଷୟରେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିରେ ଜନୈକ ଅପମାନିତ ହିନ୍ଦୁ ବୀରବଦ୍ରନ୍ ଚେଟ୍ଟିଆର ଧାରା ୨୯୫ ଓ ୨୯୫-ଏ ଅନୁଯାୟୀ ଏକ ମାମଲା ରୁଜୁ କଲେ। ଧାର୍ମିକ ମୂର୍ତ୍ତି ଭାଙ୍ଗିବା ଅପରାଧରେ ନାଇକରଙ୍କୁ ଦୁଇବର୍ଷ ଜେଲ ଦଣ୍ଡ ମିଳିବା କଥା। ଧାର୍ମିକ ବିଶ୍ୱାସକୁ ଆଘାତ ଦେବା ସହ ଉତ୍ତେଜନାମୂଳକ ବକ୍ତବ୍ୟ ଦେଇଥିବାରୁ ତାଙ୍କୁ ତିନିବର୍ଷର ଜେଲ ଦଣ୍ଡ ମିଳିବା କଥା।

ମାତ୍ର ତିରୁଚିରାପଲ୍ଲୀ ମାଜିଷ୍ଟ୍ରେଟ୍ ପ୍ରଥମ ଅଭିଯୋଗକୁ ଖାରଜ କରିଦେଲେ କାରଣ ତାଙ୍କ ମତରେ ଗଣେଶଙ୍କ ପରି ଦେଖାଯାଉଥିବା ଏକ ମାଟିର ମୂର୍ତ୍ତି କେବେହେଲେ ପବିତ୍ର ଓ ଧାର୍ମିକ ବସ୍ତୁ ଭାବେ ଗଣ୍ୟ ହୋଇପାରିବ ନାହିଁ। ଧାର୍ମିକ ବିଶ୍ୱାସକୁ ନେଇ ଉତ୍ତେଜନାମୂଳକ ଭାଷଣ ଦେବା ଅଭିଯୋଗରେ କିନ୍ତୁ ସେ ଧାରା ୨୯୫-ଏ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା କଥା। କିନ୍ତୁ ମାମଲା ରୁଜୁ କରିବା ଲାଗି ସରକାରଙ୍କ ଅନୁମୋଦନର ଆବଶ୍ୟକତା ଥିଲା। ସରକାର ଅନୁମୋଦନ ଦେଇ ନ ଥିବାରୁ ମାଜିଷ୍ଟ୍ରେଟ୍ ଦ୍ୱିତୀୟ ଅଭିଯୋଗଟିକୁ ମଧ୍ୟ ଖାରଜ କରିଦେଲେ। ମୂର୍ତ୍ତିଟି ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି ଥିଲା ଯାହାକୁ ସେ ଭାଙ୍ଗିଛନ୍ତି ବୋଲି ଅଭିଯୋଗକାରୀ ସ୍ୱୀକାର କଲେ। ଭାରତରେ ଏପରି ଘଟଣା ଘଟିଥିଲା ବୋଲି ଏବେ କଳ୍ପନା କରିହେବ ନାହିଁ। ଏକ ଦଳ ପାକିସ୍ତାନୀ ଖ୍ରୀଷ୍ଟିଆନଙ୍କ କହିବା ଅନୁସାରେ ୧୯୨୭ରୁ ୧୯୮୬ ମଧ୍ୟରେ ଅବିଭକ୍ତ ଭାରତ ଓ ପାକିସ୍ତାନରେ ଏଭଳି ଈଶ୍ୱର-ନିନ୍ଦା ଜନିତ ମାତ୍ର ୭ଟି ମାମଲା ରୁଜୁ ହୋଇଥିଲା। ପାକିସ୍ତାନର ଜାତୀୟ ନ୍ୟାୟ ଓ ଶାନ୍ତି କମିଶନର କହିବା ଅନୁସାରେ ୧୯୮୬ ପରେ ୧,୦୫୮ଟି ଈଶ୍ୱର-ନିନ୍ଦା (ବ୍ଲାସ୍‌ଫେମି) ମାମଲା ରୁଜୁ ହୋଇଛି।

ତା'ହେଲେ ୧୯୮୬ରେ କ'ଣ ବଦଳିଗଲା ? ଏପରି ଧର୍ମନିନ୍ଦୁକମାନଙ୍କ ପାଇଁ ପାକିସ୍ତାନ ମୃତ୍ୟୁଦଣ୍ଡ ଦିଆଯାଇପାରିବ ବୋଲି ଆଇନ ପ୍ରଣୟନ କଲା। ଏହା ପୂର୍ବରୁ ଭାରତ ଓ ପାକିସ୍ତାନରେ ଏ ସମ୍ପର୍କରେ ଆଇନ ସମାନ ଥିଲା। ଦଣ୍ଡ କଠିନ ହେବା ପରେ ମନଇଚ୍ଛା ଅଭିଯୋଗମାନ ଆସିବାକୁ ଲାଗିଲା। ଉକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରେ ୪୫୬ ଜଣ ଅହମଦିଆ ମୁସଲମାନ, ୪୪୯ ଜଣ ମୁସଲମାନ, ୧୩୨ ଜଣ ଖ୍ରୀଷ୍ଟିଆନ ଓ ୨୧ ଜଣ ହିନ୍ଦୁ ଅଛନ୍ତି। ପାକିସ୍ତାନ ଜନସଂଖ୍ୟାର ମାତ୍ର ଚାରି ପ୍ରତିଶତ ଥିବା ଅଣମୁସଲମାନଙ୍କ ବିରୋଧରେ ୫୭ ପ୍ରତିଶତ ଅଭିଯୋଗ ରହିଛି। ଏଥିରୁ ଜଣାପଡୁଛି ଯେ, ଦୁର୍ବଳ ଭିନ୍ନ ଧର୍ମାବଲମ୍ବୀଙ୍କୁ ଟାର୍ଗେଟ୍ କରିବା ପାଇଁ ଏହି ଆଇନର ଦୁରୁପଯୋଗ କରାଯାଉଛି। ଆଉ ଗୋଟିଏ କଥା ହେଉଛି, ଅଧିକାଂଶ ମାମଲା ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଦାଏର କରାଯାଇଛି। ଏହି ପ୍ରଦେଶର ଖ୍ରୀଷ୍ଟିଆନ ମହିଳା ଆସିଆ ବିବିଙ୍କ ବିରୋଧରେ ମୃତ୍ୟୁଦଣ୍ଡ ଘୋଷଣା କରାଯାଇ ସେ ଅନେକ ବର୍ଷ ଜେଲରେ ରହିବା ପରେ ତାଙ୍କୁ ସୁପ୍ରିମ୍‌କୋର୍ଟ ଦୋଷମୁକ୍ତ କରିଛନ୍ତି।

ଏଥିରୁ ସ୍ପଷ୍ଟ ଯେ, ବାକ୍ ସ୍ୱାଧୀନତା ଓ ଧର୍ମକୁ ନେଇ ଆମେ ବହୁତ ପଛରେ ରହିଛୁ। ତାହା ଏକ ଦେଶ ହିସାବରେ ମଧ୍ୟ ଆମକୁ ପଛରେ ପକାଇଦେଉଛି, ଯାହା ପୂର୍ବୋକ୍ତ ସୂଚକାଙ୍କଗୁଡ଼ିକରୁ ଜଣାପଡୁଛି। ମିତ୍ର କ'ଣ କହିଲେ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ନିଜର ଦୋଷ ସ୍ୱୀକାର କଲେ ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ବାକ୍ ସ୍ୱାଧୀନତା ସେତେବେଳେ ଯାଇ ସାର୍ଥକ ହୋଇପାରିବ, ଯେତେବେଳେ କାହାର ଅପମାନଜନକ ବକ୍ତବ୍ୟକୁ ଆମେ ସହ୍ୟ କରିପାରିବୁ। ତା' ନ ହେଲେ ସେଭଳି ସଂକୁଚିତ ବାକ୍ ସ୍ୱାଧୀନତାର ମୂଲ୍ୟ କିଛି ନାହିଁ।

Email: aakar.patel@gmail.com

# ଯେବେ ହିସାବ ମାଗିବେ ଈଶ୍ୱର



ପ୍ରକାଶ ତ୍ରିପାଠୀ

ବିଳାସପୂର୍ଣ୍ଣ ସ୍କୋଡା କାରଟିଏ ଗୁରୁଗାଓଁସ୍ଥିତ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦ ଆର୍ଥ ସାଭିୟର୍ସ ଫାଉଣ୍ଡେଶନ' ସମ୍ମୁଖରେ ଅଟକିଲା। କାରରୁ ଓହ୍ଲାଇଲେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ଓ ତାଙ୍କ ମା'। ମା'ଙ୍କୁ ସେହି ଅନୁଷ୍ଠାନରେ ରଖିବାକୁ ଭଦ୍ରବ୍ୟକ୍ତି ଅନୁରୋଧ କଲେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ । ମା'ଙ୍କ ବୟସ ପଞ୍ଚାବନ-ଷାଠିଏ ଭିତରେ ହୋଇଥିବ ମାତ୍ର ଦେଖାଯାଉଥାନ୍ତି ଅଶୀ ନବେ ବର୍ଷ ଭଳି। ଜୀର୍ଣ୍ଣଶୀର୍ଣ୍ଣ ଶରୀର, ଓଜନ ଅତି ବେଶି ହେଲେ ବାର କେଜି ହେବ। କଙ୍କାଳ ଉପରେ ସତେ ଯେମିତି ଲୋଳିତ ଚର୍ମର ଏକ ଆବରଣ ମାତ୍ର। ଯେକୌଣସି ସମୟରେ ଜୀବନ ଛାଡିଯିବାର ଆଶଙ୍କା ସୃଷ୍ଟି କରୁଥାଏ। ବିଳାସପୂର୍ଣ୍ଣ ସ୍କୋଡା କାର ଓ ଭଦ୍ରବ୍ୟକ୍ତିଙ୍କ ପରିଧାନରୁ ବାରି ହୋଇପଡୁଥିଲା ତାଙ୍କର ଆଭିଜାତ୍ୟ। ମା'ଙ୍କୁ ଏଭଳି ଅବସ୍ଥାରେ ଅନାଥାଶ୍ରମ ନୁହେଁ, ବରଂ ନିଜ ଘରେ ଆତ୍ମୀୟଙ୍କ ଦ୍ୱାରା ସେବାଯତ୍ନ କରାଯିବା ଆବଶ୍ୟକ। ତେଣୁ ମା'ଙ୍କୁ ଘରକୁ ଫେରାଇନେବାକୁ ଭଦ୍ରବ୍ୟକ୍ତିଙ୍କୁ ଅନୁରୋଧ କରିଥିଲେ ଅନୁଷ୍ଠାନର ମୁଖ୍ୟ। ଫେରିଯିବା ପୂର୍ବରୁ ଭଦ୍ରବ୍ୟକ୍ତିଙ୍କ ଫୋନ୍ ନମ୍ବର ଓ ଘର ଠିକଣା ରଖିବାକୁ ଭୁଲି ନ ଥିଲେ ସେ। ସେଦିନ ରାତିରେ ଭଲ ନିଦ ହୋଇ ନ ଥିଲା ଅନୁଷ୍ଠାନର ମୁଖ୍ୟଙ୍କୁ। ପ୍ରତି ମୁହୂର୍ତ୍ତରେ ସେହି ଭଦ୍ରବ୍ୟକ୍ତିଙ୍କ କଙ୍କାଳସାର ମା'ଙ୍କ ଚେହେରା ସାମ୍ନାକୁ ଆସିଯାଉଥିଲା। ପରଦିନ ସକାଳେ ଫୋନ କରିଥିଲେ ସେହି ଭଦ୍ରବ୍ୟକ୍ତିଙ୍କୁ ଓ ପଚାରି ବୁଝିଥିଲେ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟ ଅବସ୍ଥା। ଉତ୍ତରରେ ସେ ଯାହା ଶୁଣିଲେ, ସେଥିରେ ତାଙ୍କ ପାଦତଳୁ ଭୂମି ଖସିଯିବା ଭଳି ଲାଗିଲା। ଭଦ୍ରବ୍ୟକ୍ତି ଉପହାସ ଢଙ୍ଗରେ ଅନାଥାଶ୍ରମ ମୁଖ୍ୟଙ୍କୁ କହିଥିଲେ- 'ଆପଣ ତ ମୋ ମା'ଙ୍କୁ ଆଶ୍ରମରେ ରଖିଲେନି। ତେଣୁ ମୁଁ ଆଜି ସକାଳେ ମା'ଙ୍କୁ ହରିଦ୍ୱାର ଯାଉଥିବା ଏକ ଟ୍ରେନ୍‌ରେ ବସାଇଦେଇ ଆସିଛି।' ଏହାପରେ ଅନାଥାଶ୍ରମର ମୁଖ୍ୟ ନିଜେ ତାଙ୍କ ମା'ଙ୍କୁ ଉଦ୍ଧାର କରି ଆଶ୍ରମକୁ ଆଣିଥିଲେ ଓ ତାଙ୍କୁ ସୁସ୍ଥ କରାଇଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ, ଉକ୍ତ ବୃଦ୍ଧାଙ୍କର ଶହେ ଏକର ପାଖାପାଖି ଜମି ରହିଛି ଓ ସବୁ ସମ୍ପତ୍ତି ପୁଅ-ଝିଅଙ୍କ ମଧ୍ୟରେ ନ ବାଣ୍ଟି କେବଳ ପୁଅ ନାମରେ ରେଜିଷ୍ଟ୍ରି କରିଦେବାକୁ ଭଦ୍ରବ୍ୟକ୍ତି ମା'ଙ୍କ ଉପରେ ଚାପ ପକାଉଥିଲେ। ଏଥିରେ ତାଙ୍କ ମା' ରାଜି ନ ହେବାରୁ ତାଙ୍କୁ ଗୋଟିଏ ଘରେ ଖାଇବାକୁ ପିଇବାକୁ ନ ଦେଇ ଅନେକ ଦିନ ହେବ ତାଲା ପକାଇ ରଖିଥିଲେ।

ଏହିଭଳି ଅନେକ ମର୍ମଭେଦୀ ହୃଦୟବିଦାରକ ଘଟଣାର ମୂକସାକ୍ଷୀ ପାଲଟିଛି ଗୁରୁଗାଓଁସ୍ଥିତ ଦ ଆର୍ଥ ସାଭିୟର୍ସ ଫାଉଣ୍ଡେଶନ ଦାତବ୍ୟ ଅନୁଷ୍ଠାନ ଓ ମଣିଷରୁ ଦେବତା ପାଲଟି ଯାଇଛନ୍ତି ଏହାର ପ୍ରତିଷ୍ଠାତା ତଥା ମୁଖ୍ୟ ସଂଚାଳକ ରବି କାଲ୍‌ରା। ୨୦୦୮ରେ ତାଙ୍କଦ୍ୱାରା ସ୍ଥାପିତ ଏହି ଅନୁଷ୍ଠାନରେ ବର୍ତ୍ତମାନ ପ୍ରାୟ ୫୦୦ ବେସାହାରା, ଅସହାୟ ବୃଦ୍ଧାବୃଦ୍ଧ ଆଶ୍ରୟ ନେଇଛନ୍ତି, ଯେଉଁମାନଙ୍କ ପଛରେ ରହିଛି ଅନେକ ମର୍ମସ୍ପର୍ଶୀ ବେଦନାସିକ୍ତ ତଥା ଅଶ୍ରୁଭିଜା କାହାଣୀ। ରବି କାଲ୍‌ରା ଏହି ଦାତବ୍ୟ ଅନୁଷ୍ଠାନ ଖୋଲିବା ପୂର୍ବରୁ ଜଣେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ତାଲିମଦାତା ଭାବେ ଖୁବ୍ ଖ୍ୟାତି ଅର୍ଜନ କରିଥିଲେ। ମାତ୍ର ଗୋଟିଏ ଛୋଟ ଘଟଣା ତାଙ୍କ ଜୀବନପଥକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା। ଦିଲ୍ଲୀର ଏକ ରାସ୍ତାକଡ଼ରେ ଫିଙ୍ଗାଯାଇଥିବା ଖାଦ୍ୟକୁ ଜଣେ ଆଠଦଶ ବର୍ଷର ବାଳକ ଓ ଏକ କୁକୁର ଏକତ୍ର ଖାଉଥିବା ଦେଖି ତାଙ୍କ ହୃଦୟ ତରଳି ଯାଇଥିଲା। ଏହାପରେ ସେ ସିଧା ଯାଇଥିଲେ ଦିଲ୍ଲୀର ଏକ ଶ୍ମଶାନକୁ ଓ ସେଠାରେ ଜୁଇର ପାଉଁଶ ଦେହରେ ବୋଳି ଶପଥ ନେଇଥିଲେ ଅନାଥ, ବେସାହାରା ଓ ଅସହାୟଙ୍କ ସେବାରେ ନିଜର ଅବଶିଷ୍ଟ ଜୀବନ ବିତାଇବାକୁ। ଏହାପରେ ଜନ୍ମ ନେଲା ତାଙ୍କ ସ୍ୱପ୍ନର ଅନୁଷ୍ଠାନ ଦ ଆର୍ଥ ସାଭିୟର୍ସ ଫାଉଣ୍ଡେଶନ। ପ୍ରଥମ ଅତିଥି ଭାବେ ନିଜ ଅନୁଷ୍ଠାନ ପାଇଁ ପାଇଥିଲେ ଜଣେ ବୃଦ୍ଧ ରୋଗୀଙ୍କୁ, ଯିଏ କି ରାସ୍ତାକଡ଼ରେ ପଡି ଚିତ୍କାର କରୁଥିଲେ। ଦେହସାରା ଘା ଓ ଏହା ଉପରେ ଏତେମାତ୍ରାରେ ମାଛି ବସିଥିଲେ ଯେ ଲାଗୁଥିଲା ସତେଯେମିତି ମହୁଫେଣା ଉପରେ ମହୁମାଛି ବସିଛନ୍ତି। ରୋଗଣା ବାପାଙ୍କ ଚିକିତ୍ସା ନ କରି ନିଜ ପରିବାର ଲୋକେ ଉକ୍ତ ବୃଦ୍ଧଙ୍କୁ ଘରୁ ତଡିଦେଇଥିଲେ। ଉକ୍ତ ବୃଦ୍ଧଙ୍କୁ ନିଜ ଆଶ୍ରମକୁ ଆଣି ସେବାଯତ୍ନ ନେବା ପରେ ସେ ସୁସ୍ଥ ହୋଇଥିଲେ। ପ୍ରଥମେ ପ୍ରଥମେ ନିଜ ସଞ୍ଚିତ ଅର୍ଥରେ ଅନାଥାଶ୍ରମର ଖର୍ଚ୍ଚ ତୁଲାଉଥିଲେ। ଆଖପାଖ ଲୋକ ସହଯୋଗ କରିବା ତ ଦୂରର କଥା, ଅପନିନ୍ଦା କରିବାକୁ ପଛାଇ ନ ଥିଲେ। ସେମାନେ ଭାବୁଥିଲେ ଯେ, ରବି କାଲ୍‌ରା ବୋଧହୁଏ କିଡ୍‌ନୀ, ବ୍ଲଡ୍ ବିକିବା ଉଦ୍ଦେଶ୍ୟରେ ଅନାଥାଶ୍ରମ ଖୋଲିଛନ୍ତି। ପରେ ଅବଶ୍ୟ ସେମାନଙ୍କ ଆଶଙ୍କା ଦୂରୀଭୂତ ହୋଇଥିଲା ଓ ଆଶ୍ରମକୁ ବିଭିନ୍ନ ବର୍ଗର ଲୋକେ ଏବଂ କିଛି ଅନୁଷ୍ଠାନ ସାହାଯ୍ୟ କରିବାକୁ ଲାଗିଲେ। କାଲ୍‌ରାଙ୍କ ଏପରି କାର୍ଯ୍ୟକୁ ଖୁବ୍ ପ୍ରଶଂସା କରନ୍ତି ତାଙ୍କ ମା' ଓ ବାପା। ନିଜକୁ ସେ ନିୟୋଜିତ କରିଛନ୍ତି ଅସହାୟ ଲୋକଙ୍କ ସେବାଯତ୍ନ ନେବାରେ। ହେଲେ ନିଜ ଧର୍ମପତ୍ନୀ କାଲ୍‌ରାଙ୍କ ଏପରି କାର୍ଯ୍ୟକୁ ନାପସନ୍ଦ କରି ତାଙ୍କଠାରୁ ଅଲଗା ହୋଇ ଯାଇଛନ୍ତି। ନିଜ ଝିଅପୁଅଙ୍କୁ ନେଇ ଏବେ ସେ ବିଦେଶରେ ରହୁଛନ୍ତି।

ଯେତେବେଳେ ସମଗ୍ର ଦିଲ୍ଲୀ ନିଶାର୍ଦ୍ଧରେ ଶୂନ୍‌ଶାନ୍ ହୋଇଯାଏ, ସେତେବେଳେ ରବି କାଲ୍‌ରା ଗଳିକନ୍ଦି ବୁଲି ରାସ୍ତାକଡ଼ରେ ଶୋଇଥିବା ଅନାଥ, ଅସହାୟ ମଣିଷମାନଙ୍କୁ ଖୋଜନ୍ତି ଓ ଆଦର ସହକାରେ ନିଜ ଆଶ୍ରମକୁ ପାଛୋଟି ଆଣନ୍ତି। ଏପରି କି ପୋଲିସ ବି ଏଭଳି ଲୋକଟିଏ ପାଇଲେ ଏବେ ରବି କାଲ୍‌ରାଙ୍କ ଆଶ୍ରମରେ ଛାଡିଦେଇ ଆସୁଛନ୍ତି। କେବଳ ଅସହାୟ ଓ ବେସାହାରା ଲୋକ ଗରିବ ବା ସାଧାରଣ ପରିବାରରେ ନାହାନ୍ତି। ଅନେକ ଧନାଢ୍ୟ ଓ ସ୍ୱଚ୍ଛଳ ପରିବାରରେ ବି ବରିଷ୍ଠ ସଦସ୍ୟମାନେ ଅଛନ୍ତି, ଯେଉଁମାନେ କି ପରିବାର ଦ୍ୱାରା ଅବହେଳିତ ହୋଇ ରାଜରାସ୍ତାକୁ ଆଦରି ନେଉଛନ୍ତି। ଏପରି କି ଅନାଥାଶ୍ରମରେ ଦେହାନ୍ତ ପରେ ଖବର ପଠାଗଲା ପରେ ମଧ୍ୟ ଅନ୍ତିମ ସଂସ୍କାର ପାଇଁ ବି ଆସୁନାହାନ୍ତି। କେବଳ ଅନାଥାଶ୍ରମର ନୁହନ୍ତି, ଯେ କୌଣସି ଅଚିହ୍ନା, ଅଜଣା ଓ ଦାବିଦାର ନ ଥିବା ଶବକୁ ସମ୍ମାନ ଦିଅନ୍ତି ରବି କାଲ୍‌ରା। ବର୍ତ୍ତମାନ ସୁଦ୍ଧା ସେ ଏହିଭଳି ପ୍ରାୟ ପାଞ୍ଚହଜାର ମୃତ ଲୋକଙ୍କ ଶବ ସତ୍କାର କରିବା ସହ ସେମାନଙ୍କ ଅସ୍ଥି ପ୍ରୟାଗଠାରେ ବିସର୍ଜନ କରିସାରିଛନ୍ତି। କାଲ୍‌ରାଙ୍କର ଏପରି ଉତ୍ସର୍ଗୀକୃତ ସେବା ପାଇଁ ତାଙ୍କୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ସମାଜସେବା ଓ ଦୁଃଖୀ ବେସାହାରା ଲୋକଙ୍କ ସେବା ପାଇଁ କୌଣସି ପଦପଦବୀ ବା ରାଜନୀତିର ଆବଶ୍ୟକତା ନାହିଁ। ତାହାର ଜ୍ୱଳନ୍ତ ଉଦାହରଣ ପାଲଟି ଯାଇଛନ୍ତି ରବି କାଲ୍‌ରା। ତାଙ୍କ ସମ୍ପର୍କରେ ଖୁବ୍ କମ୍ ଲୋକ ଜାଣନ୍ତି କାରଣ ଏଭଳି ମହାନ୍ ଲୋକଙ୍କ ମହାନ୍ କାମ ସମ୍ପର୍କରେ ଆମ ଗଣମାଧ୍ୟମଗୁଡିକ ବିଶେଷ ସକ୍ରିୟ ନୁହନ୍ତି। ଏମାନେ ଚିତ୍ର ତାରକାଙ୍କ ସମ୍ପର୍କରେ ଯେତିକି ତତ୍ପରତା ପ୍ରକାଶ କରନ୍ତି, ଏହାର କାଣିଚାଏ ସଚ୍ଚା ସମାଜସେବୀଙ୍କ କ୍ଷେତ୍ରରେ ଦେଖାଇ ନ ଥାନ୍ତି। ଗତ ନଭେମ୍ବର ୨୬ ତାରିଖରେ ଏହି ମହାନ୍ ସମାଜସେବୀ ଓ ମହାମାନବଙ୍କୁ ସୋନି ଚ୍ୟାନେଲ ପକ୍ଷରୁ କୌନ୍ ବନେଗା କରୋଡପତି ଗେମ୍ ଶୋ'କୁ ଆମନ୍ତ୍ରଣ କରାଯାଇ ଖେଳ ମାଧ୍ୟମରେ ୨୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେ ଅନେକ ସତ୍ୟ ଘଟଣାର ବେଦନାସିକ୍ତ କାହାଣୀ ପ୍ରକାଶ କରିଥିଲେ, ଯାହାକି ସମଗ୍ର ଭାରତକୁ ସ୍ତବ୍ଧ କରିଦେଇଥିଲା। କଥା ପ୍ରସଙ୍ଗରେ ସେ କହିଥିଲେ ଯେ, ଦିନେନା ଦିନେ ଆମ ସମସ୍ତଙ୍କୁ ଈଶ୍ୱରଙ୍କ ପାଖକୁ ଯିବାକୁ ପଡିବ। ସେତେବେଳେ ଈଶ୍ୱର ଆମକୁ କେବେ ବି ପଚାରିବେନି ଯେ ଆମେ କେତେ ବ୍ୟାଙ୍କ ବାଲାନ୍ସ ରଖିଛୁ, କେତେ ସମ୍ପତ୍ତିବାଡି କରିଛୁ। କିନ୍ତୁ ଏହା ନିଶ୍ଚିତ ପଚାରିବେ ଯେ ଅନ୍ୟମାନଙ୍କ ପାଇଁ, ସମାଜ ପାଇଁ, ଅନାଥ, ଅସହାୟ ଓ ବେସାହାରାମାନଙ୍କ ପାଇଁ କ'ଣ କରିଛୁ। ଆମେ ଏ ଦୁନିଆରୁ ସବୁ କିଛି ପାଇଛେ। ପ୍ରତିବଦଳରେ ଆମକୁ କିଛି କରିବାକୁ ପଡିବ, ନଚେତ୍ ଈଶ୍ୱରଙ୍କୁ ଆମେ କି ଉତ୍ତର ଦେବା ?

ବର୍ତ୍ତମାନ ଆମ ଦେଶର ମୋଟ ଜନସଂଖ୍ୟା ପ୍ରାୟ ୧୩୦ କୋଟି ଓ ଏଥିରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଅନ୍ତତଃ ୧୩ କୋଟି। ଯଦି ଏହି ହାର ଅବ୍ୟାହତ ରହେ, ତେବେ ୨୦୫୦ ବେଳକୁ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୩୦ କୋଟି ଛୁଇଁବ। ଏକ ସର୍ବେକ୍ଷଣ ଅନୁଯାୟୀ ୭୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଜୀବନସାଥୀ ବିନା ଏକଲା ରହିଥାନ୍ତି। ଏମାନଙ୍କ କ୍ଷେତ୍ରରେ ସେବାଯତ୍ନକୁ ନେଇ ସମ୍ପ୍ରତି ଉତ୍କଟ ସମସ୍ୟା ଦେଖାଦେଇଛି। କ୍ରମଶଃ ଯୌଥ ପରିବାର ଦୁର୍ବଳ ଓ ବହୁଳ ଏକକ ପରିବାର ମୁଣ୍ଡଟେକି ଉଠୁଥିବାରୁ ବରିଷ୍ଠ ନାଗରିକମାନେ ଅଧିକ ଅବହେଳାର ଶିକାର ହେଉଛନ୍ତି। ବୟସ୍କ ମାତାପିତା ତଥା ପରିବାରର ବରିଷ୍ଠ ସଦସ୍ୟଙ୍କ ସେବାଯତ୍ନ ଓ ପ୍ରତିପୋଷଣକୁ ସୁନିଶ୍ଚିତ କରିବା ପାଇଁ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ତାହାର ଆଶାନୁରୂପ ସୁଫଳ ମିଳିପାରୁନାହିଁ। ଆଗାମୀ ଦିନରେ ପୁରୁଷଙ୍କ ହାରାହାରି ପରମାୟୁ ୭୧.୯ ଓ ମହିଳାଙ୍କ ପରମାୟୁ ୭୫.୮ ବର୍ଷକୁ ବୃଦ୍ଧି ପାଇବାର ଆକଳନ କରାଯାଉଥିବାରୁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଆଜିଠାରୁ ସୁଚିନ୍ତିତ ଯୋଜନା ଏବଂ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। କୁହାଯାଏ, ସବୁ ସମୟରେ ଓ ସବୁ ସ୍ଥାନରେ ଈଶ୍ୱର ପହଞ୍ଚି ପାରିବେନି ବୋଲି ମା' ସୃଷ୍ଟି କରିଥିଲେ। ଏବେ ଲାଗୁଛି ମା'ମାନେ ଅସହାୟ ହୋଇପଡୁଥିବାରୁ ଈଶ୍ୱର ବୋଧହୁଏ ରବି କାଲ୍‌ରାଙ୍କ ଭଳି ଫରିସ୍ତା ସୃଷ୍ଟି କରିଛନ୍ତି।

ମୋ-୯୪୩୭୨୩୨୪୬୩,
prakas.tripathy09@gmail.com

# ଅର୍ଥନୀତିର ଦିଗ୍‌ଦର୍ଶକ

ଭାରତୀୟ ଅର୍ଥନୀତିକୁ ଦିଗ୍‌ଦର୍ଶନ ଦେବାରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ)ଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଏହି ପଦବୀରେ ଅବସ୍ଥାପିତ ବ୍ୟକ୍ତି ଅର୍ଥ, ବେପାର ବାଣିଜ୍ୟ ଏବଂ ଅର୍ଥନୈତିକ ବ୍ୟବସ୍ଥା ସୁଦୃଢ଼ କରିବା ଲାଗି ସରକାରଙ୍କୁ ଉପଦେଶ ଦେଇଥାଆନ୍ତି। ସିଇଏ ସିଧାସଳଖ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ରିପୋର୍ଟ ଦିଅନ୍ତି । ତେଣୁ ଅର୍ଥନୀତି ଉପରେ ପ୍ରଗାଢ଼ ଜ୍ଞାନ ରଖିଥିବା ବ୍ୟକ୍ତିଙ୍କୁ ଏଥିଲାଗି ବଛାଯାଇଥାଏ। ଅରବିନ୍ଦ ସୁବ୍ରମଣ୍ୟନ୍‌ଙ୍କ ଇସ୍ତଫାର ୬ ମାସ ପରେ କେନ୍ଦ୍ର ସରକାର ପ୍ରଫେସର ଡ. କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍‌ଙ୍କୁ ନୂତନ ସିଇଏ ନିଯୁକ୍ତ କରିଛନ୍ତି। ସେ ୩ ବର୍ଷ ପାଇଁ ଏହି ପଦରେ ରହିବେ। ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ ପରେ ଭାରତୀୟ ଅର୍ଥନୀତିରେ ମାନ୍ଦାବସ୍ଥା ଲକ୍ଷ୍ୟ କରାଯାଇଛି । କେତେକ ଅର୍ଥନୀତିଜ୍ଞ ସରକାରଙ୍କ ଏଭଳି ପଦକ୍ଷେପକୁ ସମାଲୋଚନା ମଧ୍ୟ କରିଛନ୍ତି। ଏପରି କି ଅରବିନ୍ଦ ସିଇଏ ଥିବା ବେଳୁ ବିମୁଦ୍ରୀକରଣ ନିଷ୍ପତ୍ତିରେ ସନ୍ତୁଷ୍ଟ ନ ଥିଲେ। ତେଣୁ ଅନନ୍ୟୋପାୟ ହୋଇ ପାରିବାରିକ କାରଣ ଦର୍ଶାଇ ପଦବୀରୁ ଇସ୍ତଫା ଦେଇଥିଲେ। ତେବେ ତାଙ୍କ ସାଙ୍ଗିଆ ବହନ କରୁଥିବା ଅନ୍ୟ ଜଣେ ଅଥନୀତି ବିଶେଷଜ୍ଞ କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍‌ଙ୍କୁ ଏବେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ନିଯୁକ୍ତ କରାଯାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ସମାଲୋଚକମାନେ କହିବା ଆରମ୍ଭ କଲେଣି ସେ ସ୍ୱଦେଶୀ ଅର୍ଥନୀତିକୁ ପସନ୍ଦ କରୁଥିବାରୁ କ୍ରିଷ୍ଣମୂର୍ତ୍ତିଙ୍କୁ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ପସନ୍ଦ କରିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ବ୍ୟକ୍ତିଙ୍କ କାର୍ଯ୍ୟଶୈଳୀ ଅର୍ଥନୀତିକୁ କିଭଳି ଦିଶା ଦେଇପାରିବ ତାହା ମୁଖ୍ୟ କଥା। ତାଙ୍କ

ବ୍ୟକ୍ତିତ୍ୱ



କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍

ପରାମର୍ଶ ଜାତୀୟ ଅର୍ଥନୀତିକୁ ସକାରାତ୍ମକ ଦିଗକୁ ନେଇପାରିଲେ ଦେଶର ଉନ୍ନତି ହୋଇପାରିବ। ଏହି ପରିପ୍ରେକ୍ଷୀରେ ନବନିଯୁକ୍ତ ସିଇଏଙ୍କ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ହାଇଦ୍ରାବାଦସ୍ଥିତ ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜିନେସ୍‌ର ଆସୋସିଏଟ୍ ପ୍ରଫେସର ଥିବା କ୍ରିଷ୍ଣମୂର୍ତ୍ତି ବ୍ୟାଙ୍କ ବିଶେଷଜ୍ଞ ଭାବେ ମଧ୍ୟ ଜଣାଶୁଣା। ଏଥିସହିତ ସେ ସେଣ୍ଟର ଫର୍ ଆନାଲିଟିକାଲ ଫାଇନାନ୍ସର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଦାୟିତ୍ୱରେ ରହିଛନ୍ତି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲଜି, କାନପୁରରୁ ଇଲେକ୍‌ଟ୍ରିକାଲ୍ ଇଞ୍ଜିନିୟରିଂ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, କଲିକତାରୁ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଶିକାଗୋ ବିଶ୍ୱବିଦ୍ୟାଳୟର ବୁଥ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ରୁ ଫାଇନାନ୍ସିଆଲ ଇକୋନୋମିକ୍ସରେ ସେ ପିଏଚ.ଡି. ଡିଗ୍ରୀ ଅର୍ଜନ କରିଥିଲେ। ତାଙ୍କ ଗବେଷଣା ସନ୍ଦର୍ଭ ପ୍ରସ୍ତୁତିରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଅନ୍ୟତମ ଗାଇଡ୍ ରହିଥିଲେ। ବ୍ୟାଙ୍କିଙ୍ଗ, କର୍ପୋରେଟ ଗଭର୍ନାନ୍ସ ଓ ଇକୋନୋମିକ ପଲିସି ବିଶେଷଜ୍ଞ ଭାବେ କ୍ରିଷ୍ଣମୂର୍ତ୍ତିଙ୍କ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସେ ଆର୍‌ବିଆଇ ଓ ସେବିର ବିଶେଷଜ୍ଞ କମିଟିରେ କାର୍ଯ୍ୟ କରିଛନ୍ତି। ଜେପି ମୋର୍ଗାନ ଚେଜ୍, ଆଇସିଆଇସିଆଇ ବ୍ୟାଙ୍କ ଓ ଟାଟା କନ୍‌ସଲ୍‌ଟାନ୍ସିରୁ ଅଭିଜ୍ଞତା ଅର୍ଜନ କରିଥିବା କ୍ରିଷ୍ଣମୂର୍ତ୍ତି ବନ୍ଧନ ବ୍ୟାଙ୍କ ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କ ମ୍ୟାନେଜମେଣ୍ଟର ବୋର୍ଡ ସଦସ୍ୟ ରହିଥିଲେ।

ଆର୍ଥିକ ଜଗତରେ କ୍ରିଷ୍ ନାମରେ ପରିଚିତ ୪୭ ବର୍ଷୀୟ ଏହି ଦକ୍ଷିଣ ଭାରତୀୟ ବିଶାରଦ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିପାରିଥିବାରୁ ଜେଟ୍‌ଲୀ ତାଙ୍କୁ ସିଇଏ ପଦବୀ ଲାଗି ଯୋଗ୍ୟ ବିବେଚନା କରିଥିବା କୁହାଯାଉଛି। କେନ୍ଦ୍ରର ଭାଜପା ସରକାରରେ ସ୍ୱଦେଶୀ ଜାଗରଣ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଅର୍ଥନୈତିକ ବିଶେଷଜ୍ଞଙ୍କ ମତରେ ରାଜନ ଆର୍‌ବିଆଇ ଗଭର୍ନର ଏବଂ ଅରବିନ୍ଦ ସୁବ୍ରମଣ୍ୟନ୍ ସିଇଏ ନିଯୁକ୍ତ ହେବା ସମୟରେ ମଞ୍ଚ ପକ୍ଷରୁ ସେମାନଙ୍କ ବିଦେଶୀ ଭାବନାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ହେଲେ କ୍ରିଷ୍ଣମୂର୍ତ୍ତିଙ୍କ ନିଯୁକ୍ତି ଉପରେ ଏହା କୌଣସି ମନ୍ତବ୍ୟ ଏଯାଏ ରଖି ନ ଥିବା ଦେଖିବାକୁ ମିଳିଛି। ଆଲୋଚନା ହେଉଛି, କ୍ରିଷ୍ଣମୂର୍ତ୍ତି ସ୍ୱଦେଶୀ ଅର୍ଥନୀତିର ଅନ୍ୟତମ ସମର୍ଥକ ହୋଇଥିବାରୁ ତାଙ୍କ ନିଯୁକ୍ତିକୁ ଅଗ୍ରପ୍ରାଧାନ୍ୟ ଦିଆଯାଇଛି।

-ଜିତେନ୍ଦ୍ର

## ଏଇ ଭାରତରେ

ଦୁନିଆରେ କେବଳ ସ୍ତ୍ରୀମାନେ ନିର୍ଯାତିତ ହୁଅନ୍ତି ନାହିଁ ବରଂ କେତେକ ସ୍ତ୍ରୀ ମଧ୍ୟ ତାଙ୍କ ସ୍ୱାମୀଙ୍କୁ ନିର୍ଯାତନା ଦେଇଥାଆନ୍ତି। ଏଥିପାଇଁ ଆମ ଓଡିଶାରେ ମହିଳା କମିଶନ୍ ଭଳି ପୁରୁଷ କମିଶନ୍ ଗଠନ ପାଇଁ କେତେକ ବ୍ୟକ୍ତି ଓ ସଂଗଠନ ଦାବି କରି ଆସୁଛନ୍ତି। ନିର୍ଯାତିତ ମହିଳାଙ୍କ ସ୍ୱର ସମସ୍ତଙ୍କୁ ଶୁଭୁଥିବା ବେଳେ ସ୍ତ୍ରୀ ନିର୍ଯାତିତ ସ୍ୱାମୀଙ୍କ ସ୍ୱର ପବନରେ ମିଳାଇଯାଏ। ନିର୍ଯାତିତ ପୁରୁଷ ନିଜ ମନକଥା କେବଳ ମନରେ ହିଁ ମାରିଥାଏ। କିନ୍ତୁ ନିର୍ଯାତିତ ପୁରୁଷଙ୍କ ଲାଗି ଆଶ୍ରମ ଥିବା କଥା କହିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଏପରି ଏକ ଆଶ୍ରମ ରହିଛି ମହାରାଷ୍ଟ୍ରର ଔରଙ୍ଗାବାଦ୍ ଅନ୍ତର୍ଗତ ଶିରିଡି-ବମ୍ବେ ରାଜପଥ ନିକଟରେ। ସ୍ତ୍ରୀ ଦ୍ୱାରା ନିର୍ଯାତନାର ଶିକାର ହୋଇ ଭାରତ ଫୁଲାରେ ନାମକ ଜଣେ ବ୍ୟକ୍ତି ଏହି ଆଶ୍ରମ ସ୍ଥାପନ କରିଛନ୍ତି। ଭାରତଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଏକ ମିଥ୍ୟା ମାମଲା ରୁଜୁ କରିଥିଲେ। ଏହା ପରଠୁ ସେ ଘରସଂସାର ଛାଡି ଏକୁଟିଆ ବାସ କରୁଛନ୍ତି। ୨୦୧୬ ନଭେମ୍ବର ୧୯ରେ ପୁରୁଷ ଅଧିକାର ଦିବସ ପାଳନ ସହିତ ଉକ୍ତ ଆଶ୍ରମ ପ୍ରତିଷ୍ଠା ଆରମ୍ଭ ହୋଇଥିଲା। ଏଠାରେ ସ୍ତ୍ରୀଙ୍କ ବିରୋଧରେ ଆଇନଗତ ଲଢ଼େଇ କରୁଥିବା ପୁରୁଷଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଏ। ପ୍ରତି ଶନିବାର ଓ ରବିବାର ପରାମର୍ଶ ଶିବିର ଆୟୋଜିତ ହୁଏ। ଆଖିରୁ ଲୁହ ଝରାଉଥିବା ଏକ କାଉ ମୂର୍ତ୍ତିକୁ ପୂଜା କରାଯାଏ। ବାସ୍ତବରେ ସ୍ତ୍ରୀ ଦ୍ୱାରା ନିର୍ଯାତିତ ପୁରୁଷଙ୍କ ପାଇଁ ଭାରତ ଫୁଲାରେ ଜଣେ ମାର୍ଗଦର୍ଶକ ତଥା ପ୍ରେରଣାର ପାତ୍ର।

## ଚିରନ୍ତନୀ

କାଷ୍ଠ ପାଷାଣ ଗଠିତ ହେ ନିର୍ଜୀବ ଦେବତା-ମୂରତି!
ଏ ଦେଶ-ଶୋଣିତେ ଆଜି ଜାଗ୍ରତ ଯେ ବିଶ୍ୱର କୀରତି,
ମାନବର ଶିଳ୍ପ କଳା କଳ୍ପନା ଘଟିତ
ଯୁଗ ଯୁଗ ଧରି ଯାହା ହୋଇଛି ଗଠିତ,
ମାନବର ହସ୍ତେ ବହି ରୂପ
ଭାଗ୍ୟେ ତା'ର କରୁଛ-ବିଦ୍ରୂପ,
ଅନ୍ତର ଗୁହାରି
ଶୁଣ କି ତାହାରି ?
ଶୂନ୍ୟ ପ୍ରାଣ
ହେ ପାଷାଣ !

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୯ ଡିସେମ୍ବର ୧୯୯୩

- ଅଯୋଧ୍ୟାର ବିବାଦୀୟ ସୌଧ ଭଙ୍ଗା ମାମଲାରେ ଆଜି ପୁଣିଥରେ ଭାଜପା ସଭାପତି ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କ ସମେତ ୮ଜଣଙ୍କୁ ଗିରଫ କରାଗଲା।
- ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଜି.ଟି. ନାନାବତୀ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ।
- ଶୀତଳ ଯୁଦ୍ଧ ସମୟରେ ଆମେରିକା ନିଜର ଆଣବିକ ଶକ୍ତି ପରଖିବା ନିମନ୍ତେ ନେଭାଦା ପରୀକ୍ଷାସ୍ଥଳ ନିକଟରେ ୨୦୪ଟି ଭୂତଳ ଆଣବିକ ବିସ୍ଫୋରଣ କରିଥିବା ନେଇ ସୂଚନା।

## ପାଠକ ଶ୍ରେଷ୍ଠ ବିଚାରକ

### ଦଲାଲି କାରବାର

ମହାଶୟ,

ଆଜିକାଲି ଲାଞ୍ଚ ନ ଦେଲେ ଅଫିସରେ କାମ ହେଉନାହିଁ। ବର୍ତ୍ତମାନ ଅନେକ ଡାକ୍ତର, ଇଞ୍ଜିନିୟର, ଅଫିସର, କିରାଣି, ଆର୍‌ଆଇ ଏବଂ ଅମିନ ଭିଜିଲାନ୍ସ ଜାଲରେ ପଡିଲେଣି। ତେଣୁ ସେମାନେ ଆଉ ଲାଞ୍ଚ ଅର୍ଥକୁ ହାତରେ ଧରୁନାହାନ୍ତି। ବରଂ ଦଲାଲ ଜରିଆରେ ଅର୍ଥ ଆଦାୟ କରୁଛନ୍ତି। ହସ୍ପିଟାଲରେ ବିଭିନ୍ନ ପରୀକ୍ଷା ମାଗଣାରେ ହେଉଥିବା ବେଳେ ଦଲାଲମାନେ ଡାକ୍ତରଙ୍କ ଦ୍ୱାରା ଅନୁମୋଦିତ ନର୍ସିଂହୋମ୍ ଏବଂ ଲାବରେଟୋରିକୁ ନେଇ ଯାଉଛନ୍ତି। ଦଲାଲ ଜରିଆରେ ଯେଉଁ ଲାଞ୍ଚ କାରବାର ହେଉଛି ତାହାଦ୍ୱାରା ସାଧାରଣ ଲୋକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡୁଛି। କାରଣ ଦଲାଲମାନଙ୍କର ସେଥିରେ ଭାଗ ରହୁଛି। ସରକାରଙ୍କୁ ଅନୁରୋଧ ଯଦି ଲାଞ୍ଚ କାରବାରକୁ ବନ୍ଦ କରି ନ ପାରୁଛନ୍ତି, ତେବେ ଦଲାଲମାନଙ୍କୁ ଦୃଢ଼ହସ୍ତରେ ଦମନ କରନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

### ବନବିଦ୍ୟାଳୟ ଏବେ ବିଶ୍ୱବିଦ୍ୟାଳୟ

ତତ୍କାଳୀନ ବକୁଳବନ ମୁକ୍ତାକାଶ ବନବିଦ୍ୟାଳୟ ଓଡ଼ିଆ ବିଶ୍ୱ ବିଦ୍ୟାଳୟରେ ରୂପାନ୍ତରିତ ହେବାକୁ ଯାଉଛି। ଏହି ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟରେ ଓଡିଆରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଗଲେ ସେଥିରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ଚାହିଁଲେ ସେହିଠାରେ ହିଁ ଗବେଷଣା କରିପାରିବେ। ଓଡ଼ିଶାରେ ଏ ସୁବିଧା ବହୁ ବିଶ୍ୱବିଦ୍ୟାଳୟରେ ମିଳୁଥିବା ବେଳେ ଛାତ୍ରୀଛାତ୍ର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନ, ପଶ୍ଚିମବଙ୍ଗରେ ଡକ୍ଟରେଟ କରିବାକୁ ପସନ୍ଦ କରୁଛନ୍ତି, କାରଣ ଆବଶ୍ୟକ ପୃଷ୍ଠଭୂମି ସେଠାରେ ଉପଲବ୍ଧ। ତେଣୁ ବିଶ୍ୱବିଦ୍ୟାଳୟ ଖୋଲାଗଲେ ଏହା ଓଡ଼ିଆ ଭାଷା ସାହିତ୍ୟର ଗବେଷଣା ପାଇଁ ପ୍ରୟୋଗଶାଳା ହେବ ବୋଲି କୁହାଯାଉଛି। ତେବେ ଯେଉଁ ଛାତ୍ରୀଛାତ୍ର ଯେଉଁ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିବେ ସେଠାରେ ପିଏଚ୍‌ଡି ନ କରି ସତ୍ୟବାଦୀ ବିଶ୍ୱବିଦ୍ୟାଳୟରେ କରିବାକୁ ଆଗ୍ରହ ପ୍ରକାଶ କରିବା ଅସମ୍ଭବ ନୁହେଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | B | | | A | 7 | | | | 8 |
| | | | | 2 | 1 | 5 | 9 | | C | 8 | | 6 | B | |
| 4 | | | | | | | 2 | 6 | | | 0 | | | 7 |
| | 6 | | | | | E | D | | 5 | | B | | | |
| | | A | D | | 9 | | 1 | 8 | | | 4 | | 5 | 0 |
| | 7 | E | | | | | | | 4 | | | | | 9 |
| | | | | 7 | | | | 1 | | 6 | E | | 0 | 4 |
| | | 2 | C | | | A | | | 8 | | | | E | |
| | | | | | 3 | | | | 9 | | | | A | 6 |
| C | | 8 | | | | | | | | | | 2 | 7 | B |
| | | | 4 | | | | 7 | D | 0 | 5 | A | | | 1 |
| E | | 0 | | | 8 | | | C | | | | 9 | | 5 |
| | | 1 | | | | | | | | | 2 | | | |
| 9 | | | 6 | | | 4 | | 5 | | | | | | D |
| | 4 | 7 | | | 2 | | 0 | 9 | | 1 | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | D | B | 9 | 0 | A | 7 | E | 4 | 2 | C | 6 | 1 | 5 |
| 7 | 2 | B | 1 | 8 | 5 | 4 | 6 | 3 | 9 | E | A | C | 0 | D |
| E | 5 | 4 | 3 | D | 6 | 1 | 0 | C | 7 | B | 8 | 2 | 9 | A |
| A | 9 | 1 | C | 7 | E | 8 | 5 | 2 | 6 | 0 | D | B | 4 | 3 |
| C | 0 | 6 | A | 4 | 2 | D | B | 9 | 5 | 1 | 3 | 7 | 8 | E |
| 5 | B | C | 4 | E | 3 | 6 | A | 0 | D | 9 | 7 | 8 | 2 | 1 |
| D | 6 | 8 | 2 | C | 7 | 9 | 1 | B | E | A | 4 | 3 | 5 | 0 |
| 0 | 4 | A | 5 | 6 | 8 | 3 | D | 7 | 2 | C | 1 | 9 | E | B |
| 3 | 7 | E | 9 | 0 | 1 | 2 | C | 4 | B | 8 | 5 | A | D | 6 |
| 2 | 1 | 9 | D | A | B | E | 8 | 5 | 0 | 3 | 6 | 4 | C | 7 |
| 4 | C | 5 | E | 2 | D | 0 | 9 | 6 | A | 7 | B | 1 | 3 | 8 |
| 1 | E | 0 | 6 | B | 9 | 7 | 4 | 8 | 3 | D | 2 | 5 | A | C |
| B | A | 7 | 8 | 3 | 4 | C | E | D | 1 | 5 | 9 | 0 | 6 | 2 |
| 9 | 8 | 3 | 0 | 5 | A | B | 2 | 1 | C | 6 | E | D | 7 | 4 |
| 6 | D | 2 | 7 | 1 | C | 5 | 3 | A | 8 | 4 | 0 | E | B | 9 |

ଗତକାଲିର ଉତ୍ତର

| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୪୧ | ମଦନ ପାଣି, ପିତା: ଉପେନ୍ଦ୍ର ପାଣି, ବାସ: ନିଜଗାଁ, ଜାତି: ବ୍ରାହ୍ମଣ | ୭୬ | ୮୧୯ | ଶାରଦ/୩ | ୦.୨୮୦ | ୦.୨୮୦ | |
| | | | ୮୧୭/୧୫୭୧ | ଶାରଦ/୨ | ୦.୧୪୦ | ୦.୧୪୦ | |
| | | | ୮୨୦/୧୫୭୬ | ଶାରଦ/୨ | ୦.୪୦୦ | ୦.୨୨୦ | |
| | | | ୮୨୧/୧୫୭୯ | ଶାରଦ/୨ | ୦.୫୨୦ | ୦.୫୨୦ | |
| ୪୨ | ଶ୍ରୀ ଗ୍ରାମେଶ୍ୱରୀ ମହାପାଙ୍କ, ଠାକୁରାଣୀ ବିଜେ, ନିଜଗାଁ: ମାର୍ଫତ ମଦନ ପାଣି, ଶିଖର ପାଣି, ପଦ୍ମନାଭ ପାଣି, ପିତା: ଉପେନ୍ଦ୍ର ପାଣି, ଜାତି: ବ୍ରାହ୍ମଣ | ୭୯ | ୯୦୫ | ଶାରଦ/୧ | ୦.୬୦୦ | ୦.୪୫୦ | |
| ୪୩ | ମଦନ ସାହୁ, ଗୋପାଳ ସାହୁ, ତୀର୍ଥ ସାହୁ, ସୁନେଇ ସାହୁ, ଯାତ୍ରା ସାହୁ, ପିତା: କୁଞ୍ଜୁ ସାହୁ, ମେନକୀ ସାହୁ, ସ୍ୱାମୀ: କୁଞ୍ଜୁ ସାହୁ, ବାସ: ନିଜଗାଁ, ଜାତି: ଚଷା | ୮୦ | ୯୮ | ଶାରଦ/୩ | ୦.୧୧୦ | ୦.୧୧୦ | |
| | | | ୯୯ | ଶାରଦ/୩ | ୦.୮୦ | ୦.୮୦ | |
| | | | ୧୦୦ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୧୦୧ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୧୦୨ | ଶାରଦ/୩ | ୦.୦୩୦ | ୦.୦୩୦ | |
| | | | ୧୦୩ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୧୦୪ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୧୦୫ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୧୦୬ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୬୭୫ | ଶାରଦ/୩ | ୦.୬୮୦ | ୦.୬୮୦ | |
| | | | ୬୯୬/୧୪୮୯ | ଶାରଦ/୩ | ୦.୭୪୦ | ୦.୭୪୦ | |
| | | | ୭୧/୧୪୯୩ | ଶାରଦ/୩ | ୦.୦୮୦ | ୦.୦୮୦ | |
| ୪୪ | ମନୁ ବୋଇତା, ପିତା: କୁଞ୍ଜ ବୋଇତା, ବାସ: ନିଜଗାଁ, ଜାତି: ସଅର | ୮୧ | ୭୧୮/୧୪୮୦ | ଶାରଦ/୩ | ୦.୩୫୦ | ୦..୩୫୦ | |
| ୪୫ | ମାଗତା ବେହେରା, ପିତା: ଗୁମାନି ବେହେରା, ବାସ: ନିଜଗାଁ, ଜାତି: ସଅର | ୮୪ | ୬୬୯ | ଶାରଦ/୩ | ୦.୩୭୦ | ୦.୩୭୦ | |
| ୪୬ | ମାଗତା ବେହେରା, ପିତା: ଗୁମାନି ବେହେରା, ପ୍ରକାଶ ବେହେରା, ପିତା: ବନ୍ଧୁ ବେହେରା, ଭାଲୁ ବେହେରା, ସ୍ୱାମୀ: ବନ୍ଧୁ ହେହେରା, ଦୋଳ ବେହେରା, ପିତା: ବନମାଳୀ ବେହେରା, ରୂପେଇ ବେହେରା, ସ୍ୱାମୀ: ବନମାଳୀ ବେହେରା, ଅନ୍ତର ବେହେରା, ଧର ବେହେରା, ଲକ୍ଷ୍ମଣ ବେହେରା, ପିତା: ଅରକ୍ଷିତ ବେହେରା, ପିତା: ଅରକ୍ଷିତ ବେହେରା, ମଙ୍ଗୁଲୁ ବେହେରା, ନନ୍ଦ ବେହେରା, ପିତା: ଭିକାରୀ ବେହେରା, ବାସ: ନିଜଗାଁ, ଜାତି: ସଅର | ୮୫ | ୧୪୫ | ଶାରଦ/୩ | ୦.୦୭୦ | ୦.୦୭୦ | |
| | | | ୧୫୫ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୧୫୬ | ଶାରଦ/୩ | ୦.୦୭୦ | ୦.୦୭୦ | |
| | | | ୧୫୭ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୧୬୦ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୧୬୧ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୧୬୨ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୨୪୦ | ଶାରଦ/୩ | ୦.୩୨୦ | ୦.୩୨୦ | |
| | | | ୩୩୩ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୩୩୪ | ଶାରଦ/୩ | ୦.୦୩୦ | ୦.୦୩୦ | |
| | | | ୩୩୭ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୩୩୮ | ଶାରଦ/୩ | ୦.୧୭୦ | ୦.୧୭୦ | |
| | | | ୩୩୯ | ଶାରଦ/୩ | ୦.୨୧୦ | ୦.୨୧୦ | |
| | | | ୮୩୧ | ଝ/୧ | ୦.୨୦୦ | ୦.୨୦୦ | |
| ୪୭ | ମାଗୁଣୀ ସାହୁ, ପିତା: ବେଣୁ ସାହୁ, ବାସ: ନିଜଗାଁ, ଜାତି: ଚଷା | ୮୬ | ୬୭୭ | ଶାରଦ/୩ | ୦.୨୧୦ | ୦.୨୧୦ | |
| | | | ୬୯୫ | ଟଇଲା/୧ | ୦.୪୪୦ | ୦.୪୪୦ | |
| | | | ୬୯୬ | ଶାରଦ/୩ | ୦.୫୫୦ | ୦.୫୫୦ | |
| | | | ୭୧୮/୧୪୬୧ | ଶାରଦ/୩ | ୦.୪୦୦ | ୦.୪୦୦ | |
| | | | ୬୯୭/୧୪୯୧ | ଟଇଲା/୧ | ୦.୩୫୦ | ୦.୦୩୫୦ | |
| | | | ୬୭୫/୧୪୯୨ | ଶାରଦ/୩ | ୦.୫୪୦ | ୦.୫୪୦ | |
| | | | ୭୧୯/୧୪୯୬ | ଶାରଦ/୨ | ୦.୨୭୦ | ୦.୨୭୦ | |
| ୪୮ | ଶ୍ରୀ ଅଲେଖ ଗୋସ୍ୱାମୀ, ବିଜେ ଯୋରନ୍ଦା, ମାର୍ଫତ୍ ମାଗୁଣୀ ସାହୁ, ପିତା: ବେଣୁ, ବାସ: ନିଜଗାଁ, ଜାତି: ଚଷା | ୮୭ | ୮୩୪ | ଶାରଦ/୧ | ୦.୦୫୦ | ୦.୦୫୦ | |
| ୪୯ | ମାଗୁଣୀ ସାହୁ, ମାଗତା ସାହୁ, କନ୍ଦର୍ପ ସାହୁ, ପିତା: ବେଣୁ ସାହୁ, ବାସ: ନିଜଗାଁ, ଜାତି: ଚଷା | ୮୮ | ୬୮୦ | ଶାରଦ/୩ | ୦.୫୩୦ | ୦.୫୩୦ | |
| | | | ୬୮୧ | ଶାରଦ/୩ | ୦.୪୮୦ | ୦.୪୮୦ | |
| | | | ୬୯୭ | ଟଇଲା/୧ | ୦.୪୦୦ | ୦..୦୪୦୦ | |
| | | | ୬୯୮ | ଶାରଦ/୩ | ୦.୪୦୦ | ୦.୪୦୦ | |
| | | | ୬୯୯ | ଶାରଦ/୨ | ୦.୧୭୦ | ୦.୧୭୦ | |
| | | | ୭୦୦ | ଶାରଦ/୨ | ୦.୧୬୦ | ୦.୧୬୦ | |
| | | | ୭୦୧ | ଶାରଦ/୨ | ୦.୨୦୦ | ୦.୨୦୦ | |
| | | | ୬୭୯/୧୪୬୪ | ଶାରଦ/୩ | ୦.୦୭୦ | ୦.୦୭୦ | |
| ୫୦ | ମାଗୁଣୀ ସାହୁ, ମାଗତା ସାହୁ, କନ୍ଦର୍ପ ସାହୁ, ପିତା: ବେଣୁ ସାହୁ, ଈଶ୍ୱର ସାହୁ, ପିତା: ନଟ ସାହୁ, ମୁରଲୀ ସାହୁ, ଛାଲିଆ ସାହୁ, ପିତା: ବୁଟୁ ସାହୁ, ଖୁଦ ସାହୁ, ସ୍ୱାମୀ: ବୁଟୁ ସାହୁ, ବାଙ୍କ ସାହୁ, ପିତା: ହଟିଆ ସାହୁ, ବାସ: ନିଜଗାଁ, ଜାତି: ଚଷା | ୮୯ | ୪ | ଶାରଦ/୨ | ୦.୧୬୦ | ୦.୧୬୦ | |
| | | | ୮ | ଶାରଦ/୨ | ୦.୧୮୦ | ୦.୧୮୦ | |
| | | | ୯ | ଶାରଦ/୨ | ୦.୧୪୦ | ୦.୧୪୦ | |
| | | | ୫୦ | ଶାରଦ/୩ | ୦.୧୪୦ | ୦.୧୪୦ | |
| | | | ୫୬ | ଶାରଦ/୨ | ୦.୨୧୦ | ୦.୨୧୦ | |
| | | | ୫୭ | ଶାରଦ/୨ | ୦.୧୪୦ | ୦.୧୪୦ | |
| | | | ୬୧ | ଶାରଦ/୨ | ୦.୦୬୦ | ୦.୦୬୦ | |
| | | | ୧୨୨ | ଆଡ଼ି | ୦.୦୬୦ | ୦.୦୬୦ | |
| | | | ୧୩୨ | ଶାରଦ/୩ | ୦.୧୩୦ | ୦.୦୧୩୦ | |
| | | | ୧୪୨ | ଶାରଦ/୩ | ୦.୧୧୦ | ୦.୧୧୦ | |
| | | | ୧୪୩ | ଶାରଦ/୩ | ୦.୧୪୦ | ୦.୧୪୦ | |
| | | | ୧୪୮ | ଶାରଦ/୩ | ୦.୧୨୦ | ୦.୧୨୦ | |
| | | | ୧୫୦ | ଶାରଦ/୩ | ୦.୦୨୦ | ୦.୦୨୦ | |
| | | | ୧୫୧ | ଶାରଦ/୩ | ୦.୦୨୦ | ୦.୦୨୦ | |
| | | | ୧୭୪ | ଶାରଦ/୩ | ୦.୧୨୦ | ୦.୧୨୦ | |
| | | | ୧୭୭ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୧୮୨ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୧୮୫ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୧୮୬ | ଶାରଦ/୩ | ୦.୦୧୦ | ୦.୦୧୦ | |
| | | | ୧୯୧ | ଶାରଦ/୩ | ୦.୧୯୦ | ୦.୧୯୦ | |
| | | | ୧୯୭ | ଶାରଦ/୩ | ୦.୨୧୦ | ୦.୨୧୦ | |
| | | | ୨୦୦ | ଶାରଦ/୩ | ୦.୦୨୦ | ୦.୦୨୦ | |
| | | | ୨୦୧ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୨୦୩ | ଶାରଦ/୩ | ୦.୧୨୦ | ୦.୧୨୦ | |
| | | | ୨୦୯ | ଶାରଦ/୩ | ୦.୨୪୦ | ୦.୨୪୦ | |
| | | | ୨୧୩ | ଶାରଦ/୩ | ୦.୧୪୦ | ୦.୧୪୦ | |
| | | | ୨୧୫ | ଶାରଦ/୩ | ୦.୦୩୦ | ୦.୦୩୦ | |
| | | | ୨୧୬ | ଶାରଦ/୩ | ୦.୦୩୦ | ୦.୦୩୦ | |
| | | | ୨୧୭ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୨୧୯ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୨୨୫ | ଶାରଦ/୩ | ୦.୨୫୦ | ୦.୨୫୦ | |
| | | | ୨୨୬ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୨୨୭ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୨୨୯ | ଶାରଦ/୩ | ୦.୧୩୦ | ୦.୧୩୦ | |
| | | | ୨୩୨ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୩୬୫ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୭୦୩ | ଶାରଦ/୧ | ୦.୨୫୦ | ୦.୨୫୦ | |
| | | | ୭୦୪ | ଶାରଦ/୧ | ୦.୮୦୦ | ୦.୮୦୦ | |
| | | | ୭୨୭ | ଶାରଦ/୧ | ୦.୫୯୦ | ୦.୫୯୦ | |
| | | | ୭୨୮ | ଶାରଦ/୨ | ୦.୧୩୦ | ୦.୧୩୦ | |
| | | | ୮୨୯ | ଶାରଦ/୧ | ୦.୦୭୦ | ୦.୦୭୦ | |
| | | | ୮୩୬ | ଶାରଦ/୧ | ୦.୦୬୦ | ୦.୦୬୦ | |
| | | | ୮୩୯ | ଶାରଦ/୧ | ୦.୫୬୦ | ୦.୫୬୦ | |
| | | | ୩୬୩/୧୪୬୫ | ଶାରଦ/୩ | ୦.୦୬୦ | ୦.୦୬୦ | |
| ୫୧ | ମିଟୁ ବେହେରା, ଶାସନ ବେହେରା, ପିତା: ହାଡ଼ି, ବାସ: ନିଜଗାଁ, ଜାତି: ସଅର | ୯୦ | ୮୩୭ | ଶାରଦ/୧ | ୦.୧୯୦ | ୦.୧୯୦ | |
| ୫୨ | ମେନକା ସାହୁ, ପିତା: ସୁନିଆ ସାହୁ, ବାସ: ନିଜଗାଁ, ଜାତି: ଚଷା | ୯୨ | ୩୩ | ଶାରଦ/୨ | ୦.୦୫୦ | ୦.୦୫୦ | |
| | | | ୩୩/୨୧୭୩ | ଘରବାରି | ୦.୦୮୦ | ୦.୦୮୦ | |
| ୫୩ | ଶବଣ ସିଂ, ପିତା: ଲବ ସିଂ, ବାସ: ତାଳଚେର ଟାଉନ୍, ଜାତି: ଶିଖ | ୯୯ | ୯୭ | ଟଇଲା/୧ | ୦.୧୪୦ | ୦.୧୪୦ | |
| | | | ୨୫୦ | ଶାରଦ/୩ | ୦.୩୬୦ | ୦.୩୬୦ | |
| ୫୪ | ଶ୍ରୀକର ପାଣି, ପିତା: ଉପେନ୍ଦ୍ର ପାଣି, ବାସ: ନିଜଗାଁ, ଜାତି: ବ୍ରାହ୍ମଣ | ୧୦୦ | ୮୨୦/୧୫୭୫ | ଟଇଲା/୨ | ୦.୧୮୦ | ୦.୧୬୦ | |
| | | | ୮୨୦/୧୫୭୭ | ଟଇଲା/୨ | ୦.୩୬୦ | ୦.୩୬୦ | |
| | | | ୮୨୧/୧୫୮୦ | ଶାରଦ/୨ | ୦.୭୩୦ | ୦.୭୩୦ | |
| ୫୫ | ସୁନା ପ୍ରଧାନ, ପିତା: ମଙ୍ଗୁଲୁ ପ୍ରଧାନ, ବାସ: ନିଜଗାଁ, ଜାତି: କିଷାନ | ୧୦୨ | ୭୪୨ | ଶାରଦ/୩ | ୦.୫୯୦ | ୦.୫୯୦ | |
| | | | ୭୪୩/୧୪୭୫ | ଟଇଲା/୧ | ୨.୧୭୦ | ୧.୫୯୦ | |
| ୫୬ | ସୁନା ପ୍ରଧାନ, ଶୁଦର ପ୍ରଧାନ, ଦନାର ପ୍ରଧାନ, ପିତା: ମଙ୍ଗୁଲୁ ପ୍ରଧାନ, ବାସ: ନିଜଗାଁ, ଜାତି: କିଷାନ | ୧୦୩ | ୨୭୮ | ଟଇଲା/୧ | ୧.୦୫୦ | ୧.୦୫୦ | |
| | | | ୨୯୪ | ଶାରଦ/୩ | ୦.୧୫୦ | ୦.୧୫୦ | |
| | | | ୨୯୫ | ଶାରଦ/୩ | ୦.୭୫୦ | ୦.୭୫୦ | |
| | | | ୩୧୭ | ଶାରଦ/୩ | ୦.୧୩୦ | ୦.୧୩୦ | |
| ୫୭ | ସୁନା ପ୍ରଧାନ, ଶୁଦର ପ୍ରଧାନ, ଦନାର ପ୍ରଧାନ, ପିତା: ମଙ୍ଗୁଲୁ ପ୍ରଧାନ, ବଛ ପ୍ରଧାନ, ଭାସ୍କର ପ୍ରଧାନ, ପିତା: ରଥୀ ପ୍ରଧାନ, ବୁଢ଼ିଆ ପ୍ରଧାନ, କାର୍ତ୍ତିକ ପ୍ରଧାନ, ବୈଶାଖୀ ପ୍ରଧାନ, ଡମ୍ବରୁ ପ୍ରଧାନ, ପିତା: ହରି ପ୍ରଧାନ, ଶ୍ରୀମତୀ ପ୍ରଧାନ, ସ୍ୱାମୀ: ହରି ପ୍ରଧାନ, ବାସ: ନିଜଗାଁ, ଜାତି: କିଷାନ | ୧୦୪ | ୧୦୭ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୧୦୮ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୧୦୯ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୧୧୦ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୧୧୧ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୧୧୨ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୧୧୩ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୧୧୪ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୨୪୧ | ଶାରଦ/୩ | ୦.୩୨୦ | ୦.୩୨୦ | |
| | | | ୨୪୨ | ଶାରଦ/୩ | ୦.୦୭୦ | ୦.୦୭୦ | |
| | | | ୨୪୩ | ଶାରଦ/୩ | ୦.୪୪୦ | ୦.୪୪୦ | |
| | | | ୨୪୪ | ଶାରଦ/୩ | ୦.୨୬୦ | ୦.୨୬୦ | |
| | | | ୨୪୫ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୨୪୬ | ଶାରଦ/୩ | ୦.୧୩୦ | ୦.୧୩୦ | |
| | | | ୨୭୦ | ବିଆଲି | ୦.୦୮୦ | ୦.୦୮୦ | |
| | | | ୨୭୧ | ବିଆଲି | ୦.୦୯୦ | ୦.୦୯୦ | |
| | | | ୨୭୨ | ଟଇଲା/୨ | ୦.୧୬୦ | ୦.୧୬୦ | |
| | | | ୨୭୩ | ଟଇଲା/୧ | ୦.୦୯୦ | ୦.୦୯୦ | |
| | | | ୨୭୪ | ଟଇଲା/୧ | ୦.୧୦୦ | ୦.୧୦୦ | |
| | | | ୨୭୫ | ଟଇଲା/୧ | ୦.୧୨୦ | ୦.୧୨୦ | |
| | | | ୨୭୬ | ଟଇଲା/୧ | ୦.୧୪୦ | ୦.୧୪୦ | |
| | | | ୨୭୭ | ବିଆଲି | ୦.୧୦୦ | ୦.୧୦୦ | |
| | | | ୨୭୯ | ବିଆଲି | ୦.୦୭୦ | ୦.୦୭୦ | |
| | | | ୨୮୦ | ବିଆଲି | ୦.୦୬୦ | ୦.୦୬୦ | |
| | | | ୨୮୧ | ଶାରଦ/୩ | ୦.୨୨୦ | ୦.୨୨୦ | |
| | | | ୨୮୨ | ଆଡ଼ି | ୦.୦୮୦ | ୦.୦୮୦ | |
| | | | ୨୮୩ | ଜଳାଶୟ/୨ | ୦.୦୮୦ | ୦.୦୮୦ | |
| | | | ୨୮୪ | ଆଡ଼ି | ୦.୦୪୦ | ୦.୦୪୦ | |
| | | | ୨୮୫ | ଶାରଦ/୩ | ୦.୨୭୦ | ୦.୨୭୦ | |
| | | | ୨୮୭ | ବିଆଲି | ୦.୨୩୦ | ୦.୨୩୦ | |
| | | | ୨୮୯ | ଶାରଦ/୨ | ୦.୩୫୦ | ୦.୩୫୦ | |
| | | | ୨୯୧ | ଶାରଦ/୨ | ୦.୪୬୦ | ୦.୪୬୦ | |
| | | | ୨୯୨ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୨୯୩ | ଶାରଦ/୩ | ୦.୨୧୦ | ୦.୨୧୦ | |
| | | | ୨୯୭ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୨୯୮ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୨୯୯ | ଶାରଦ/୩ | ୦.୦୩୦ | ୦.୦୩୦ | |
| | | | ୩୦୦ | ଶାରଦ/୩ | ୦.୧୧୦ | ୦.୧୧୦ | |
| | | | ୩୦୧ | ଶାରଦ/୨ | ୦.୧୩୦ | ୦.୧୩୦ | |
| | | | ୩୦୪ | ଶାରଦ/୨ | ୦.୫୫୦ | ୦.୫୫୦ | |
| | | | ୩୦୫ | ବିଆଲି | ୦.୦୯୦ | ୦.୦୯୦ | |
| | | | ୩୦୬ | ଶାରଦ/୩ | ୦.୦୨୦ | ୦.୦୨୦ | |
| | | | ୩୦୭ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୩୦୮ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୩୧୦ | ଶାରଦ/୨ | ୦.୨୧୦ | ୦.୨୧୦ | |
| | | | ୩୧୧ | ଶାରଦ/୨ | ୦.୧୬୦ | ୦.୧୬୦ | |
| | | | ୩୧୨ | ଶାରଦ/୨ | ୦.୧୬୦ | ୦.୧୬୦ | |
| | | | ୭୫୦ | ଶାରଦ/୨ | ୦.୨୪୦ | ୦.୦୯୦ | |
| | | | ୭୫୧ | ଶାରଦ/୨ | ୦.୪୧୦ | ୦.୨୨୦ | |
| | | | ୭୫୨ | ଶାରଦ/୨ | ୦.୩୭୦ | ୦.୨୭୦ | |
| ୫୮ | ହରି ସାହୁ, ସୁରି ସାହୁ, ରମେଶ ସାହୁ, ପିତା: ଗୋବିନ୍ଦ ସାହୁ, ବାସ: ନିଜଗାଁ, ଜାତି: ଚଷା | ୧୦୮ | ୨୫୩ | ବିଆଲି | ୦.୩୧୦ | ୦.୩୧୦ | |
| | | | ୨୬୮/୧୬୧୬ | ଟଇଲା/୧ | ୦.୬୨୦ | ୦.୬୨୦ | |
| ୫୯ | ହରି ସାହୁ, ସୁରେଶ ସାହୁ, ରମେଶ ସାହୁ, ପିତା: ଗୋବିନ୍ଦ ସାହୁ, ସୁନି ସାହୁ, ସ୍ୱାମୀ: ଗୋବିନ୍ଦ ସାହୁ, ଉଦ୍ଧବ ସାହୁ, ରାଜ ସାହୁ, ଇନ୍ଦ୍ର ସାହୁ, ଚନ୍ଦ୍ର ସାହୁ, ପିତା: ହଗୁରୁ ସାହୁ, ଦୁଃଖୀ ସାହୁ, ସ୍ୱାମୀ: ହଗୁରୁ ସାହୁ, ନାରଣ ସାହୁ, ଶୁଦର ସାହୁ, ପିତା: ସତ୍ୟବାଦୀ ସାହୁ, ବାସ: ନିଜଗାଁ, ଜାତି: ଚଷା | ୧୦୯ | ୧୮ | ଶାରଦ/୨ | ୦.୧୦୦ | ୦.୧୦୦ | |
| | | | ୧୯ | ଶାରଦ/୨ | ୦.୦୮୦ | ୦.୦୮୦ | |
| | | | ୨୦ | ଶାରଦ/୨ | ୦.୦୭୦ | ୦.୦୭୦ | |
| | | | ୨୨ | ଶାରଦ/୨ | ୦.୨୪୦ | ୦.୨୪୦ | |
| | | | ୨୩ | ଶାରଦ/୨ | ୦.୦୬୦ | ୦.୦୬୦ | |
| | | | ୨୪ | ଶାରଦ/୨ | ୦.୩୩୦ | ୦.୩୩୦ | |
| | | | ୨୫ | ଶାରଦ/୩ | ୦.୨୨୦ | ୦.୨୨୦ | |
| | | | ୩୦ | ଶାରଦ/୨ | ୦.୧୩୦ | ୦.୧୩୦ | |
| | | | ୪୪ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୪୭ | ଶାରଦ/୩ | ୦.୦୨୦ | ୦.୦୨୦ | |
| | | | ୪୮ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୫୪ | ଶାରଦ/୨ | ୦.୧୦୦ | ୦.୧୦୦ | |
| | | | ୬୦ | ଶାରଦ/୨ | ୦.୦୬୦ | ୦.୦୬୦ | |
| | | | ୭୩ | ଶାରଦ/୨ | ୦.୦୫୦ | ୦.୦୫୦ | |
| | | | ୭୪ | ଶାରଦ/୨ | ୦.୦୪୦ | ୦.୦୪୦ | |
| | | | ୭୫ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୭୬ | ଟଇଲା/୧ | ୦.୧୧୦ | ୦.୧୧୦ | |
| | | | ୭୭ | ପତିତ | ୦.୨୨୦ | ୦.୨୨୦ | |
| | | | ୭୯ | ପତିତ | ୦.୨୧୦ | ୦.୨୧୦ | |
| | | | ୮୨ | ଟଇଲା/୨ | ୦.୨୧୦ | ୦.୨୧୦ | |
| | | | ୮୫ | ଟଇଲା/୨ | ୦.୨୦୦ | ୦.୨୦୦ | |
| | | | ୧୩୮ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୧୪୪ | ଶାରଦ/୩ | ୦.୧୩୦ | ୦.୧୩୦ | |
| | | | ୧୭୩ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୧୭୫ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୧୮୦ | ଶାରଦ/୩ | ୦.୧୦୦ | ୦.୧୦୦ | |
| | | | ୧୯୪ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୧୯୬ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୧୯୯ | ଶାରଦ/୩ | ୦.୦୨୦ | ୦.୦୨୦ | |
| | | | ୨୦୬ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୨୦୮ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୨୧୨ | ଶାରଦ/୩ | ୦.୦୬୦ | ୦.୦୬୦ | |
| | | | ୨୧୪ | ଶାରଦ/୩ | ୦.୦୮୦ | ୦.୦୮୦ | |
| | | | ୨୨୧ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୨୩୪ | ଶାରଦ/୩ | ୦.୦୯୦ | ୦.୦୯୦ | |
| | | | ୭୨୪ | ଶାରଦ/୧ | ୦.୧୬୦ | ୦.୧୬୦ | |
| | | | ୭୨୫ | ଶାରଦ/୧ | ୦.୧୭୦ | ୦.୧୭୦ | |
| | | | ୭୨୯ | ଶାରଦ/୧ | ୦.୧୨୦ | ୦.୧୨୦ | |
| | | | ୭୩୦ | ଶାରଦ/୧ | ୦.୧୬୦ | ୦.୧୬୦ | |
| | | | ୭୩୧ | ଶାରଦ/୧ | ୦.୧୧୦ | ୦.୧୧୦ | |
| | | | ୭୩୪ | ଶାରଦ/୧ | ୦.୩୬୦ | ୦.୩୬୦ | |
| | | | ୭୩୬ | ଶାରଦ/୧ | ୦.୧୫୦ | ୦.୧୫୦ | |
| | | | ୮୧୩ | ଶାରଦ/୩ | ୦.୨୫୦ | ୦.୦୨୦ | |
| | | | ୮୧୪ | ଟଇଲା/୧ | ୦.୧୬୦ | ୦.୧୬୦ | |
| | | | ୮୩୦ | ଶାରଦ/୧ | ୦.୧୪୦ | ୦.୧୪୦ | |
| | | | ୮୩୩ | ଶାରଦ/୧ | ୦.୦୩୦ | ୦.୦୩୦ | |
| | | | ୮୬୨ | ଶାରଦ/୧ | ୦.୨୦୦ | ୦.୦୩୦ | |
| | | | ୮୬୩ | ଶାରଦ/୧ | ୦.୧୭୦ | ୦.୦୩୦ | |
| ୬୦ | ବାଙ୍କନିଧି ସାହୁ, ପିତା: ବିଟି ସାହୁ, ବାସ:ବଡ଼ହିରା, ଜାତି: ଚଷା | ୧୧୦/୫ | ୮୪୭ | ଶାରଦ/୨ | ୦.୧୨ | ୦.୧୨ | |
| ୬୧ | ଗଙ୍ଗାଧର ଗଡ଼ ନାଏକ, ପିତା: ନେତ୍ରାନନ୍ଦ ଗଡ଼ ନାଏକ, ବାସ; ପୋଡ଼ାପଡ଼ା, ଅନୁଗୋଳ ଜାତି: ଚଷା | ୧୧୦/୬ | ୨୮/୧୬୨୬ | ଶାରଦ/୨ | ୦.୦୪୦ | ୦.୦୪ | |
| ୬୨ | ପିତବାସ ସାହୁ, ପିତା: କବଲ ସାହୁ, ବାସ: ବାଲିପଟା,ଜାତି: ଚଷା | ୧୧୦/୮ | ୨୬୧/୧୬୨୯ | ଶାରଦ/୩ | ୦.୦୮ | ୦.୦୮ | |
| ୬୩ | ମିଲୁ ସାହୁ, ପିତା: କବଲ ସାହୁ, ବାସ: ବାଲିପଟା, ଜାତି: ଚଷା | ୧୧୦/୯ | ୨୬୧ | ଶାରଦ/୩ | ୦.୦୮ | ୦.୦୮ | |
| ୬୪ | ପିତାମ୍ବର ରାଉଳ, ପିତା: ଜୟକୃଷ୍ଣ ରାଉଳ, ବାସ: ବାଲିପଟା, ଜାତି: ଚଷା | ୧୧୦/୧୦ | ୨୬୨/୧୬୩୦ | ଶାରଦ/୩ | ୦.୦୮ | ୦.୦୮ | |
| ୬୫ | ଇନ୍ଦ୍ରମଣୀ ସାହୁ, ପିତା: ଅର୍ଜୁନ, ବାସ: ଭୂଇଁପୁର, ଜାତି: ଚଷା | ୧୧୦/୨୫ | ୭୦୬/୧୬୨୩ | ଘରବାରି | ୦.୦୪ | ୦.୦୪ | |
| | | | ୭୪୦/୧୬୨୪ | ଘରବାରି | ୦.୦୮ | ୦.୦୮ | |
| | | | ୭୪୧/୧୬୨୫ | ଘରବାରି | ୦.୦୮ | ୦.୦୮ | |
| ୬୬ | ଦିବାକର ସାହୁ, ପିତା: ନୀଳମଣି ସାହୁ, ବାସ: ନିଜଗାଁ, ଜାତି: ତେଲି | ୧୧୦/୨୬ | ୮୨୪/୧୬୬୭ | ଶାରଦ/୧ | ୦.୧୫ | ୦.୧୫ | |
| ୬୭ | ମୁରଲିଧର ସାହୁ, ପିତା: ଗଣେଶ୍ୱର ସାହୁ, ବାସ ; ଡେରେଙ୍ଗ, ଜାତି: ତେଲି | ୧୧୦/୨୭ | ୪୯୬ | ଶାରଦ/୧ | ୦.୨୩ | ୦.୦୩ | |
| | | | ୪୯୬/୧୬୩୨ | ଶାରଦ/୧ | ୦.୦୬ | ୦.୦୬ | |
| ୬୮ | ନିଳମଣୀ ସାହୁ, ପିତା: ପୂର୍ଣ୍ଣଚନ୍ଦ୍ର ସାହୁ,ବାସ: ଭୀମକାଣ୍ଡ, ଜାତି: ଚଷା | ୧୧୦/୨୮ | ୬୮୫ | ଶାରଦ/୨ | ୦.୧୩ | ୦.୧୩ | |
| | | | ୬୮୬ | ଶାରଦ/୨ | ୦.୩୦ | ୦.୩୦ | |
| | | | ୬୪୮/୧୬୮୭ | ଶାରଦ/୨ | ୦.୦୫ | ୦.୦୫ | |
| ୬୯ | ବିଜୟ କୁମାର ସାହୁ, ପିତା: ଶ୍ରୀନିବାସ ସାହୁ, ବାସ: ଭୂଇଁପୁର, ଜାତି: ଚଷା | ୧୧୦/୩୩ | ୩୯/୧୬୦୫ | ଘରବାରି | ୦.୦୮୦ | ୦.୦୮୦ | |
| | | | ୩୫/୧୬୭୭ | ଟଇଲା/୨ | ୦.୦୨ | ୦.୦୨ | |
| | | | ୪୦/୧୬୭୬ | ଶାରଦ/୩ | ୦.୦୮ | ୦.୦୮ | |
| ୭୦ | ଦିବାକର ସାହୁ, ପିତା: ନୀଳମଣୀ ସାହୁ, ବାସ: ମଶୁଣୀହତା, ଜାତି: ତେଲି | ୧୧୦/୩୫ | ୮୨୪ | ଶାରଦ/୧ | ୦.୦୯ | ୦.୦୯ | |
| | | | ୮୨୪/୨୧୬୯ | ଘରବାରି | ୦.୧୦ | ୦.୧୦ | |
| ୭୧ | ବିଭୂତି ଭୂଷଣ ବୋଇତା, ଟିକନ ବୋଇତା, ଲୋକନାଥ ବୋଇତା, ଦିଲୀପ କୁମାର ବୋଇତା, ପିତା: ପ୍ରହଲ୍ଲାଦ ଚନ୍ଦ୍ର ବୋଇତା, ବାସ: ମଶୁଣୀହତା, ଜାତି ; ବୋଇତା ଶଅର | ୧୧୦/୩୬ | ୮୪୪/୧୯୭୬ | ଶାରଦ/୨ | ୦.୬୪ | ୦.୬୪ | |
| | | | ୭୧୯/୧୯୭୭ | ଶାରଦ/୨ | ୦.୨୧ | ୦.୨୧ | |
| ୭୨ | ଇଡକୋ, ଭୁବନେଶ୍ୱର | ୧୧୦/୪୭ | ୮୯୫/୨୦୨୭ | ଶାରଦ/୨ | ୦.୦୭ | ୦.୦୭ | |
| | | | ୪୯୬/୨୦୪୮ | ଶାରଦ/୧ | ୦.୦୪ | ୦.୦୪ | |
| ୭୩ | ପବିତ୍ର ମୋହନ ସାହୁ, ପିତା: ତ୍ରିବେଣୀ ସାହୁ, ବାସ: ନିଜଗାଁ, ଜାତି: ଶୁଣ୍ଢି | ୧୧୦/୫୮ | ୮୧୭ | ଶାରଦ/୨ | ୦.୩୪ | ୦.୩୪ | |
| ୭୪ | ସନ୍ତୋଷ କୁମାର ସାହୁ, ପିତା: ଗୋପାଳ ସାହୁ, ବାସ: ଭୂଇଁପୁର, ଜାତି: ଚଷା | ୧୧୦/୬୨ | ୭୩୨ | ଶାରଦ/୧ | ୦.୧୭ | ୦.୧୭ | |
| ୭୫ | ମାନସ ରଞ୍ଜନ ଦେହୁରୀ, ପିତା: ମଦନ ଦେହୁରୀ, ବାସ: ମଶୁଣିହତା, ଜାତି: ଶବର | ୧୧୦/୬୬ | ୮୪୪/୨୦୬୯ | ଶାରଦ/୨ | ୦.୧୬ | ୦.୧୬ | |
| ୭୬ | କିରଣ ନାଏକ, ପିତା: ଶ୍ରୀନିବାସ ନାଏକ, ବାସ ; ଖଇରପାଳ, ଜାତି: ପାଣ | ୧୧୦/୬୭ | ୮୫୮ | ଶାରଦ/୨ | ୦.୦୭ | ୦.୦୭ | |
| | | | ୮୫୮/୨୦୫୮ | ଘରବାରି | ୦.୦୮ | ୦.୦୮ | |
| ୭୭ | ମଦନ ମୋହନ ଦେହୁରି, ପିତା: ମାଗୁଣୀ ଦେହୁରି, ବାସ: ବୋଇଣ୍ଡା, ଜାତି: ଶବର | ୧୧୦/୬୮ | ୩୬୩/୨୦୭୦ | ଶାରଦ/୩ | ୦.୧୫ | ୦.୧୫ | |
| ୭୮ | ଦିବାକର ସାହୁ, ପିତା: ନିଳମଣୀସାହୁ, ବାସ: ନିଜଗାଁ, ଜାତି: ତେଲି | ୧୧୦/୭୧ | ୨୦୪/୨୦୭୩ | ଶାରଦ/୩ | ୦.୦୬ | ୦.୦୬ | |
| | | | ୨୨୩/୨୦୭୪ | ଶାରଦ/୩ | ୦.୧୪ | ୦.୧୪ | |
| ୭୯ | ସିବାନୀ ସାହୁ, ସ୍ୱାମୀ: ସୁଜିତ୍ କୁମାର ସାହୁ, ବାସ: କଳମଛୁଇଁ, ଜାତି: ତେଲି | ୧୧୦/୭୨ | ୮୨୪/୨୦୭୫ | ଶାରଦ/୧ | ୦.୦୪ | ୦.୦୪ | |
| | | | ୨୦୭୫/୨୧୬୫ | ଘରବାରି | ୦.୦୮ | ୦.୦୮ | |
| ୮୦ | ଅରୁଣ କୁମାର ସାହୁ, ପିତା: ସୁରେଶ ସାହୁ, ବାସ: ନିଜଗାଁ, ଜାତି: ଚଷା | ୧୧୦/୭୩ | ୮୧୫/୨୦୭୭ | ଘରବାରି | ୦.୦୯ | ୦.୦୯ | |
| ୮୧ | ସୌମ୍ୟରଞ୍ଜନ ପ୍ରଧାନ, ପିତା: ସନ୍ତୋଷ କୁମାର ପ୍ରଧାନ, ବାସ ; ନିଜଗାଁ, ଜାତି: ଚଷା | ୧୧୦/୭୪ | ୭୩୫ | ଘରବାରି | ୦.୦୮ | ୦.୦୮ | |
| | | | ୮୧୫/୨୦୭୮ | ଘରବାରି | ୦.୦୧ | ୦.୦୧ | |
| ୮୨ | ସୌଦାମିନୀ ସାହୁ, ସ୍ୱାମୀ: ସୁଧାକର ସାହୁ, ବାସ: ନିଜଗାଁ, ଜାତି: ଚଷା | ୧୧୦.୭୫ | ୬୭୬ | ଶାରଦ/୩ | ୦.୭୯ | ୦.୭୯ | |
| | | | ୬୭୭/୧୪୫୯ | ଶାରଦ/୩ | ୦.୨୬ | ୦.୨୬ | |
| ୮୩ | ପ୍ରେମଲତା ସାହୁ, ସ୍ୱାମୀ: ଝଡେଶ୍ୱର ସାହୁ, ବାସ: କଂସମୁଣ୍ଡା, ଜାତି: ଚଷା | ୧୧୦/୭୬ | ୩୪ | ଶାରଦ/୩ | ୦.୧୧୦ | ୦.୧୧୦ | |
| | | | ୪୧ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୩୬/୧୬୦୪ | ଶାରଦ/୨ | ୦.୦୩୦ | ୦.୦୩୦ | |
| ୮୪ | ପ୍ରତିମା ସାହୁ, ସ୍ୱାମୀ: କଳାକର ସାହୁ, ବାସ: କଂସମୁଣ୍ଡା, ଜାତି: ଚଷା | ୧୧୦/୭୭ | ୩୪/୨୦୭୯ | ଶାରଦ/୩ | ୦.୧୩୦ | ୦.୧୩୦ | |
| | | | ୪୧/୨୦୮୨ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୧୬୦୪/୨୧୦୯ | ଶାରଦ/୨ | ୦.୦୩୦ | ୦.୦୩୦ | |
| ୮୫ | ପଙ୍କଜିନୀ ସାହୁ, ସ୍ୱାମୀ: ସୁଶାନ୍ତ ସାହୁ, ବାସ: କଂସମୁଣ୍ଡା, ଜାତି: ଚଷା | ୧୧୦/୭୮ | ୩୪/୨୦୮୦ | ଶାରଦ/୩ | ୦.୧୩୦ | ୦.୧୩୦ | |
| | | | ୪୧/୨୦୮୩ | ଶାରଦ/୩ | ୦.୦୫୦ | ୦.୦୫୦ | |
| | | | ୧୬୦୪/୨୧୧୦ | ଶାରଦ/୨ | ୦.୦୩୦ | ୦.୦୩୦ | |
| ୮୬ | ରୂପାଲି ସାହୁ, ପିତା : ବାବୁଲି ସାହୁ, ବାସ : ବଡହାର, ଜାତି: ଚଷା | ୧୧୦/୭୯ | ୩୪/୨୦୮୧ | ଶାରଦ/୩ | ୦.୧୨୦ | ୦.୧୨୦ | |
| | | | ୪୧/୨୦୮୪ | ଶାରଦ/୩ | ୦.୦୪୦ | ୦.୦୪୦ | |
| | | | ୧୬୦୪/୨୧୧୧ | ଶାରଦ/୩ | ୦.୦୩୦ | ୦.୦୩୦ | |
| ୮୭ | ଗୋପାଳ ସାହୁ, ବାଳକୃଷ୍ଣ ସାହୁ, ପିତା: ରମେଶ ସାହୁ, ବାସ: ନିଜଗାଁ, ଜାତି: ଚଷା | ୧୧୦/୮୦ | ୮୧୫/୧୫୨୦ | ଟଇଲା/୧ | ୦.୦୯ | ୦.୦୯ | |
| ୮୮ | ଅଞ୍ଜଳି ବେହେରା, ସ୍ୱାମୀ: କିଶୋରୀ ବେହେରା, ବାସ: ନିଜଗାଁ, ଜାତି: ଚଷା | ୧୧୦/୮୨ | ୧୩୩ | ଘରବାରି | ୦.୧୧ | ୦.୧୧ | |
| | | | ୨୬୫ | ଶାରଦ/୩ | ୦.୦୬ | ୦.୦୬ | |
| | | | ୨୬୭ | ବିଆଲି | ୦.୩୦ | ୦.୩୦ | |
| | | | ୩୨୭ | ଟଇଲା/୧ | ୦.୨୧ | ୦.୨୧ | |
| ୮୯ | କମଳା ବେହେରା, ସ୍ୱାମୀ: ଗଦାଧର ବେହେରା, ବାସ: ନିଜଗାଁ, ଜାତି: ଚଷା | ୧୧୦/୮୩ | ୨୫୮ | ଶାରଦ/୩ | ୦.୦୨ | ୦.୦୨ | |
| | | | ୨୬୩ | ଶାରଦ/୩ | ୦.୦୬ | ୦.୦୬ | |
| | | | ୨୬୫/୨୧୨୫ | ଶାରଦ/୩ | ୦.୦୫ | ୦.୦୫ | |
| ୯୦ | ବିନୋଦ ବିହାରୀ ପ୍ରଧାନ, ପିତା: ରବିଚନ୍ଦ୍ର ପ୍ରଧାନ, ବାସ: ସାନ ଧଉରା ଗୋଠ, ଜାତି: ଚଷା | ୧୧୦/୮୪ | ୨୫୫/୨୧୫୭ | ଶାରଦ/୩ | ୦.୦୬ | ୦.୦୬ | |
| ୯୧ | ବିଜୟ କୁମାର ସାହୁ, ପିତା: ଶ୍ରୀଧର ସାହୁ, ବାସ: ବାରଡାଙ୍ଗୁଆ, ଜାତି: ଚଷା | ୧୧୦/୮୫ | ୨୬୪ | ବିଆଲି | ୦.୧୪ | ୦.୧୪ | |
| ୯୨ | ପଞ୍ଚାଳି ବେହେରା, ସ୍ୱାମୀ: ନରେଶ ଚନ୍ଦ୍ର ବେହେରା, ବାସ : ନିଜଗାଁ, ଜାତି : ଚଷା | ୧୧୦/୮୬ | ୧୨୯ | ଘରବାରି | ୦.୦୮ | ୦.୦୮ | |
| | | | ୧୫୨ | ଶାରଦ/୩ | ୦.୦୮ | ୦.୦୮ | |
| | | | ୨୫୫ | ଶାରଦ/୩ | ୦.୦୭ | ୦.୦୭ | |
| | | | ୨୫୭ | ଶାରଦ/୩ | ୦.୧୯ | ୦.୧୯ | |
| | | | ୨୫୯ | ଶାରଦ/୩ | ୦.୪୧ | ୦.୪୧ | |
| | | | ୨୬୦ | ଶାରଦ/୩ | ୦.୧୬ | ୦.୧୬ | |
| | | | ୮୫୬ | ଇୟସ | ୦.୦୫ | ୦.୦୫ | |
| | | | ୮୫୭ | ଜଳାଶୟ/୨ | ୦.୦୮ | ୦.୦୮ | |

See Next Page



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ମୁଦିପଡ଼ାରେ ବିଜେଡିର ଜନସମ୍ପର୍କ କାର୍ଯ୍ୟକ୍ରମ

**ସମ୍ବଲପୁର, ୮।୧୨ (ବ୍ୟୁରୋ):** ସମ୍ବଲପୁର ମୁଦିପଡା ପାଟି ଟାଙ୍କି ଅଞ୍ଚଳରେ ବିଜେଡିର ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଅଞ୍ଚଳର ମହିଳା ଓ ପୁରୁଷମାନେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ନୂତନ ସଭ୍ୟମାନଙ୍କୁ ବିଧାୟିକା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଙ୍ଗେୟନାଥ ଷଡଙ୍ଗୀ, ରବିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଏମ୍‌ସିଏଲରେ ସତର୍କତା ସଚେତନତା ସପ୍ତାହ

**ସମ୍ବଲପୁର, ୮।୧୨ (ବ୍ୟୁରୋ)** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଡାଏଲ ଏ ପୋଏମ୍ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗୀମାନେ ଟୋଲ ଫ୍ରି ନମ୍ବର ଡାଏଲ କରି ଦୁର୍ନୀତି ନିବାରଣ ଶୀର୍ଷକ ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ପ୍ରତ୍ୟୁଷା ମଞ୍ଜରୀ ସାମଲ, ସନ୍ଧ୍ୟାରାଣୀ ମଲ୍ଲିକ ଓ ଜୟକ୍ରିଷ୍ଣା ମହାନ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆର.ଆର. ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ସତର୍କତା ଅଧିକାରୀ ମୁନୱର ଖୁର୍ସିଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସମ୍ବଲପୁର ବେତାର କେନ୍ଦ୍ର ପୁରସ୍କୃତ

**ସମ୍ବଲପୁର, ୮।୧୨ (ବ୍ୟୁରୋ):** ଭାରତ ସରକାରଙ୍କ ରାଜଭାଷା (ହିନ୍ଦୀ) ନୀତିର ଅନୁପାଳନ ଓ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଉତ୍କୃଷ୍ଟ କାର୍ଯ୍ୟ ଲାଗି ଆକାଶବାଣୀ କେନ୍ଦ୍ର ସମ୍ବଲପୁରକୁ ପୁରସ୍କୃତ କରାଯାଇଛି । ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ପକ୍ଷରୁ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)ରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରାଜୀବ ରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ଆକାଶବାଣୀ କେନ୍ଦ୍ରର ହିନ୍ଦୀ ଭାଷାକୁ ପ୍ରଚାର ଓ ପ୍ରସାର କରିବା ଦିଗରେ ବହୁତ ବଡ଼ ଭୂମିକା ନେଇଛି ବୋଲି କହିଥିଲେ। ସମ୍ବଲପୁର ବେତାର କେନ୍ଦ୍ରର ମୁଖ୍ୟ ଏମ୍.ଆର୍.କେ. ରାଓ ଓ ହିନ୍ଦୀ ନିର୍ବାହୀ ଅଧିକାରୀ କ୍ଷେତ୍ରମଣି ବିଭାର ମୁଖ୍ୟଅତିଥିଙ୍କଠାରୁ ପୁରସ୍କାର ଓ ମାନପତ୍ର ଗ୍ରହଣ କରିଥିଲେ ।

### ୨୪ରୁ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

**ସମ୍ବଲପୁର,୮।୧୨(ବ୍ୟୁରୋ):** ବୀର ସୁରେନ୍ଦ୍ର ସାଏ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା-୨୦୧୮ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆୟୋଜକ ଯୁବ ଉଦୟନ କହିଛି ଯେ, ଚଳିତ ବର୍ଷ ୫ଦିନ ପ୍ରତିଯୋଗିତାରେ ୧୫ଟି ନାଟକ ମଞ୍ଚସ୍ଥ କରିବାକୁ ସ୍ଥିର ହୋଇଛି । ଚଳିତ ମାସ ୨୪ ତାରିଖ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦ୍‌ଘାଟନୀ ଉତ୍ସବ ହେବ।

ଟ୍ରାକ୍ଟର ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା

# ତାତିଲେ ଘେନୁପାଲି ଗାଁ ଲୋକେ

**ସମ୍ବଲପୁର/ପଡିଆବାହଲ,୮।୧୨ (ବ୍ୟୁରୋ/ଡି.ଏନ.ଏ.)**



ସମ୍ବଲପୁର ସଦର ଥାନା ଗେଟ୍ ସମ୍ମୁଖରେ ଉତ୍ୟକ୍ତ ଲୋକେ।

- ଅଭିଯୁକ୍ତଙ୍କ ଘରକୁ ଢେଲା ମାଡ
- ନିଆଁ ଲଗାଇ ଦେଲେ ଲୋକେ
- ରାସ୍ତାରୋକୋ, ଥାନା ଘେରାଉ
- ପୋଲିସ ଲୁହବୁହା ଗ୍ୟାସ୍ ଛାଡ଼ିଲା
- ପରିସ୍ଥିତି ନିୟନ୍ତ୍ରଣ ପାଇଁ ଲାଠି ଚାଳନା
- ଗାଁରେ ପୋଲିସ ଛାଉଣୀ

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଠାକୁରମାଳ ଗାଁରେ ଟ୍ରାକ୍ଟର ଧକ୍କା ଯୋଗୁ ଘେନୁପାଲି ଗ୍ରାମର ରୋହିତ ଭୋଇ (୩୨)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଯଶୋବନ୍ତ ଦେହୁରି ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ହେଲେ ଉତ୍ୟକ୍ତ ଲୋକେ ଘେନୁପାଲିରେ ଅଭିଯୁକ୍ତଙ୍କ ଘରକୁ ଢେଲା ମାଡ ସହ ପୋଡାଜଳା କରିଛନ୍ତି। ଏହା ସହ ରାସ୍ତାରୋକ କରିଛନ୍ତି। ଥାନାକୁ ମଧ୍ୟ ଘେରିଥିଲେ। ପୋଡାଜଳା କରିବା ଅଭିଯୋଗରେ ମଧ୍ୟ ଗୋଟିଏ ମାମଲା ରୁଜୁ ହୋଇଛି। ସେହିଭଳି ରାସ୍ତାରୋକୋ ଏବଂ ଥାନା ଘେରାଉ ଅଭିଯୋଗରେ ମଧ୍ୟ ପୋଲିସ ଅନ୍ୟ ଏକ ମାମଲା ରୁଜୁ କରିଛି। ତେବେ ଗାଁରେ ପରିସ୍ଥିତି ସମ୍ଭାଳିବାକୁ ଯାଇ ପୋଲିସ ଲୁହବୁହା ଗ୍ୟାସ୍ ଛାଡିବା ସହ ଲାଠି ଚାଳନା କରିଛି। ସମଗ୍ର ଗାଁକୁ ପୋଲିସ ଛାଉଣୀ ଭିତରେ ରଖାଯାଇଛି। ପୋଡାଜଳା କରିଥିବା ୨୪ ଜଣ ଗ୍ରାମବାସୀଙ୍କୁ ଅଟକ ରଖାଯାଇଛି । ଏସ୍‌ପି ଆରୋରା କହିଛନ୍ତି ଯେ, ଆଇନ ହାତକୁ ନେଇଥିବା ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ରୋହିତଙ୍କୁ ଯୋଜନା ମୁତାବକ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରି ଶନିବାର ଘେନୁପାଲି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରାହ୍ନରେ ଏହି ଉତ୍ତେଜନା ଉଗ୍ର ରୂପ ନେଇଥିଲା। ବୁର୍ଲା ମେଡିକାଲରୁ ବ୍ୟବଚ୍ଛେଦ କରାଇ ରୋହିତଙ୍କ ମୃତଦେହକୁ ତାଙ୍କ ସାଙ୍ଗମାନେ ସଦର ଥାନା ସମ୍ମୁଖରେ ପହଞ୍ଚି ଥିଲେ। ପୂର୍ବରୁ ଥାନାରେ ଗାଁ ଲୋକେ ପହଞ୍ଚି ସାରିଥିଲେ। ଏହାପରେ ଥାନା ଘେରାଉ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ନାମରେ ହତ୍ୟା ମାମଲା ରୁଜୁ କରିବାକୁ ଲୋକେ ଅଡି ବସିଥିଲେ। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଥିବା ପୋଲିସ କହିଥିଲା, ହେଲେ ଗ୍ରାମବାସୀଙ୍କ ରାଗ ଥମି ନ ଥିଲା। ଲୋକେ ଜାତୀୟ ରାଜପଥକୁ ଅବରୋଧ କରି ରାସ୍ତା ଉପରେ ବସିଯାଇଥିଲେ । ଏସ୍‌ପି ସଞ୍ଜୀବ ଅରୋରା ଥାନାରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଏସ୍‌ପିଙ୍କ ଉପସ୍ଥିତିରେ ଥାନାରେ ଅଟକ ଅଭିଯୁକ୍ତଙ୍କୁ ଦେଖିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହା ପରେ ମୃତଦେହକୁ ନେଇ ଗ୍ରାମବସୀ ଗାଁକୁ ଫେରିଥିଲେ। ହେଲେ ଗ୍ରାମବାସୀ ଅଭିଯୁକ୍ତଙ୍କ ଘର ପଛପଟେ ନିଆଁ ଲଗାଇ ଦେଇଥିଲେ। ଏଣୁ ଅଭିଯୁକ୍ତ ଯଶୋବନ୍ତ କରିଥିବା ହଲର (ଧାନ କଳ) ପୋଡିଜଳି ଯାଇଛି। ସେଠାରେ ଥିବା ୮୦୦ ବସ୍ତା ଧାନରୁ ମାତ୍ର ୧୦୦ ବସ୍ତା ଧାନ ରହିଛି। ଏଣୁ ୭୦୦ ସହ ବସ୍ତା ଧାନକୁ ଲୋକେ ନେଇଯାଇଥିବା ତାଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି। ଉତ୍ତେଜନା ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୂର୍ବରୁ ଗାଁରେ ମୁତୟନ ଥିବା ପୋଲିସ ଲୋକଙ୍କ ଉପରକୁ ଲୁହ ବୁହା ଗ୍ୟାସ ପ୍ରୟୋଗ କରିବା ସହ ମୃଦୁ ଲାଠି ଚାଳନା କରିଥିଲା। ଏହାପରେ ଯାଇ ଗ୍ରାମବାସୀ ଛତ୍ର ଭଙ୍ଗ ଦେଇଥିଲେ। ପରିସ୍ଥିତି ତଦାରଖ କରିବା ପାଇଁ ଘେନୁପାଲିରେ ଏସ୍‌ପି ଓ ଉପଜିଲାପାଳ ପ୍ରଦୀପ ସାହୁ ପହଞ୍ଚି ଥିଲେ।

## ଆମରଣ ଅନଶନରେ ବସିଲେ ଦୋକାନୀ

**ସମ୍ବଲପୁର, ୮।୧୨ (ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁର ଜିଲା ଓକିଲ ସଂଘର ରିଲେ ଆମରଣ ଅନଶନ ଶନିବାର ୨୦ ଦିନରେ ପହଞ୍ଚିଛି । ଏଥିରେ ନେଲସନ୍ ମାଣ୍ଡେଲା ଛକ ଦୋକାନୀ ସଂଘର ତ୍ରିନାଥ ପ୍ରଜାପତି, ବୈଦ୍ୟନାଥ କଠାର, ଦିଲୀପ ନାୟକ, କାର୍ତ୍ତିକ ଦାଶ, ମହମ୍ମଦ କଲିମ ଓ କାଳନ୍ଦୀ ବେହେରା ନିଜ ଦୋକାନ ବନ୍ଦ କରି ସାମିଲ ହୋଇଥିଲେ। ଜିଲା ଓକିଲ ସଂଘ କର୍ମକର୍ତ୍ତା ଓ ନାଗରିକ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା, ସଭ୍ୟମାନେ ଏମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ସଂଖ୍ୟାଲଘୁ ବିକାଶ ମଞ୍ଚର ସମାବେଶ

**ସମ୍ବଲପୁର, ୮।୧୨ (ବ୍ୟୁରୋ)**

ଜିଲା ସ୍କୁଲ ଛକଠାରେ ସଂଖ୍ୟାଲଘୁ ବିକାଶ ମଞ୍ଚ ପକ୍ଷରୁ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସୟଦ ସବିରଙ୍କ ସଂଯୋଜନାରେ ସମାବେଶ ହୋଇଥିଲା। ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ଉପସଭାପତି ସୟଦ ସିରାଜ୍, ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ଏସଡିଏର ପୂର୍ବତନ ଅଧକ୍ଷ ଜୟବ୍ରତ ଦେ, ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା, ମହମ୍ମଦ ନୱାବ୍, ଦେବାଶିଷ ପୁରୋହିତ, ସୟଦ କାସିମ୍, ମହମ୍ମଦ ୟୁସୁଫ୍, ମହମ୍ମଦ ଇକବାଲ୍, ମହମ୍ମଦ କରିମ୍, ମହମ୍ମଦ ସାକିର, ମହମ୍ମଦ ହସନଖାନ୍, ହୁସେନ ଖାନ୍, ମହମ୍ମଦ ଇନାୟତ୍ ତୁଲ୍ଲା, ମହମ୍ମଦ ୟାସିମ୍, ସୟଦ ଜିନ୍ଦା ଯୋଗଦେଇ ଅବହେଳିତ, ଉପେକ୍ଷିତ ସଂଖ୍ୟାଲଘୁ ସଂପ୍ରଦାୟର ବିଭିନ୍ନ ସମସ୍ୟାର ସମାଧାନ ଏବଂ ବୃହତ୍ତର ସମ୍ବଲପୁର ବିକାଶ ପରିକଳ୍ପନା ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ହାଜି ଉନୁସାହା, ହାଜି ମିରଜା ମୁନିର୍‌ବେଗ୍, ସୟଦ ସେହେଜାଦ୍, ମହମ୍ମଦ ସୁଲେମାନ୍ ଦିୱାନା, ହାଜି ମୁଜାଫର୍ ହୁସେନ୍, ହାଜି ଇବ୍ରା, ହାଜି ଅବଦୁଲ୍ଲା ହୁସେନ୍, ହାଜି ସହିଦ ସଫିସାହେବ, ସୟଦ ଅହମ୍ମଦ ସାହେବ୍, ହାଜି ନାସିର୍ ମେମନ୍, ହାଜି ମହମ୍ମଦ କାଦର୍, ହାଜି ଇର୍ସାଦ ଅହମ୍ମଦଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ମହମ୍ମଦ ନିଜ୍ଜୁମୁଦ୍ଦିନ୍, ସୟଦ ସଲାମତ୍, ମହମ୍ମଦ ଭୋଲୁ, ମହମ୍ମଦ ସାହିଦ, ମହମ୍ମଦ ଟିକୁ, ଶେଖ ରାଜୁ, ମହମ୍ମଦ ହାସିମ୍, ମହମ୍ମଦ ଖାଲିଦ୍ ଓ ମହମ୍ମଦ ସହିଦ ସହଯୋଗ କରିଥିଲେ। ସମାବେଶ ପରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

## କିସିଣ୍ଡା କଲେଜରେ ତର୍କ ପ୍ରତିଯୋଗିତା

**ନାକଟିଦେଉଳ,୮।୧୨(ଡି.ଏନ.ଏ.)**

କିସିଣ୍ଡା କଲେଜରେ ରେଢାଖୋଲ ଜନକଲ୍ୟାଣ ସମିତି ପକ୍ଷରୁ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ପରିପ୍ରେକ୍ଷୀରେ 'ସ୍ୱଚ୍ଛତା ଅଭିଯାନରେ ଛାତ୍ର ସମାଜର ଭୂମିକା ଶୀର୍ଷକ ଏକ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କଲେଜର ୨୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ଦ୍ୱିତୀୟ ବର୍ଷ କଳା ଛାତ୍ର ଲିକୁନା ନାଏକ ପ୍ରଥମ, ହିମାଂଶୁ ମାଝି ଦ୍ୱିତୀୟ ଏବଂ ଛାତ୍ରୀ ଅଶ୍ୱିନୀ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅଧକ୍ଷା ସୁଶ୍ରୀତା ଭୋଇ ଅଧକ୍ଷତା କରିଥିଲେ। ଗୋବିନ୍ଦ ନାରାୟଣ ଅଗ୍ରୱାଲା ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ କୌଶିକ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସମସ୍ୟା କୁଚିଣ୍ଡା ଡାକ୍ତରଖାନା

**କୁଚିଣ୍ଡା, ୮।୧୨ (ଡି.ଏନ.ଏ.)**

କୁଚିଣ୍ଡା ଡାକ୍ତରଖାନାରେ ଡାକ୍ତର ଅଭାବ ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ରହିଛି। ଏହାର ସମାଧାନ ଲାଗି ବିଜୁ ଛାତ୍ର ଜନତା ଦଳର ସଦସ୍ୟମାନେ ଏସ୍‌ଡିଏମ୍‌ଓ ଦୀପକ ନାଥଙ୍କ ସହ ଆଲୋଚନା କରିଛନ୍ତି। ଭୁବନେଶ୍ୱର କିସାନ, ବାବୁଲୁ ନାଏକ, ରଶ୍ମିକାନ୍ତ ସାମଲ, ବିଜୁ ଛାତ୍ର ଜନତା ଦଳର ନଗର ସଭାପତି ଅଭିଳାଷ ଅଗ୍ରୱାଲ, ବିଜୁ ଛାତ୍ର ଜନତା ଦଳର ବ୍ଲକ ସଭାପତି ମିଲନ ନାୟକ ପ୍ରମୁଖଙ୍କ ନେତୃତ୍ୱରେ କର୍ମକର୍ତ୍ତା ଏସ୍‌ଡିଏମଓଙ୍କୁ ସାକ୍ଷାତ କରିଥିଲେ। ଡାକ୍ତରଖାନାରେ ଡାକ୍ତର ଅଭାବ, ଏସଡିଏମଓ ତଥା ବିଶେଷଜ୍ଞ ଡାକ୍ତରମାନେ ହେଡ୍‌କ୍ୱାର୍ଟରରେ ନ ରହିବା, ରୋଗୀଙ୍କ ସମ୍ପର୍କୀୟମାନଙ୍କ ପାଇଁ ନିର୍ମିତ ଆଶ୍ରୟ ସ୍ଥଳକୁ ଅନ୍ୟ କାମରେ ବ୍ୟବହାର କରାଯାଉଥିବା ଆଦି ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଏ ସବୁର ସମାଧାନ ପାଇଁ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସ୍‌ଡିଏମ୍‌ଓଙ୍କୁ ପ୍ରଦାନ କରିଥିଲେ । ଏହାପରେ ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କୁ ସାକ୍ଷାତ କରି ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ବୁଲୁଛନ୍ତି ପୂର୍ବତନ ସରପଞ୍ଚଙ୍କ ହତ୍ୟାକାରୀ

**ନାକଟିଦେଉଳ, ୮।୧୨ (ଡି.ଏନ.ଏ.)**

ନାକଟିଦେଉଳ ଥାନା ଅନ୍ତର୍ଗତ ସାଲେଭଟାର ପୂର୍ବତନ ସରପଞ୍ଚ ଚେମେର୍ଡ଼ା ଗ୍ରାମର ପର୍ଶୁରାମ ପ୍ରଧାନଙ୍କୁ ଅଗଷ୍ଟ ୨୭ ତାରିଖରେ ହତ୍ୟା କରାଯାଇଛି। ଏହି ଘଟଣାରେ ଫେରାର ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାକୁ ଦେଇଥିବା ସମୟ ଅତିକ୍ରାନ୍ତ ହୋଇଛି। ଏଣୁ ତୁରନ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ପୁଣି ଥରେ ଥାନା ସମ୍ମୁଖରେ ୧୭ ତାରିଖ ଅନଶନ କରିବାକୁ ମୃତ ପର୍ଶୁରାମଙ୍କ ସ୍ତ୍ରୀ କୁନି ପ୍ରଧାନ ଚେତାବନୀ ଦେଇଛନ୍ତି ।

ଅଗଷ୍ଟ ୨୭ ତାରିଖରେ ପଳସାବୁରୀ ଗ୍ରାମରେ କେଉଟବେର୍ଣୀ ଗ୍ରାମର ଧଳ ପରିବାରର ୬ଜଣ ମିଶି ସଂଘବଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରି ପର୍ଶୁରାମଙ୍କୁ ହତ୍ୟା କରିଥିଲେ । ପୋଲିସ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ଧଳ ଏବଂ ହାସ୍ୟ ନାଏକଙ୍କୁ ଗିରଫ କରିଥିଲା । ଦୀର୍ଘ ଦିନ ବିତିଯିବା ପରେ ଫେରାର ଥିବା ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ଦାବି କରି ଅନଶନ କରିବାକୁ ଚେତାବନୀ ଦେବା ପରେ ନଭେମ୍ବର ୨ତାରିଖରେ ଦଶରଥ ଧଳ ଏବଂ ରଷିନ୍ଦ୍ର ଧଳଙ୍କୁ ପୋଲିସ ଗିରଫ କରିଥିଲା । ତେବେ ଅନ୍ୟ ଫେରାର ଦୁଇ ଅଭିଯୁକ୍ତ ରତିଶ ଧଳ ଏବଂ ରାକେଶ ଧଳଙ୍କୁ ଗିରଫ ଦାବି ନେଇ କୁନି ପ୍ରଧାନ ନଭେମ୍ବର ୧୭ ତାରିଖରେ ନାକଟିଦେଉଳ ଥାନା ସମ୍ମୁଖରେ ପରିବାରବର୍ଗ ଓ ଅଞ୍ଚଳବାସୀଙ୍କୁ ନେଇ ଅନଶନ କରିଥିଲେ । ସେତେବେଳେ ରେଢାଖୋଲ ଏସ୍‌ଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ନାକଟିଦେଉଳ ଥାନା ଅଧିକାରୀ ବିନୋଦ ଲାକ୍ରା ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପାଇଁ ୧୦ଦିନ ସମୟ ମାଗିବା ସହ ହତ୍ୟାମାମଲାରେ ସଂପୃକ୍ତ ଥିବା ଚକ୍ରାନ୍ତକାରୀଙ୍କୁ ଦୋଷୀ ସ୍ତାବ୍ୟସ୍ତ ନିମନ୍ତେ ଉପଯୁକ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା । ହେଲେ ପୋଲିସ ଏ ପର୍ଯ୍ୟନ୍ତ ଗିରଫ କରିନି। ଏଣୁ ୧୭ ତାରିଖରେ ପୁଣିଥରେ ପରିବାର ସହ ଥାନା ସମ୍ମୁଖରେ ଅନଶନ କରିବାକୁ କୁନି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ କୁନି ଜିଲାପାଳ,ଏସ୍‌ପି, ଏସ୍‌ଡ଼ିପିଓ, ନାକଟିଦେଉଳ ଥାନା ଅଧିକାରୀଙ୍କୁ ଜଣାଇଛନ୍ତି ।

## ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ଆରମ୍ଭ

**ସମ୍ବଲପୁର,୮।୧୨(ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ଶନିବାର ଆରମ୍ଭ ହୋଇଛି । ଟସ୍ ଜିଣି ଭ୍ରମଣକାରୀ ରେଲୱେ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇଛି । ସେହିପରି ଓଡିଶା ଦଳ ଘରୋଇ ପିଚ୍‌ରେ ସଫଳତା ହାସଲ କରିବା ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଛି। ଆୟୋଜକ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଓ ସମ୍ବଲପୁର ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଭୟ ଦଳରେ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଜିଲା କ୍ରୀଡା ସଂଘ ଉପସଭାପତି ଦିଲୀପ ବିଶି, ଫୁଟବଲ ସମ୍ପାଦକ ଅବଦୁଲ ଗଫାର୍, ଖେଳ ସମ୍ପାଦକ ପ୍ରଶାନ୍ତ ସେଠ, କାଉନସିଲ ସଭ୍ୟ ସୟଦ ଜିନ୍ଦା, ସୁନୀଲ ସାହୁ, ସୁବୋଧ ସାହୁ, ଅମୂଲ୍ୟ ମିଶ୍ର, ବିକାଶ ମିଶ୍ର ସମ୍ମାନୀତ ଅତିଥି ଥିଲେ । ଡ. ବିଜୟ କୁମାର ପ୍ରଧାନ ଓ ମନୋରଞ୍ଜନ ପାଢ଼ୀ ଉଦଘୋଷକ ଦାୟୀତ୍ୱ ନିର୍ବାହ କରିଥିଲେ। ଡା. ଦିଲୀପ କୁମାର ନନ୍ଦ, ଅଭିନାଷ ନନ୍ଦ, ଅଜିତ ହୋତା, ପିଣ୍ଟୁ ପତି, ବିକାଶ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟରେ ଅଜାଆଈ ଦିବସ

**ସମ୍ବଲପୁର,୮।୧୨(ବ୍ୟୁରୋ)**

କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୧ ପରିସରରେ ଅଜା ଆଈ ଦିବସ ଅନୁଷ୍ଠିତ ହୋଇଯାଇଛି । ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କାମଦେବ ସାହୁ ମୁଖ୍ୟଅତିଥି, ପୂର୍ବତନ ସେନା ବିଭାଗ କର୍ମଚାରୀ ଅଶୋକ କୁମାର ଶ୍ରୀବାସ୍ତବ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅଜା ଆଈର ସମ୍ପର୍କ ବିଷୟରେ ବକ୍ତବ୍ୟ ଦେଇଥିଲେ । ପୂର୍ବରୁ ସ୍କୁଲ ପରିସରରେ ଆୟୋଜିତ ପ୍ରତିଯୋଗତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସେହିପରି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପିଲାମାନଙ୍କ ଅଜାଆଈଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ହୋଇଥିଲା । ପ୍ରାଥମିକ ବିଭାଗ ଅଧକ୍ଷା ଲଳିତାପ୍ରଭା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲ ଅଧକ୍ଷ ମନିଶ କୁମାର ଶ୍ରୀବାସ୍ତବ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର କର୍ମୀ ସମ୍ମିଳନୀ, ପଦଯାତ୍ରା ପାଇଁ ପ୍ରସ୍ତୁତି

**ପଡିଆବାହାଲ, ୮।୧୨ (ଡି.ଏନ.ଏ)**

Shivam logistic packers movers. Household/ car relocation countrywide. 9777044177, 9338461133. D-9832




Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

All type of full body massage by expert therapist. 7609005923. D-65214

Herbal full body massage by smart/ expert therapist. Contact: 8338067247. D-65215

Newly opening ayurvedic massage smart therapist, Shree herbal. 7750020754. D-65216

Pamper yourself this Mansoon professional massage. Contact Purple Orchid. 9776598888. D-65217

Improving your health, skin care through expert therapist, excellent offer. 9668374480. D-65218

Roshni ayurvedic massage club fully relaxed by smart lady, home service facility available. 9937637219. D-9839

Experience full body massage with us by experts. Enquiry: 06742597822, 7377048581. D-65219

Herbal full body massage with refreshment by well trained therapist. 7381239385. D-65226

Saishree ayurvedic full body massage ladies & gents. Contact: 7438896074. D-64657

Ayurvedic full body massage ladies / gents smart experts therapist. 9114697517. D-64655

Ayurvedic full body massage smart boy therapist. Home service available here. 9937929638. D-9838

Massage, Physiotherapy, Homoeopathy, combine for Arthritis, Sciatica, Spondylosis, Paralysis. 9778431330. D-61036




Stitching project work from home. Earn upto 18k month. 7205365830. D-9850

Get positive result of Home/ Shop / Factory Vastu correction with Scientific remedies. 9853391108. D-65098

Business & Hospital low cost operations and medico legal services & training. Set up low cost new Hospital projects. Contact: 9830076448, cbidhan21@gmail.com. D-63878

## AFFIDAVIT

I, Santosh Kumar Bhol S/o- Bhobani Bhol as per my Aadhaar Card but Santosh Kumar Bhar mention in office (ESI Corporation) document. Vide this affidavit I declared both name is one & same person. D-64660

By virtue of an affidavit before Notary Public, Bhubaneswar, I have changed my name from Suvra Nayak to Subhra Samal on dated 05/12/2018 for all purpose. D-64659

10th Happy Birthday Wish



**Anushka Jena**

(Gadasahi, Nayapalli, Bhubaneswar)

Wishing you a birthday filled with the love, passion and success you deserve. Wishes: Baba, Mama, Jeje, Boumaa, Kaku, Apa, Bhai, Piusa, Mamu, Maeen D-65229

### ଜନ୍ମଦିନ ଶୁଭେଚ୍ଛା



**ସୁମୟା ହୁସେନ୍**

ସାହେବ ନଗର, ବାଲିପାଟଣା, ଖୋର୍ଦ୍ଧା

ଆଲ୍ଲା ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଦାଦାଜାନ, ଦାଦିଜାନ, ଅବ୍ବୁ, ଅମ୍ମି, ସାଫିଆ, ଜିସାନ୍, ଅନସ୍, ସବିହା, ଦିଲକିସ୍, ଜନ୍ନତ, ସୁହେବ୍, ଇସ୍‌ତିଆକ୍ ଓ ପରିବାରବର୍ଗ। ଧ-୬୨୧୪୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph-2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ବାର୍ଷିକୀ ଶ୍ରାଦ୍ଧଦିବସ



**ଦିବଂଗତ ତ୍ରିଲୋଚନ ସାମଲ**
(ସମାଜସେବୀ)
ଜନ୍ମ: ୧୯।୦୮।୧୯୪୧
ମୃତ୍ୟୁ: ୧୯।୧୧।୨୦୧୭
ଢୋଲମରା, ଚାନ୍ଦିବାଉଁଶମୂଳ, ରାଜନଗର, କେନ୍ଦ୍ରାପଡା

ଆପଣ ଆମକୁ ଛାଡି ଚାଲିଯିବାର ଏହା ଭିତରେ ଏକ ବର୍ଷ ହୋଇଗଲାଣି। ଆପଣଙ୍କ ଶୁଭ କଲ୍ୟାଣ ସଦା ଆମ ଉପରେ ରହୁ। ଆପଣଙ୍କ ମହନୀୟ ଉପଦେଶ ଏବେବି ସ୍ମରଣୀୟ। ଆପଣଙ୍କର ଆତ୍ମା ସ୍ୱର୍ଗରେ ଜାଜ୍ୱଲ୍ୟମାନ ରହୁ। ଏତିକି କାମନା। ପୁତ୍ର: ଅକ୍ଷୟ ଅଭୟ, ଅଜୟ, ବିଚିତ୍ର, କନ୍ୟା: ସୁଲୋଚନା, ପୁତ୍ରବଧୂ: ସଂଜୁଲତା, ପୁଷ୍ପଲତା, ସୁଜାତା, ମିଲି, ନାତିନାତୁଣୀ ଓ ପରିବାରବର୍ଗ। ଧ-୯୯୦୬

### ପ୍ରଥମ ମୃତ୍ୟୁବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଚନ୍ଦ୍ରମଣୀ ପତି**
୨୮୪/ ସମେଇଗାଡିଆ, ଭୁବନେଶ୍ୱର
ଆବିର୍ଭାବ: ୦୬।୦୭।୧୯୩୨
ତିରୋଧାନ: ୨୦।୧୧।୨୦୧୭

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ। ଧ-୯୮୭୨

### ଏକାଦଶାହ ଉପଲକ୍ଷେ
ତା: ୦୯।୧୨।୨୦୧୮ରିଖ



**ସ୍ୱର୍ଗତ ବିଜନ କୁମାର ମହାନ୍ତି**
୨୮, ସୂର୍ଯ୍ୟନଗର, ୟୁନିଟ୍-୭
ଭୁବନେଶ୍ୱର-୦୩
ତିରୋଧାନ: ତା:୨୯।୧୧।୨୦୧୮ ରିଖ
(ଗୁରୁବାର)

ତୁମର ଆତ୍ମାର ସଦ୍‌ଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରିବା ସହ ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନବୃନ୍ଦ। ଧ-୬୩୮୭୯

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅର୍ଜୁନ ବାଘସିଂହ**
ଅନ୍ଧାରୁଆ, ଚନ୍ଦକା, ଖୋର୍ଦ୍ଧା
ତିରୋଧାନ: ୩୦।୧୧।୨୦୧୮

ଆଜିର ଏ ପବିତ୍ର ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ବାଘସିଂହ ପରିବାର, ପୁତ୍ର-ନିଲୁ, ଦିଲୁ, ମାମା, ସପନା, ଗଞ୍ଜୁ, ମଞ୍ଜୁ, ରଞ୍ଜୁ, ସଞ୍ଜୁ, ଜ୍ୱାଇଁ-ମନୋଜ, ଗୋପାଳ, ବାବୁ, ଅକ୍ଷୟ, ଗୋବିନ୍ଦ ଓ ନାତିନାତୁଣୀ। ଧ-୫୬୧୫୮



କାନାଡ଼ାକୁ ପରାସ୍ତ କରିବା ପରେ ଭାରତୀୟ ଖେଳାଳିଙ୍କ ସେଲିବ୍ରେଶନ।

# ଅମାଦଙ୍କୁ ଭର୍ତ୍ସନା, ରିଜୱାନଙ୍କ ସ୍ଥାନରେ କାଦିର

**ଭୁବନେଶ୍ୱର, ୮।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ପାଇଁ ପାକିସ୍ତାନ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଛି। ଅଧିନାୟକ ମହମ୍ମଦ ରିଜୱାନ ସିନିୟର ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ ଅର୍ସ୍ଲାନ କାଦିରଙ୍କୁ ସାମିଲ କରାଯାଇଛି। ରିଜୱାନଙ୍କ ଆଙ୍ଗୁଠି ଭାଙ୍ଗି ଯାଇଥିଲା। ଅଫିସିଆଲ ଡାକ୍ତର ତାଙ୍କ କ୍ଷତସ୍ଥାନ ପରୀକ୍ଷା କରିବାପରେ ରିପୋର୍ଟ ଦେଇଥିଲେ। ତାଙ୍କ ରିପୋର୍ଟ ଭିତ୍ତିରେ ଏଫଆଇଏଚ୍ ବଦଳ ଖେଳାଳି ପାଇଁ ଅନୁମତି ଦେଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍)ର ଅନୁମୋଦନକୁ ପାକିସ୍ତାନ ପ୍ରଶଂସା କରିଛି। ରିଜୱାନଙ୍କ ଦ୍ରୁତ ଆରୋଗ୍ୟ ସହ କାଦିରଙ୍କୁ ବିଶ୍ୱକପକୁ ଏଫଆଇଏଚ୍ ପକ୍ଷରୁ ସ୍ୱାଗତ କରାଯାଇଛି। ଅନ୍ୟ ଏକ



ଅର୍ସ୍ଲାନ କାଦିର

ମାମଲାର ଶୁଣାଣି କରି ଏଫଆଇଏଚ୍ ଆପିଲ ଜୁରି ପାକିସ୍ତାନର ଅମାଦ ବଟ୍ଟଙ୍କୁ ଭର୍ତ୍ସନା କରିଛି। ଡିସେମ୍ବର ୫ରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ବଟ୍ଟ ଜଣେ ମାଲେସିଆ ଖେଳାଳିଙ୍କୁ ବେପରୁଆ ଭାବେ ଠେଲିଥିବା ଅଭିଯୋଗ ହୋଇଥିଲା। ମ୍ୟାଚର ୪୦ତମ ମିନିଟରେ ଏହି ଘଟଣା ଘଟିଥିଲା। ଡିସେମ୍ବର ୬ରେ ଏଫଆଇଏଚ୍ ଟେକ୍ନିକାଲ ଡେଲିଗେଟ ବଟ୍ଟଙ୍କୁ ଗୋଟିଏ ମ୍ୟାଚରୁ ସସ୍‌ପେଣ୍ଡ କରିଥିଲେ। ଏହାର ପୁନର୍ବିଚାର କରିବାକୁ ପାକିସ୍ତାନ ପକ୍ଷରୁ ଆବେଦନ ହୋଇଥିଲା। ଶନିବାର ଏହାର ବିଚାର ଅବସରରେ ଏଫଆଇଏଚ୍ ଅପିଲ ଜୁରି ବଟ୍ଟ ଆଚରଣ ସଂହିତା ଉଲ୍ଲଂଘନ କରିଥିବା ଜାଣିବାକୁ ପାଇଥିଲେ। ସେ ଜାଣିଶୁଣି ନୁହେଁ ବରଂ ବେପରୁଆଭାବେ ଏପରି କରିଥିବାରୁ ତାଙ୍କୁ ଭର୍ତ୍ସନା କରି ଛାଡ଼ିଦେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ସେ ଯଦି ପରବର୍ତ୍ତୀ କୌଣସି ମ୍ୟାଚରେ ହଳଦିଆ କାର୍ଡ ପାଇବେ ତେବେ ତାଙ୍କୁ ସସ୍‌ପେଣ୍ଡ କରାଯିବ ବୋଲି ଏଫଆଇଏଚ୍ ପକ୍ଷରୁ ପ୍ରକାଶ କରାଯାଇଛି।

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୧୦ | ୮ | +୨ | ୬ |
| ଫ୍ରାନ୍ସ | ୩ | ୧ | ୧ | ୧ | ୭ | ୬ | +୧ | ୪ |
| ନ୍ୟୁଜିଲାଣ୍ଡ | ୩ | ୧ | ୧ | ୧ | ୪ | ୬ | -୨ | ୪ |
| ସ୍ପେନ୍ | ୩ | ୦ | ୨ | ୧ | ୬ | ୭ | -୧ | ୨ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୩ | ୩ | ୦ | ୦ | ୧୬ | ୧ | +୧୫ | ୯ |
| ଇଂଲଣ୍ଡ | ୩ | ୧ | ୧ | ୧ | ୬ | ୭ | -୧ | ୪ |
| ଚାଇନା | ୩ | ୦ | ୨ | ୧ | ୩ | ୧୪ | -୧୧ | ୨ |
| ଆୟର୍ଲାଣ୍ଡ | ୩ | ୦ | ୧ | ୨ | ୪ | ୭ | -୩ | ୧ |
| **ପୁଲ୍-ସି** | | | | | | | | |
| **ଭାରତ** | **୩** | **୨** | **୧** | **୦** | **୧୨** | **୩** | **+୯** | **୭** |
| ବେଲଜିୟମ | ୩ | ୨ | ୧ | ୦ | ୯ | ୪ | +୫ | ୭ |
| କାନାଡା | ୩ | ୦ | ୧ | ୨ | ୩ | ୮ | -୫ | ୧ |
| ଦ.ଆଫ୍ରିକା | ୩ | ୦ | ୧ | ୨ | ୨ | ୧୧ | -୯ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ନେଦରଲାଣ୍ଡ୍ସ | ୨ | ୧ | ୦ | ୧ | ୮ | ୪ | +୪ | ୩ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | ୨ | -୧ | ୧ |
| ମାଲେସିଆ | ୨ | ୦ | ୧ | ୧ | ୧ | ୮ | -୭ | ୧ |

(**ବି.ଦ୍ର:** ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

# ବେଲଜିୟମ ୫-୧ ଗୋଲରେ ବିଜୟୀ

**ଭୁବନେଶ୍ୱର, ୮।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପୁଲ୍'ସି'ର ଏକ ଲିଗ୍ ମ୍ୟାଚରେ ବେଲଜିୟମ ୫-୧ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ମ୍ୟାଚର ପ୍ରଥମ ମିନିଟରେ ଦକ୍ଷିଣ ଆଫ୍ରିକା ଗୋଲ ଦେଇ ଅଗ୍ରଣୀ ହୋଇଥିଲେ ହେଁ ପରେ ବେଲଜିୟମ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଅତିଥିଭାବେ ଯୋଗଦେଇ ବେଲଜିୟମର ସିମନ ଗୁଗ୍‌ନାର୍ଡଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଗୁଗ୍‌ନାର୍ଡଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

ମ୍ୟାଚ ଆରମ୍ଭ ହେବାକ୍ଷଣି ବେଲଜିୟମକୁ ଚକିତ କରି ୩୬ତମ ସେକେଣ୍ଡରେ ଗୋଲ ସ୍କୋର କରିଥିଲେ ଦକ୍ଷିଣ ଆଫ୍ରିକାର ନିକୋଲାସ ସ୍ପୁନର। ଚଳିତ ଟୁର୍ନାମେଣ୍ଟର ଏହା ସବୁଠାରୁ ଦ୍ରୁତତମ ଗୋଲ ଥିଲା। ସ୍ପୁନରଙ୍କ ଏହି ଗୋଲ ଦ୍ୱାରା ବିଶ୍ୱର ୧୫ ନମ୍ବର ଦଳ ଦକ୍ଷିଣ ଆଫ୍ରିକା ୧-୦ରେ ଅଗ୍ରଣୀ ନେବାସହ ମ୍ୟାଚରେ ଉଷ୍ମତା ଭରିଥିଲା। ଏଥିରେ ଉତ୍ସାହିତ ହୋଇ ଦକ୍ଷିଣ ଆଫ୍ରିକା ପ୍ରଥମ କ୍ୱାର୍ଟରରେ ଭଲ ଲଢ଼େଇ ମଧ୍ୟ କରିଥିଲା। ମାତ୍ର ୩ ନମ୍ବର ର୍‍ୟାଙ୍କ୍ ବେଲଜିୟମ ଏଥିରେ ବିଚଳିତ ନ ହୋଇ କିମ୍ବା ଚାପକୁ ନ ଆସି ସ୍ୱାଭାବିକ ପ୍ରଦର୍ଶନ ସହ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୧୪ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇଆସିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ବେଲଜିୟମ ଆକ୍ରମଣର ଜବାବ ଦେଇପାରି ନ ଥିଲା ଦକ୍ଷିଣ ଆଫ୍ରିକା। ୧୮ତମ ମିନିଟରେ ସିମନ ଗୁଗ୍‌ନାର୍ଡ ଏକ ଫିଲ୍ଡ ଗୋଲ ଦେଇ ବେଲଜିୟମକୁ ଅଗ୍ରଣୀ କରାଇଥିବାବେଳେ ୨୨ତମ ମିନିଟରେ ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ବେଲଜିୟମ ପାଇଁ ତୃତୀୟ ଗୋଲଟି ସ୍କୋର କରିଥିଲେ। ଏହି ଗୋଲ ମଧ୍ୟ ପେନାଲ୍ଟି କର୍ନରରୁ ଆସିଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷହେବାକୁ ଅଳ୍ପ କିଛି କ୍ଷଣ ବାକିଥିବାବେଳେ ଅର୍ଥାତ୍ ୩୦ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଲୋଇକ୍ ଲୁଇପର୍ଟ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଲଜିୟମ ଅଗ୍ରଣୀ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ।

ଦ୍ୱିତୀୟାର୍ଦ୍ଧର ପ୍ରଥମଭାଗ ଅର୍ଥାତ୍ ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିଲେ ହେଁ ବେଲଜିୟମର ପ୍ରଭାବ ଜାରି ରହିଥିଲା। ଦକ୍ଷିଣ ଆଫ୍ରିକା ଅଳ୍ପ କେତେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାର ସଦୁପଯୋଗ ହୋଇପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ବେଲଜିୟମ ସ୍ୱାଭାବିକଭାବେ ଆକ୍ରମଣକୁ ଜୋରଦାର କରିଥିଲା। ଅଧିକ ଗୋଲ ବ୍ୟବଧାନରେ ମ୍ୟାଚ ଜିତିବା ଦଳର ମୁଖ୍ୟ ଲକ୍ଷ୍ୟ ଥିଲା। ୪୮ତମ ମିନିଟରେ ସେଡ୍ରିକ ଚାର୍ଲେର ଏକ ଫିଲ୍ଡ ଗୋଲ ଦେଇ ବେଲଜିୟମକୁ ୫-୧ରେ ଅଗ୍ରଣୀ କରାଇଥିଲେ। ଅବଶିଷ୍ଟ ସମୟରେ ବେଲଜିୟମ ଆକ୍ରମଣକୁ ଦୃଢ଼ ପ୍ରତିହତ କରିଥିଲା ଦକ୍ଷିଣ ଆଫ୍ରିକା। ମ୍ୟାଚ ଶେଷହେବାର ଅଳ୍ପ କିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୬୦ତମ ମିନିଟରେ ବେଲଜିୟମ ପକ୍ଷରୁ ଏକ ଫିଲ୍ଡ ଗୋଲ ଦାବି କରାଯାଇଥିଲେ ହେଁ ଦକ୍ଷିଣ ଆଫ୍ରିକା ପକ୍ଷରୁ ମଗାଯାଇଥିବା ଭିଡିଓ ରେଫରାଲରେ ତାହା ନାକଚ ହୋଇଯାଇଥିଲା।





ବେଲଜିୟମ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## କଳିଙ୍ଗ କର୍ନର

# ଫ୍ୟାନ୍ ଭିଲେଜରେ ଚାଇନା, ଇଂଲଣ୍ଡ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ଅବସରରେ ଶନିବାର ଫ୍ୟାନ ଭିଲେଜକୁ ଯାଇ ମଜା କରିବା ସହ ଦର୍ଶକଙ୍କୁ ସେଲ୍‌ଫି ନେବାର ସୁଯୋଗ ପ୍ରଦାନ କରିଥିଲେ ଚାଇନା ଓ ଇଂଲଣ୍ଡ ଦଳର ଖେଳାଳିମାନେ। ଶୁକ୍ରବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ବିଶ୍ୱଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ୧୧-୦ ଗୋଲରେ ପରାଜିତ ହୋଇଥିବା ଚାଇନା ଏହାକୁ ଏକ ଦୁଃସ୍ୱପ୍ନ ସଦୃଶ ନେଇ ଶନିବାର ଫ୍ୟାନ ଭିଲେଜରେ ଗୀତ ଗାଇବା ସହ ଓଲି ସହ ନାଚି ମନୋରଞ୍ଜନ କରିଥିଲା। ଏହାପରେ ଇଂଲଣ୍ଡ ଖେଳାଳି ଆସି ଅନୁରୂପଭାବେ ମଜା ମସ୍ତି କରିଥିଲେ। ଇଂଲଣ୍ଡ ଖେଳାଳିଙ୍କ ସହ ସେଲ୍‌ଫି ନେବାକୁ ଦର୍ଶକଙ୍କ ମଧ୍ୟରେ ଗହଳି ଲାଗି ଯାଇଥିଲା। ତେବେ ଇଂଲଣ୍ଡ ଖେଳାଳିମାନେ କୌଣସି ଦର୍ଶକଙ୍କୁ ନିରାଶ ନ କରି ସମସ୍ତଙ୍କୁ ଫଟୋ ଉଠାଇବାର ସୁଯୋଗ ଦେଇଥିଲେ। ପ୍ରକାଶ ଯୋଗ୍ୟ ଯେ ଉଭୟ ଚାଇନା ଓ ଇଂଲଣ୍ଡ ଗ୍ରୁପ 'ବି'ରୁ କ୍ରସ୍‌ଓଭର ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

### ଦ୍ରୁତତମ ଗୋଲ

ଚଳିତ ହକି ବିଶ୍ୱକପର ଦ୍ରୁତତମ ଗୋଲ ଦକ୍ଷିଣ ଆଫ୍ରିକାର ନିକୋଲାସ ସ୍ପୁନରଙ୍କ ନାମରେ ରେକର୍ଡ ହୋଇଛି। ସେ ଶନିବାର ପୁଲ୍'ସି' ମ୍ୟାଚ ଆରମ୍ଭର ୩୬ ସେକେଣ୍ଡ ମଧ୍ୟରେ ବେଲଜିୟମ ବିପକ୍ଷରେ ଏକ ଫିଲ୍ଡ ଗୋଲ ସ୍କୋର କରି ଦକ୍ଷିଣ ଆଫ୍ରିକାକୁ ଅଗ୍ରଣୀ କରାଇଥିଲେ। ପରେ ଅବଶ୍ୟ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ ହାରିଯାଇଥିଲା। ଏହା ପୂର୍ବରୁ ଏଠାରେ ସ୍ପେନର ଏନରିକ୍ ଗୋଞ୍ଜାଲେଜ ମ୍ୟାଚର ୩ୟ ମିନିଟରେ ଆର୍ଜେଣ୍ଟିନା ବିପକ୍ଷରେ ଗୋଲ ଦେଇ ଏହି ରେକର୍ଡର ଅଧିକାରୀ ଥିଲେ।

# ଅମିତଙ୍କ ପାଇଁ ସ୍ମରଣୀୟ



ଶନିବାର ପୁଲ୍ 'ସି' ମ୍ୟାଚରେ ଭାରତୀୟ ଦଳ ବହୁତ ଭଲ ଖେଳିଲା। ସବୁ ଖେଳାଳି ଚମତ୍କାର ପ୍ରଦର୍ଶନ କଲେ। ପ୍ରଥମ ଗୋଲଟି ସ୍କୋର ପରେ ଯଦିଓ ଦଳ ଟିକେ ହାଲ୍‌କା ମନୋଭାବ ପୋଷଣ କରିଥିଲା ମାତ୍ର ଗୋଲ ୧-୧ ସ୍ଥିତିକୁ ଆସିବାପରେ ପୁଣି ଗୁରୁତ୍ୱ ଦେଇ ଖେଳିଥିଲା। ଏହାର ଫାଇଦା ମିଳିଲା ଏବଂ ଦଳ ୫-୧ ଗୋଲରେ କାନାଡ଼ାକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କଲା। ଓଡ଼ିଶାର ଅମିତ ରୋହିଦାସଙ୍କ ପାଇଁ ଏହି ବିଶ୍ୱକପ ନିଶ୍ଚିତ ସ୍ମରଣୀୟ ରହିବ। କାରଣ ବିଶ୍ୱକପ ପରି ଏକ ଟୁର୍ନାମେଣ୍ଟରେ ଗୋଲ ଦେବାଠାରୁ ଆଉ ବଡ଼ କଥା କିଛି ନାହିଁ। ତା'ଛଡ଼ା ଘରୋଇ ଦର୍ଶକଙ୍କ ସାମ୍ନାରେ ଗୋଲ ଦେବାର ଅନୁଭବ ମଧ୍ୟ ସ୍ୱତନ୍ତ୍ର। ଅମିତ ତାହା କରି ଦେଖାଇଲେ। ଅମିତର ପରିବାରବର୍ଗ ସୁନ୍ଦରଗଡ଼ର ସଉନାମୁରା ଗ୍ରାମରୁ ଆସିଥିଲେ। ସେମାନେ ମଧ୍ୟ ଅମିତର ଖେଳ ଦେଖି ଗର୍ବ ଅନୁଭବ କରିଥିବେ ବୋଲି ମ୍ୟାଚର ଅନ୍ୟତମ ଅତିଥି ତଥା ପୂର୍ବତନ ଭାରତୀୟ ଅଧିନାୟକ ପ୍ରବୋଧ ତିର୍କୀ ପ୍ରକାଶ କରିଛନ୍ତି। ଭାରତ ମ୍ୟାଚରେ ମୋତେ ଅତିଥି କରାଯାଇଥିବାରୁ ମୁଁ ସରକାର ଏବଂ ହକି ଇଣ୍ଡିଆଙ୍କୁ ଧନ୍ୟବାଦ ଦେବି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଅତିଥିହେବା ଏବଂ ଭାରତ ଓ କାନାଡ଼ା ଖେଳାଳିଙ୍କ ସହ ହାତମିଳାଇବା ମୋ ପାଇଁ ଏକ ସମ୍ମାନ ସଦୃଶ। ଏହା ମୋ ପାଇଁ ମଧ୍ୟ ସ୍ମରଣୀୟ ବୋଲି ପ୍ରବୋଧ କହିଛନ୍ତି।

# ଭାରତୀୟ ଦଳକୁ ଅଭିନନ୍ଦନ



ଦିଲୀପ ତିର୍କୀ

ହକି ବିଶ୍ୱକପରେ କାନାଡ଼ା ବିପକ୍ଷରେ ମ୍ୟାଚ ଜିତି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ ମୁଁ ଭାରତୀୟ ଦଳକୁ ପ୍ରଥମେ ଅଭିନନ୍ଦନ ଜଣାଉଛି। ମ୍ୟାଚ ବହୁତ ବଢ଼ିଆ ହେଲା। ଭଲ ବ୍ୟବଧାନରେ ମଧ୍ୟ ଜିତିଲା। ତେଣୁ ମୁଁ କହିବି ଯେ ଟିମ୍ ଠିକ୍ ପଥରେ ରହିଛି। ଯୁବ ଦଳ ଭଲ ଖେଳୁଛି। ଦଳର ଆଟାକ୍ ବହୁତ ଭଲ ଅଛି। ଏହା ବ୍ୟତୀତ ଡିଫେନ୍ସରେ ମୁଁ ଦେଖୁଛି ଗ୍ରୁପ ଟ୍ୟାକ୍‌ଲିଂ ଡିଫେନ୍ସ ବହୁତ ଉନ୍ନତି ହୋଇଛି। ଯେଉଁଠି ବଲ୍‌କୁ ନେଇ ପ୍ରତିପକ୍ଷ ଦଳ ଆସୁଛି ସେଠାରେ ଆମର ଏକାଧିକ ଡିଫେଣ୍ଡର ଟ୍ୟାକ୍‌ଲିଂ ପାଇଁ ପହଞ୍ଚି ଯାଉଛନ୍ତି। ଏହା ବହୁତ ଭଲ ସୂଚନା। ଅମିତ ରୋହିଦାସଙ୍କୁ ଅଭିନନ୍ଦନ। ସେ ଗ୍ରାଉଣ୍ଡରେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଥିବା ସୂଚନା ମିଳୁଛି ବୋଲି ଶନିବାର ମ୍ୟାଚକୁ କଳିଙ୍ଗ ଷ୍ଟାଡିୟମରେ ସପରିବାର ଉପସ୍ଥିତ ରହି ଅତି ନିକଟରୁ ଦେଖିଥିବା ପଦ୍ମଶ୍ରୀ ତଥା ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଅନ୍ୟତମ ଅତିଥିଭାବେ ଖେଳ ଦେଖୁଥିବା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବଂ ତାଙ୍କ ବାପା ନେତ୍ରାନନ୍ଦ ସାମନ୍ତରାୟ ମଧ୍ୟ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ଫ୍ୟାନ୍ କର୍ନର









ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଡିସେମ୍ବର ୯/୨୦୧୮ Sambalpur, Sunday, December 9/ 2018

ଘରେ ପଶି ପରିବାର ସଦସ୍ୟଙ୍କୁ ଆକ୍ରମଣ ଘଟଣା

# ସମୁଦୀ ଘରେ ପ୍ରସ୍ତୁତ ହୋଇଥିଲା ହତ୍ୟା ଯୋଜନା

- ବୋହୂଙ୍କ ପ୍ରେମିକ ମୁଖ୍ୟ ଅଭିଯୁକ୍ତ
- ଟାର୍ଗେଟ୍‌ରେ ଥିଲେ ମୃତକଙ୍କ ସ୍ୱାମୀ
- ବୋହୂ ଓ ସମୁଦୀଙ୍କ ସମେତ ୫ ଗିରଫ
- ଅନ୍ୟ ୨ଫେରାର ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

**ବରଗଡ଼ ଅଫିସ,୮।୧୨**

ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ବୈରଖପାଲି ଗ୍ରାମରେ ଗତ ୬ତାରିଖ ବିଳମ୍ବିତ ରାତ୍ରିରେ ସ୍ୱାମୀଙ୍କ ସମ୍ମୁଖରେ ସ୍ତ୍ରୀଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ଘଟଣାରେ ମୃତା ମହିଳା ଜୟଶ୍ରୀ ମେହେର(୪୨)ଙ୍କ ବୋହୂ, ଜାଲପାଲି ଗ୍ରାମର ସମୁଦୀ କେଦାର ମେହେର(୪୦), ବୋହୂର ଭଉଣୀ, ବୋହୂଙ୍କ ପ୍ରେମିକ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ତେତେରକୁଣ୍ଡର କୁଶ ଓରଫ ମିତ୍ରଭାନୁ ଗୁରୁ (୩୪) ଏବଂ ତାଙ୍କ ଜଣେ ସହଯୋଗୀ ଡୁଙ୍ଗୁରିପାଲି ଥାନା ଖୁଣ୍ଟପାଲି ଗ୍ରାମର ପରି ଓରଫ ପରିତୋଷ ବାଙ୍କା(୩୫)ଙ୍କୁ ଗିରଫ କରିଛି। ଏହି ଘଟଣାରେ ଏକ ନମ୍ବରବିହୀନ ବାଇକ୍, ହେଲମେଟ୍, ୪ଟି ମୋବାଇଲ ଜବତ କରାଯାଇଛି । ମୃତା ମହିଳାଙ୍କ ସ୍ୱାମୀ କ୍ଷୀରୋଦ୍ର(୫୦)ଙ୍କ ଏତଲାକ୍ରମେ ବିଜେପୁର ଥାନା ପୋଲିସ ଦଫା ୪୫୦,୩୦୭, ୩୦୨, ୩୪ ଆଇପିସିରେ ଏକ ମାମଲା(ନଂ.୨୦୧/୧୮) ରୁଜୁ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯିବ । ଅନ୍ୟ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି ।

ବରଗଡ଼ ସଦର ଥାନାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡ଼ିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା କହିଛନ୍ତି, ମୃତା ମହିଳାଙ୍କ ପୁଅ ବଳରାମ ଗତ ୨ବର୍ଷ ତଳେ ଜାଲପାଲି ଗ୍ରାମରେ ବିବାହ କରିଥିଲେ। ବିବାହ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ସହିତ ଗିରଫ ଅଭିଯୁକ୍ତ କୁଶ ଓରଫ ମିତ୍ରଭାନୁଙ୍କ ପ୍ରେମ ସମ୍ପର୍କ ରହିଥିଲା । କୁଶ ମଝିରେ ମଝିରେ ବଳରାମଙ୍କ ଘରକୁ ଆସୁଥିଲେ ଏବଂ ତାଙ୍କ ସ୍ତ୍ରୀଙ୍କୁ ଭେଟି କଥାବାର୍ତ୍ତା ହେଉଥିଲେ। କ୍ଷୀରୋଦ୍ର କିନ୍ତୁ ବୋହୂଙ୍କ ସହ କୁଶଙ୍କ ସେଭଳି ମିଳାମିଶାକୁ ବିରୋଧ କରିଥିଲେ। ସେଦିନଠାରୁ କୁଶ ପ୍ରତିଶୋଧ ପରାୟଣ ହୋଇଥିଲେ ଏବଂ କ୍ଷୀରୋଦ୍ରଙ୍କୁ ଜୀବନରୁ ମାରିଦେବା ପାଇଁ ଯୋଜନା କରିଥିଲେ। ଅନ୍ୟପକ୍ଷେ ବୋହୂ ଓ ସମୁଦୀ ଘରଲୋକେ କୁଶଙ୍କ ସେଭଳି ମିଳାମିଶାକୁ ସମର୍ଥନ କରିଆସୁଥିଲେ ଏବଂ କ୍ଷୀରୋଦ୍ରଙ୍କ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଗତ ଦଶହରାରେ ବଳରାମଙ୍କ ସ୍ତ୍ରୀ ନିଜ ବାପଘରକୁ ଯାଇଥିଲେ । ସେଠାରେ ଶ୍ୱଶୁର କ୍ଷୀରୋଦ୍ରଙ୍କୁ ହତ୍ୟା କରିବା ପାଇଁ ମିଳିତ ଭାବେ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ପରିପ୍ରେକ୍ଷୀରେ ଗତ ୬ତାରିଖ ବିଳମ୍ବିତ ରାତ୍ରିରେ କୁଶ ତାଙ୍କ ଅନ୍ୟ ୩ଜଣ ସହଯୋଗୀଙ୍କ ସହିତ ୨ଟି ବାଇକ୍‌ରେ କ୍ଷୀରୋଦ୍ରଙ୍କ ଘରକୁ ଆସିଥିଲେ । ଯୋଜନା ମୁତାବକ ବଳରାମଙ୍କ ସ୍ତ୍ରୀ ଘର ବାଡ଼ି(ପରିବା କିଆରି) ପଟ କବାଟ ଖୋଲା ରଖିଥିଲେ। ଅଭିଯୁକ୍ତମାନେ ଘର ଭିତରକୁ ପଶି କ୍ଷୀରୋଦ୍ରଙ୍କୁ ମାରିବାକୁ ଉଦ୍ୟମ କରିଥିଲେ । ମାତ୍ର ସେତେବେଳେ କ୍ଷୀରୋଦ୍ରଙ୍କ ସ୍ତ୍ରୀ ଜୟଶ୍ରୀ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଏକ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ । କ୍ଷୀରୋଦ୍ରଙ୍କ ୨ପୁଅ ବଳରାମ, ଦେବାନନ୍ଦ ଉଠି ପଡ଼ି ସେଠାକୁ ଆସିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଏହାପରେ ପଡ଼ାବାସୀ ଆସିଯିବାରୁ ଅଭିଯୁକ୍ତମାନେ ରାସ୍ତା ଉପରେ ବାଇକ୍ ଛାଡ଼ି ସେଠାରୁ ଖସି ପଳାଇଥିଲେ । ପଡ଼ାବାସୀ ଗୁରୁତର ଆହତଙ୍କୁ ଉଦ୍ଧାର କରି ବିଜେପୁର ଡାକ୍ତରଖାନା ନେଇଥିଲେ । ମାତ୍ର ଡାକ୍ତରଖାନା ନେବା ବାଟରେ ଜୟଶ୍ରୀଙ୍କ ମୃତ୍ୟୁ ହୋଇଥିଲା ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ହକି ଓଡ଼ିଶାରେ ବିଶ୍ୱ




ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ' । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱାର୍କ ନୁହେଁ ସ୍ମାର୍ଟଓ୍ୱାର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:** ମନୋଜ ମହାନ୍ତି (ସମ୍ବଲପୁର-୭୦୦୮୫୦୬୮୧୦)
**ସମ୍ବଲପୁର/ବୌଦ୍ଧ/ଦେବଗଡ଼:** ଶ୍ରଦ୍ଧାଂଶୁ ମହାପାତ୍ର (୭୦୦୮୯୨୧୭୯୧), **ବରଗଡ଼/ବଲାଙ୍ଗୀର/ସୋନପୁର:** ନରୋତ୍ତମ ଜେନା (୯୩୪୮୨୦୯୫୩୪), **କଳାହାଣ୍ଡି/ନୂଆପଡ଼ା:** ଶୁଭ୍ରାନ୍ତ ସ୍ୱାଇଁ (୮୪୮୦୨୨୯୬୦୫), **ସୁନ୍ଦରଗଡ଼/ରାଉରକେଲା/ଝାରସୁଗୁଡ଼ା:** ଶ୍ରୀକାନ୍ତ ମହାନ୍ତି (୯୦୪୦୭୧୬୫୮୬)
ଦୂରଭାଷ: ୦୬୬୪-୨୫୮୦୧୦୧/୨୫୪୯୩୦୨







ସିକେ ନାଇଡୁ ଟ୍ରଫି

# ଓଡ଼ିଶାର ଦମ୍‌ଦାର ପ୍ରଦର୍ଶନ

**ସମ୍ବଲପୁର, ୮।୧୨ (ବ୍ୟୁରୋ)**

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଶନିବାର ଓଡ଼ିଶା ଓ ରେଲୱେ ମଧ୍ୟରେ ୨୩ ବର୍ଷରୁ କମ୍ କର୍ନେଲ ସି.କେ. ନାଇଡୁ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି । ପ୍ରଥମ ଦିନରେ ଉଭୟ ବୋଲିଂ ଓ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରି ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ରେଲୱେ ପ୍ରଥମେ ବ୍ୟାଟିଂ କରି ୩୭.୫ ଓଭରରେ ୧୧୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଓଡ଼ିଶା ପ୍ରଥମ ଦିନ ଖେଳ ଷ୍ଟମ୍ପ ଅପସରଣ ସୁଦ୍ଧା କୌଣସି ଉଇକେଟ ନ ହରାଇ ୪୯ ଓଭରରେ ୧୫୩ ରନ ସଂଗ୍ରହ କରିଛି । ଫଳରେ ଓଡ଼ିଶା ୪୦ରନ୍‌ର ଅଗ୍ରଣୀ ହାସଲ କରିଛି। ଓଡ଼ିଶାର ସନ୍ଦୀପ ପଟ୍ଟନାୟକ ୧୫୬ଟି ବଲ୍‌ର ସମ୍ମୁଖୀନ ହୋଇ ଅପରାଜିତ ୯୧ ରନ କରିଛନ୍ତି । ଏଥିରେ ସେ ୧୨ଟି ଚୌକା ଓ ୨ଟି ଦର୍ଶନୀୟ ଛକା ମାରିଛନ୍ତି । ସେହିପରି ଅନ୍ୟତମ ବ୍ୟାଟ୍ସମ୍ୟାନ ଅମ୍ରିତ ଖଟୁଆ ୧୪୧ ବଲର ସମ୍ମୁଖୀନ ହୋଇ ଅପରାଜିତ ୫୮ ରନ ସଂଗ୍ରହ କରିଛନ୍ତି। ଅମ୍ରିତ ମଧ୍ୟ ୮ଟି ଦର୍ଶନୀୟ ଚୌକା ମାରିଥିଲେ।

ପୂର୍ବରୁ ଟସ ଜିଣି ରେଲୱେ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । କିନ୍ତୁ ଓଡିଶା ବୋଲର୍ ଅୟସକାନ୍ତଙ୍କ ଘାତକ ବୋଲିଂର ସାମନା କରି ନ ପାରି ନିୟମିତ ବ୍ୟବଧାନରେ ରେଲୱେ ଉଇକେଟ ହରାଇଥିଲା। ଅୟସକାନ୍ତ ୧୪ ଓଭର ବୋଲିଂ କରି ୪୮ରନ ବିନିମୟରେ ୭ଟି ରେଲୱେର ୭ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ । ଫଳସ୍ୱରୂପ ରେଲୱେ ଦଳ ୩୭.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୩ ରନ ସଂଗ୍ରହ କରିଥିଲେ । ଦଳର କରନ୍ ଶର୍ମା ୪୩ ବଲରେ ୨୦, ସହିମ୍ ହାସନ୍ ୮୨ ବଲରେ ୩୦, ଦିନେଶ ମୌର ୨୮ ବଲରେ ୧୪ ରନ ସଂଗ୍ରହ କରିଥିଲେ । ସେହିପରି ଦୃଶନ୍ତ ସୋନି ୧୭ ବଲରେ ୧୬ ରନ କରି ଅପରାଜିତ ଥିଲେ । ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ । ଓଡିଶା ବୋଲର୍ ଆଶିଷ ରାଏ ଓ ସୌରଭ କାନୁଜିଆ ଗୋଟିଏ ଲେଖାଏଁ ଉଇକେଟ ନେବାରେ ସଫଳ ହୋଇଥିଲେ । ଅମ୍ପାୟାର ଶକ୍ତିପଦ ଭଟ୍ଟାଚାର୍ଯ୍ୟ ଓ ପି ଭାନୁପ୍ରକାଶ ମ୍ୟାଚ ପରିଚାଳନା କରିଥିଲେ । କର୍ନେଲ ଏସସି ଷଡଙ୍ଗୀ ମ୍ୟାଚ ରେଫରି ଥିଲେ । ଦିଲୀପ ସିଂ ଓ ପ୍ରଭାକର ରାଉତ ସ୍କୋରର ଏବଂ ସୂର୍ଯ୍ୟ ମିଶ୍ର ପର୍ଯ୍ୟବେକ୍ଷକ ଥିଲେ ।



ଶନିବାର ଭିଏସଏସ ଷ୍ଟାଡିୟମରେ ଓଡିଶା ଦଳର ବ୍ୟାଟିଂ ।

## ଅୟସକାନ୍ତଙ୍କୁ ୭ ଉଇକେଟ୍

### ଆଦ୍ରତା ଉଇକେଟ ନେବାରେ ସହାୟକ ହେଲା

ଶୀତୁଆ ସକାଳର ଆଦ୍ରତା ରେଲୱେ ଦଳର ଉଇକେଟ ନେବାରେ ସହାୟକ ହୋଇଥିଲା । ରେଲୱେ ଦଳର ସ୍କୋର ୧୭ରନ ଥିବାବେଳେ ରିଷଭ ମିଶ୍ର ଉଇକେଟ ହାସଲ କରିଥିଲି । ଏହାପରେ ମୋର ମନୋବଳ ବଢ଼ିଥିଲା । ପ୍ରକୃତ ପକ୍ଷେ ଭିଏସଏସ ଷ୍ଟାଡିୟମ ଆଉଟ୍ ଫିଲ୍ଡ ଦୃତ ଅଛି । ଉଇକେଟ ମଧ୍ୟ ବ୍ୟାଟ୍ସମ୍ୟାନ ମାନଙ୍କୁ ସୁହାଇଲା ଭଳି ହୋଇଛି । କିନ୍ତୁ ସେମାନେ ତାହାର ଫାଇଦା ଉଠାଇପାରି ନ ଥିଲେ । ୭ ଉଇକେଟ ନେବା ମୋର କ୍ୟାରିୟରର ସ୍ମରଣୀୟ ମୂହୁର୍ତ୍ତ। ଚଳିତ ବର୍ଷ ସିକେ ନାଇଡୁ ଟ୍ରଫିରେ ହରିୟାଣା ବିପକ୍ଷରେ ୮ଟି, କେରଳର ୪ଟି, ବିଦର୍ଭ ଓ ଗୋଆ ଦଳର ଗୋଟିଏ ଲେଖାଏଁ ଉଇକେଟ ନେଇପାରିଛି ବୋଲି କହନ୍ତି ଓଡିଶା ଦ୍ରୁତ ବୋଲର୍ ଅୟସକାନ୍ତ ସାହୁ ।

## ଗଛରେ ପିଟିହେଲା କାର୍, ୨ ମୃତ

**ସୋହେଲା, ୮।୧୨ (ଡି.ଏନ.ଏ.)**

ବରଗଡ ଜିଲା ସୋହେଲା ଥାନା ଅନ୍ତର୍ଗତ ମଧୁପୁର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଛତିଶଗଡ଼ ରାଜ୍ୟ ବିଳାସପୁର ସିଭିଲ ଲାଇନର ଜାଭେଦ ଅଖତର(୩୪) ଓ ଚନ୍ଦ୍ର ପ୍ରକାଶ ଓରଫ ଚଞ୍ଚଲ ଜାନଗେଡା(୩୪) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ରାୟପୁର ନେହେରୁ ନଗର ଷ୍ଟେଶନ ରୋଡ୍‌ର ରବୀନ୍ଦ୍ର ପ୍ରକାଶ ଜୈନ ଓରଫ ବୋଥ୍ରା(୨୭) ଆହତ ହୋଇଛନ୍ତି । ପୋଲିସ ସୂଚନା ଅନୁସାରେ, ଜାଭେଦ, ଚନ୍ଦ୍ର ପ୍ରକାଶ ଓ ରବୀନ୍ଦ୍ର ଗୋଟିଏ କାର୍ (ନଂ.ସିଜି୦୪କେଜେଡ୍/୪୮୪୩)ରେ ରାୟପୁରରୁ ସୁନ୍ଦରଗଡ଼ ଯାଉଥିଲେ। ରାତି ପ୍ରାୟ ୧ଟା ସମୟରେ ଏଠାରୁ ୫ କିଲୋମିଟର ଦୂର ମଧୁପୁର ଛକ ନିକଟରେ ଜାତୀୟ ରାଜପଥର ବାମ ପାର୍ଶ୍ୱରେ ଥିବା ଏକ ନିମ୍ବ ଗଛରେ କାରଟି ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା । ଖବର ପାଇ ପାଟ୍ରୋଲିଂ କରୁଥିବା ପୋଲିସ ସେଠାରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋହେଲା ଡାକ୍ତରଖାନା ପଠାଇଥିଲା । ହେଲେ ଡାକ୍ତର ଚନ୍ଦ୍ରପ୍ରକାଶ ଏବଂ ଜାଭେଦଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆହତ ରବୀନ୍ଦ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ଏ ନେଇ ସୋହେଲା ଥାନା ପୋଲିସ ଏକ ମାମଲା (ନଂ.୨୧୦/୧୮) ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ତଦନ୍ତ ଚଳାଇଛି ।

## ତେଲନଦୀରୁ ବାଲି ଚୋରା ଚାଲାଣ, ୫ ଟ୍ରାକ୍ଟର ଜବତ

**ସୋନପୁର,୮।୧୨(ନି.ପ୍ର.)**

ତେଲନଦୀ ଗର୍ଭରୁ ବାଲି ଚୋରା ଚାଲାଣ କରିବା ଅଭିଯୋଗରେ ରାଜସ୍ୱ ବିଭାଗ ଶନିବାର ୫ଟି ଟ୍ରାକ୍ଟର ଜବତ କରିଛି। ଜବତ ଟ୍ରାକ୍ଟରଗୁଡ଼ିକୁ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ସୋନପୁର ତହସିଲଦାର ଅରବିନ୍ଦ ବେହେରାଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ତ୍ରିପୁରା ମହାନନ୍ଦ ଓ ସଦର ରାଜସ୍ୱ ନିରୀକ୍ଷକ ସୁଧୀର ରଞ୍ଜନ ପାଣ୍ଡିଆ ଚଢାଉ କରି ଟ୍ରାକ୍ଟରଗୁଡ଼ିକୁ ଜବତ କରିଥିଲେ। ଗୋଟିଏ ନମ୍ବର ବିହୀନ ଥିବା ବେଳେ ଅନ୍ୟ ଟ୍ରାକ୍ଟରଗୁଡ଼ିକର ନମ୍ବର ହେଲା ଓଡି୧୭କେ-୫୯୨୮, ଓଡି୩୧ଇ-୨୬୯୨, ଓଡି୩୧ଇ-୭୮୨୦ ଓ ଓଡି୩୧ସି-୫୨୫୦। ସନ୍ଧ୍ୟାରେ ୨ ଟ୍ରାକ୍ଟରକୁ ମାଲିକ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଦେଇ ନେଇଛନ୍ତି। ଅନ୍ୟପକ୍ଷେ ସୋନପୁର ତହସିଲଦାର ଟ୍ରାକ୍ଟର ମାଲିକଙ୍କ ସମ୍ପର୍କରେ ଜାଣିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି।

## ୧୧ରେ ଭିସୁଟ୍ ସମାବର୍ତ୍ତନ ଉତ୍ସବ

**ସମ୍ବଲପୁର, ୮।୧୨ (ବ୍ୟୁରୋ)**

୧୧ ତାରିଖ ମଙ୍ଗଳବାର ଭିସୁଟର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଛାତ୍ରୀଛାତ୍ରଙ୍କୁ ପଦକ ଓ ପ୍ରମାଣପତ୍ର ଦିଆଯିବ। ଭିସୁଟ ପରିସରରେ ଏକ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ଅଟଳ ଚୌଧୁରୀ ଏହି ସୂଚନା ଦେବା ସହ ଭିସୁଟ ଛାତ୍ରୀଛାତ୍ରଙ୍କ ସଫଳତା ମଧ୍ୟ ବଖାଣିଛନ୍ତି। ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଡିନ୍ ଶରତ ଚନ୍ଦ୍ର ସ୍ୱାଇଁ, ଡିନ୍ ପ୍ରମୋଦ କୁମାର ମୋଦି, ସମାବର୍ତ୍ତନ ଉତ୍ସବର ପ୍ରଭାରୀ ଦେବଦତ୍ତ ମିଶ୍ର, ଡିନ୍ ଅମୀୟ କୁମାର ରଥ, ଡିନ୍ ପୀୟୂଷ ରଞ୍ଜନ ଦାଶ, ଡିନ୍ ସୁଧାଂଶୁ ଶେଖର ଦାଶ, ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସ୍କୁଲରେ ଲାଗିଲା ସିସି କ୍ୟାମେରା

**ଘଣ୍ଟାପଡା, ୮।୧୨ (ଡି.ଏନ.ଏ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଆଦେଶ ଅନୁସାରେ କନ୍ଧମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଜୁନିୟର କଲେଜ)ର ସମସ୍ତ ଶ୍ରେଣୀ ଗୃହରେ ସିସି କ୍ୟାମେରା ଲାଗିଛି । ଯୁକ୍ତ ୨ କଲେଜର ସମସ୍ତ ପରୀକ୍ଷାକେନ୍ଦ୍ରରେ କପିକୁ ରୋକିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି । ଏଣୁ ଏଣିକି କପି ପରୀକ୍ଷାରେ ହୋଇପାରିବ ନାହିଁ ଏବଂ ଅଧ୍ୟାପିକା ଅଧ୍ୟାପକମାନେ ଆଉ ଶିକ୍ଷାଦାନରେ ଠକି ପାରିବେ ନାହିଁ ବୋଲି କୁହାଯାଉଛି ।

### ପବ୍ଲିକ ସ୍କୁଲ କ୍ରୀଡା ଉଦ୍‌ଯାପିତ

**ବୌଦ୍ଧ,୮।୧୨.(ସ୍ୱ.ପ୍ର);** ବୌଦ୍ଧ ସହର ନିକଟସ୍ଥ ତେତେଲେଙ୍ଗାଠାରେ ଥିବା ଗୌରୀଶଙ୍କର ପବ୍ଲିକ ସ୍କୁଲର ୨୧ ତମ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଦିବସରେ ଜିଲା ଓକିଲ ସଂଘ ସଭାପତି ନବ କୁମାର ମିଶ୍ର ମୁଖ୍ୟଅତିଥି, କ୍ରୀଡାବିତ୍ ଶିବନାରାୟଣ ଦାସ, ବିଦ୍ୟାଳୟ ସଭାପତି ତାରେଣୀ କୁମାର ମହାପାତ୍ର ଓ ଅଧକ୍ଷ୍ୟ ମାନମୟୀ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପାଠପଢା ସହିତ ଖେଳ ଦ୍ୱାରା ପିଲାମାନଙ୍କ ଶାରୀରିକ ବିକାଶ ବୃଦ୍ଧି ହୋଇଥାଏ ବୋଲି ମୁଖ୍ୟଅତିଥି କହିଥିଲେ। ଖେଳ ଶିକ୍ଷକ ରଞ୍ଜିତ କୁମାର ରାଉତ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ ।



### ଜେଜେ ମା, ଜେଜେ ବାପା ସମ୍ମିଳନୀ

**ଘଣ୍ଟାପଡା, ୮।୧୨ (ଡି.ଏନ.ଏ):** କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ସରସ୍ୱତୀ ଶିଶୁମନ୍ଦିରରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଧର୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଜେଜେମା, ଜେଜେବାପା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତଚରଣ କ୍ଷେତି ମୁଖ୍ୟଅତିଥି, ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ସାହୁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ବାମନ ସାହୁ, ମନ୍ଦରଧର ବେହେରା, ଶିକ୍ଷାବିତ୍ ଗୋବିନ୍ଦ ସାହୁ, ଦେବାଧି ମଲିକ, ରତିକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଗୁରୁଜୀ ଅତିଥି ପରିଚୟ ପ୍ରଦାନ ଓ ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣୀ ମନହିରା ମଞ୍ଚ ପରିଚାଳନା କରିଥିଲେ । ଶେଷରେ କମିଟି ଉପଦେଷ୍ଟା କାର୍ତ୍ତିକେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଜେଜେବାପା, ଜେଜେମାଆଙ୍କ ମଧ୍ୟରେ ଗପ କାହାଣୀ ଉପରେ ପ୍ରତିଯୋଗିତା ହୋଇଥିଲା । ସଂଯୁକ୍ତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପିଡିଏସ୍ ଦୁର୍ନୀତିର ଫିଟୁଛେ ଗୁମର

**ବିଜେପୁର, ୮।୧୨ (ଡି.ଏନ.ଏ)**

**ବିଜେପୁର ବ୍ଲକ**
- ଷ୍ଟକ୍ ଆଉ ସେଲ୍ ରେଜିଷ୍ଟର ଭିତରେ ଫରକ୍
- ୫୭.୬୭ କୁଇଣ୍ଟାଲ ଚାଉଳ, ଗହମ ହେରଫେର

ବରଗଡ ଜିଲା ବିଜେପୁର ବ୍ଲକ୍ ବୁଡାପାଲି ପଁଚେତ୍‌ରେ ପିଡିଏସ ବଁଟାରେ ହେଇଥିବାର ଗଫଲତିର ଗୁମର ଫିଟବାରେ ଲାଗିଛେ। ପଁଚେତ୍ ତରଫୁ ଦାଖଲ କରାଯାଇଥିବାର ଷ୍ଟକ୍ ଆଉ ସେଲ୍ ରେଜିଷ୍ଟରରୁ ଇଟା ଫଟିକ୍ ଜନପେଡୁଛେ। ଷ୍ଟକ୍ ଆଉ ସେଲ୍ ରେଜିଷ୍ଟରରେ ମୋଟ ୫୭.୯୭ କୁଇଣ୍ଟାଲ ଚାଉଳ, ଗହମର ଫରକ୍ ରହିଛେ। ପିଏଚ୍‌ଏସ୍ ଯୋଜ୍‌ନାରେ ୪୬.୯୭ କୁଇଣ୍ଟାଲ ଆଉ ଅନ୍ତ୍ୟୋଦୟ ଯୋଜନାରେ ୮.୦୫ କୁଇଣ୍ଟାଲ ଚାଉଲ ନାଇଁ ବଁଟା ହେଇ। ସେନ୍‌ତା ପିଏଚ୍‌ଏସ୍ ଯୋଜ୍‌ନାରେ ୨.୬୫ କୁଇଣ୍ଟାଲ ଗହମ ନାଇଁ ବଁଟା ଯାଇଥିବାର ବିଭାଗୀୟ ତଦଁତରୁ ଜନାପଡ଼ିଛେ। ଇ ପିଡିଏସ୍ ବଁଟାରେ ବିଭାଗୀୟ କରମଚାରୀମାନକର ହାତ ସଫେଇ ଖୋଲତାଡରୁ ଧରାପଡ଼ିଛେ। ଇ ଦିଗେ କାର୍ଯ୍ୟାନୁଷ୍ଠାନ ଲାଗି ପର୍‌ଶାସନିକ ସ୍ତରରେ ସଜବାଜ ଚାଲିଥିବାର ସୂଚନା ମିଳିଛେ।

ସେନ୍‌ତା ବହୁତ ଦିନ ଧରି ରାଶନ କାର୍ଡ ପାଏବାରୁ ବଁଚିତ ହେଇ ହକ୍‌ଦାର ହିତାଧିକାରୀ ପିଡିଏସ କିରୋସିନ ପାଏବାରୁ ବାଦ୍ ପଡ଼ିଥିବାର ଅଭିଯୋଗ ହେଇଛେ। ଇ ଘଟନାର ବି ତଦଁତ କରବାକେ ଅଂଚଲବାସୀ ଦାବି କରିଛନ୍। ବନେମାସଦୁ ଧରି ପିଡିଏସ ସାମାନ ପାଏବାରୁ ବଁଚିତ ଥିବାର ହିତାଧିକାରୀ ଗଲା ମାସ ୨୯ ତାରିଖରେ ବୁଡାପାଲି ପଁଚେତ୍ ଅଫିସ ଘେରାଉ କରି ବିକ୍ଷୋଭ ପଦରଶନ କରିଥିଲେ। ଉପଜିଲାପାଲକଁର ନିରଦେଶରେ ଏସସିଏସଓ ଆଉ ବିଜେପୁର ଯୋଗାଣ ନିରୀକ୍ଷକ ବଁଚିତ ହିତାଧିକାରୀକଁର ବୟାନ ରେକର୍ଡ କରି ଫିରିଥିଲେ। ହେଲେ ଇ ଘଟନାକେ ୭ ଦିନ୍ ବିତଲା ଉତାରୁ ବି ତଦଁତ ନାଇଁ ଆଗାଲା। ଯେନ୍‌ଥିରଲାଗି ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ବୁଧବାର 'ପିଡିଏସ ବଁଟାରେ ଗଫଲତି ଘଟନା: ଧିରେସୁସତେ ଚାଲିଛେ ତଦଁତ' ଶୀରଷକ୍‌ରେ ଖବର ବାହାରିଥିଲା। ସେଥିରଲାଗି ଦୁଇ ତିନ୍‌ଦିନ ଭିତରେ ଇ ଗଫଲତିରେ ସାମିଲ ଥିବାର କରମଚାରୀକୁ କାରନ ଦର୍ଶାଅ ନୋଟିସ ଜାରି କରାଯିବା। ହେଲେ ପିଡିଏସ୍ କିରୋସିନ ବଁଟା ଉପ୍‌ରେ ଅଭିଯୋଗ ନାଇଁହେଇ, ସେଥିରଲାଗି ସେ ଦିଗେ ତଦଁତ ନାଇଁକରାଯିବାର ବଲି ଏସ୍‌ସିଏସ୍‌ଓ ଶମ୍ଭୁ ପ୍ରସାଦ ହରିପାଲ କହିଛନ୍।

# ଇଲେକ୍ଟ୍ରା-୨୦୧୮ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୮।୧୨**



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ବାର୍ଷିକୋତ୍ସବ ଇଲେକ୍ଟ୍ରା-୨୦୧୮ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବରଗଡ଼ ଏସପି ମୁକେଶ କୁମାର ଭାମୁ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଦେବଦତ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରକାଶିତ ପ୍ରାଚୀର ପତ୍ରିକା ଉନ୍ମୋଚନ କରିବା ସହିତ ଫୁଡ୍ ଷ୍ଟଲକୁ ପରିଦର୍ଶନ କରିଥିଲେ । ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ବିକାଶ ଅନୁଷ୍ଠାନ ଶିକ୍ଷା, ଖେଳ ତଥା ସ୍ୱାସ୍ଥ୍ୟ କ୍ଷେତ୍ରରେ ସାମାଜିକ ଆବଶ୍ୟକତା ଦୃଷ୍ଟିରୁ ଅଞ୍ଚଳବାସୀଙ୍କ ପାଇଁ ଏକ ଅଗ୍ରଣୀ ଅନୁଷ୍ଠାନଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ । ଡାଇରେକ୍ଟର (ଆଡମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ବିଭିନ୍ନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅଭନନ୍ଦନ ଜଣାଇଥିଲେ । ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ବିବରଣୀ ପାଠ କରିଥିଲେ । ଏକାଡେମିକ ଡାଇରେକ୍ଟର ଭି. ଶ୍ରୀନିବାସ ଛାତ୍ରୀଛାତ୍ରଙ୍କୁ ସବୁକ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଫାଷ୍ଟ ଷ୍ଟେପ୍‌ର ଅଧ୍ୟକ୍ଷା ପି. ହେମାବତୀ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ ମନୋରଞ୍ଜନ ପତି (ସେକେଣ୍ଡାରୀ), ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି (ସିନିୟର ସେକେଣ୍ଡାରୀ), ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡା, ଶିବାନନ୍ଦ ମହାନନ୍ଦ, ସୁଶୀଳ ପ୍ରଧାନ, ଅମୂଲ୍ୟ ସିକନ୍ଦର, ସୁବାଷ ଶାସ୍ତ୍ରୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ସମାରୋହରେ ଆଇଆଇଟି, ମାଡ୍ରାସର ଡିନ୍ ରିସର୍ଚ୍ଚ (ରସାୟନ ବିଜ୍ଞାନ) ପ୍ରଫେସର ଅଶୋକ କୁମାର ମିଶ୍ର ମୁଖ୍ୟଅତିଥି, ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟକ୍ଷା ଡା. କମଳପ୍ରଭା କପାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୁନିୟର କଲେଜରେ ଚକ୍ଷୁ ପରୀକ୍ଷା ଶିବିର

**ବାଉଁଶୁଣୀ,୮।୧୨(ଡି.ଏନ୍.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀର ମାଁ ମାହେଶ୍ୱରୀ କନିଷ୍ଠ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ଏବଂ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ମାନଭଜ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନାରାୟଣ ସାନ୍ତୁକା, ମହାନଦୀ ନେତ୍ର ଚିକିତ୍ସାଳୟର ଅପ୍‌ଥାଲମିକ ବିଶେଷଜ୍ଞ ତଥା ଟେକ୍ନିସିଆନ ମାନେ ଯୋଗ ଦେଇଥିଲେ । ଯୁଥ୍ ରେଡକ୍ରସ୍‌ର କାଉନସେଲର ଦେବାର୍ଚ୍ଚନ ବେହେରା ଅତିଥି ପରିଚୟ ପ୍ରଦାନ ଓ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଉମାକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜର ଛାତ୍ରୀଛାତ୍ରୀ ଓ କର୍ମଚାରୀମାନଙ୍କ ଚକ୍ଷୁ ଚିକିତ୍ସା କରାଯାଇଥିଲା । ଚକ୍ଷୁ ପରୀକ୍ଷକ ସୁଜିତ କୁମାର ଥପା, ପ୍ରଶାନ୍ତ କୁମାର ଦାସ୍, ସତ୍ୟ ନାଏକ, ନିମେଇଁ ଚରଣ ବେହେରା, ଜୟନ୍ତ କାଣ୍ଡ ଶିବିର ପରିଚାଳନା କରିଥିଲେ ।

### ଗର୍ଭବତୀ, ଶିଶୁଙ୍କ ପାଇଁ ଷ୍ଟ୍ରେଚର ପ୍ରଦାନ

**ପାଇକମାଳ, ୮।୧୨ (ଡି.ଏନ.ଏ)**

ପାଇକମାଳ ବ୍ଲକ ବୁକୁରାମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗର୍ଭବତୀ ମାଆ ଓ ଶିଶୁମାନଙ୍କୁ ଦୁର୍ଗମ ଅଞ୍ଚଳରୁ ନେବା ଆଣିବା ପାଇଁ ଷ୍ଟ୍ରେଚର୍ ପ୍ରଦାନ କରାଯାଇଛି। ଶନିବାର ଚର୍ଦ୍ଧାପାଲି ଓ ଲହଣ୍ଡିପୁର ଗାଁ କଲ୍ୟାଣ ସମିତିକୁ ୨ଟି ଷ୍ଟ୍ରେଚର ଡା. ସୁଦୀପ୍ତ ସାହୁ, ଭରତ ଭୂଷଣ ପାତ୍ର, ବିପିଏମଓ ସାନୁଜ କୁମାର ଦାସଙ୍କ ଉପସ୍ଥିତିରେ ଏହା ପ୍ରଦାନ କରାଯାଇଛି । ଯେଉଁ ଗାଁଗୁଡିକୁ ଗାଡି ଯିବା ଆସିବା ପାଇଁ ରାସ୍ତା ନାହିଁ ଅର୍ଥାତ ଯେଉଁ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯାଇଛି, ବାକି ରାସ୍ତା ଷ୍ଟ୍ରେଚରରେ ରୋଗୀ ତଥା ଗର୍ଭବତୀମାନଙ୍କୁ ବୋହି ଆଣିବା ପାଇଁ ସୁବିଧା ହେବ ବୋଲି ଡା. ସାହୁ ଜଣାଇଛନ୍ତି। ଏଥିରେ ୱାର୍ଡ ମେମ୍ବର, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ ।

### ମାତାପିତାଙ୍କୁ ସମ୍ମାନ ଦେବାକୁ ଉପଦେଶ

**ଗାଇସିଲେଟ,୮।୧୨(ଡି.ଏନ.ଏ)**

ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେ ମା ଓ ଜେଜେ ବାପା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରଗଡ ନିକଟସ୍ଥ ଧଉରାମୁଣ୍ଡାର ସ୍ନେହଲତା ସାହୁ ରାମାୟଣ ତଥା ଭାଗବତ ଗୀତା ବୁଝାଇବା ସହ ମାତାପିତାଙ୍କୁ ସମ୍ମାନ ଦେବାକୁ ଉପଦେଶ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ନରସିଂହ ସାହୁ ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ ଗୁରୁଜୀ ବ୍ୟାସଦେବ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

**ପାଇକମାଳ, ୮।୧୨ (ଡି.ଏନ.ଏ)**

ପାଇକମାଳ ବ୍ଲକ ଆଦର୍ଶ ବିଦ୍ୟାଳୟରେ ଶନିବାର ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏଥିରେ ବିଜ୍ଞାନ ଶିକ୍ଷକ କୈଳାଶ ଚନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରଥମେ ବିଦ୍ୟାଳୟର ଅଧକ୍ଷ କ୍ଷିତିଶ ଚନ୍ଦ୍ର ବିଶ୍ୱାଳ ଓ ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ଜଳନ କରିଥିଲେ । ଏହାପରେ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ସତ୍ୟଜିତ ଟିପିରିଆ ଓ ବିଦ୍ୟାଳୟ ଛାତ୍ରୀମାନଙ୍କର ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଏହାପରେ ବିଜ୍ଞାନ ପ୍ରଦର୍ଶନୀ ଓ ନୂତନ ଲେବକୁ ଉଦ୍‌ଘାଟନ କରାଯାଇଥିଲା। ସ୍କୁଲର ବିଜ୍ଞାନ ଶିକ୍ଷକ କଣ୍ଠେଶ୍ୱର ପ୍ରଧାନଙ୍କ ପ୍ରେରଣାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ । ଶେଷରେ ଶିକ୍ଷକ ତରୁଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଦ୍ମଶ୍ରୀ ହଳଧର ନାଗ ସମ୍ବର୍ଦ୍ଧିତ



ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ସୋହେଲା,୮।୧୨(ଡି.ଏନ.ଏ)**

ସୋହେଲା ବ୍ଲକ କନଗାଁ ପଞ୍ଚାୟତର ବେହେରାପାଲିଠାରେ ଗୁରୁବାର ମାଁ ମାଉଲି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଗୌନ୍ତିଆ ଠାକୁର ସାହୁ ଓ ତାଙ୍କ ସ୍ତ୍ରୀ ହୀରାଧର ମେହେର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଲୋକଙ୍କ ମନୋରଞ୍ଜନ ସକାଶେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ନାଗଙ୍କୁ ଭାଷା ସମ୍ମାନରେ ସମ୍ମାନୀତ ହେବା ପାଇଁ ମନୋନୀତ ହୋଇଥିବାରୁ ତାଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମର ଦଇନି ମଣ୍ଡପରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ବାରିକ ସଭାପତିତ୍ୱ କରିଥିଲେ। ପଦ୍ମଶ୍ରୀ ନାଗଙ୍କୁ ଗ୍ରାମବାସୀ ଓ କବି କୁମ୍ଭ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କବି ହଳଧର ନାଗ ନିଜ ବକ୍ତବ୍ୟରେ ସମ୍ବଲପୁରୀ-କୋଶଲି ଭାଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସ୍ୱରଚିତ 'ଉର୍ମିଳା' କବିତା ପାଠ କରିଥିଲେ । ପରେ କବି ଦେବେନ୍ଦ୍ର ସାହୁଙ୍କ ସଂଯୋଜନାରେ ହାସ୍ୟକବି ସମ୍ମିଳନୀ ହୋଇଥିଲା। କବି ମୁନୀରାମ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ । ହୀରାଧର ମେହେର, ପ୍ରେମରାଜ ସାହୁଙ୍କୁ ସମ୍ମାନୀତ କରାଯାଇଥିଲା ।

# ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ମହିଳା, ଶିଶୁ କଲ୍ୟାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି ।

**ବୌଦ୍ଧ,୮।୧୨.(ସ୍ୱ.ପ୍ର)**

ଢେଙ୍କାନାଳ ଜିଲା ବେଲଟିକିରି ସେଲଟର ହୋମ୍ ଘଟଣାରେ ବୌଦ୍ଧ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ପ୍ରଫୁଲ ସାମଲଙ୍କ ଇସ୍ତଫା ଦାବି କରାଯାଇଛି । ଏହି ଘଟଣାରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଜଡିତ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଶନିବାର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତାରାଣୀ ଦାସଙ୍କ ନେତୃତ୍ୱରେ ମୋର୍ଚ୍ଚାର କର୍ମୀମାନେ ଏକ ବିରାଟ ରାଲିରେ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରୁ ବାହାରି ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ବିକ୍ଷୋଭ ସହ ମନ୍ତ୍ରୀ ସାମଲଙ୍କ ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରିଥିଲେ। ବିକ୍ଷୋଭ ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିବେଦିତା ମହାକୁଡ, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବାଘ, ଉପସଭାନେତ୍ରୀ ଶୈଳେନ୍ଦ୍ରୀ ସାହୁ, ଜିଲା ସଭାପତି ସୌମିତ୍ରୀ ନାଏକ, ବରିଷ୍ଠ ନେତା ମନୋରଞ୍ଜନ ଦାସ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତିଙ୍କ ସମେତ ବହୁ ମହିଳା ସାମିଲ ହୋଇଥିଲେ ।

# କ୍ରିକେଟ: କମଗାଁ ଏକାଦଶ ଚାମ୍ପିୟନ

**ଭଟଲି,୮।୧୨(ଡି.ଏନ୍.ଏ.)**

ଭଟଲି ବ୍ଲକ ଚଢ଼େଇଗାଁ ପଞ୍ଚାୟତ ଟୁକୁର୍ଲା ଖେଳ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ବିଜୁ ଯୁବ ବାହିନୀ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଫାଇନାଲ ଖେଳରେ କେଲେଣ୍ଡାପାଲି ପଞ୍ଚାୟତ ଏକାଦଶ ଏବଂ କମଗାଁ ପଞ୍ଚାୟତ ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ କମଗାଁ ଏକାଦଶ ଚାମ୍ପିୟନ ହୋଇଥିଲା । କମଗାଁ ଏକାଦଶ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେବା ସହିତ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୯୦ ରନ୍ ସଂଗ୍ରହ କରିଥିଲା । ଜବାବରେ କେଲେଣ୍ଡାପାଲି ଏକାଦଶ ନିର୍ଦ୍ଧାରିତ ଓଭରରେ ୬ଟି ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ସୁଦିନ୍ତ ସାହୁ ଏବଂ ରିଙ୍କୁ ପଟେଲ ଖେଳ ପରିଚାଳନା କରିଥିଲେ । ବନମାଳି ସେଠ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବିଡିଓ ଧିରେନ୍ଦ୍ର କୁମାର ସେଠୀ, ବ୍ଲକ ଉପାଧକ୍ଷ ମଦନ ସାହୁ, ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ହୃଦାନନ୍ଦ ଖମାରୀ, ଅନୁପମା ଭୁଏ, ସମିତିସଭ୍ୟା କମଳିନୀ ସେଠ୍ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କ ସମେତ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଭଟଲି ବ୍ଲକ୍‌ର ୧୬ଟି ପଞ୍ଚାୟତ କରିଥିଲେ ।

| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୯୩ | ବିଜୟ କୁମାର ବେହେରା, ପିତା : ସଂସାର ବେହେରା, ବାସ : ନିଜଗାଁ, ଜାତି : ଶବର | ୧୧୦/୯୪ | ୩୬୧/ ୨୧୭୧ | ଶାରଦ/୩ | ୦.୨୬ | ୦.୨୬ | |
| ୯୪ | ବିନୋଦ ଚନ୍ଦ୍ର ସାହୁ, ପିତା : ପଙ୍କଜ ଲୋଚନ ସାହୁ, ବାସ : ଭୂଇଁପୁର, ଜାତି : ଚଷା | ୧୧୦/୯୮ | ୧୩୧ | ଶାରଦ/୩ | ୦.୧୪ | ୦.୧୪ | |
| ୯୫ | କ୍ଷେତ୍ରବାସୀ ସାହୁ, ପିତା ଫକିର ଚନ୍ଦ୍ର ସାହୁ, ବାସ: ନିଜଗାଁ, ଜାତି : ଚଷା | ୧୧୦/୧୦୬ | ୨୬୩/ ୨୦୫୯ | ଶାରଦ/୩ | ୦.୦୬ | ୦.୦୬ | |
| ୯୬ | ବିଶ୍ୱନାଥ ସାହୁ, ପିତା କମାର ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୦୭ | ୨୬୩/ ୨୦୬୦ | ଶାରଦ/୩ | ୦.୧୦ | ୦.୧୦ | |
| ୯୭ | ମାନଭଞ୍ଜନ ସାହୁ, ପିତା : କପିଳ ସାହୁ, ବାସ : ନିଜଗାଁ, ଜାତି : ଚଷା | ୧୧୦/୧୦୮ | ୨୬୩/ ୨୦୬୧ | ଶାରଦ/୩ | ୦.୦୬ | ୦.୦୬ | |
| ୯୮ | ନୃସିଂହ ପ୍ରଧାନ, ପିତା : ଧୋବା ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୦ | ୪୯ | ଶାରଦ/୩ | ୦.୦୬ | ୦.୦୬ | |
| | | | ୧୩୫ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୪୧ | ଶାରଦ/୩ | ୦.୦୮ | ୦.୦୮ | |
| | | | ୧୪୭ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୬୭ | ଶାରଦ/୩ | ୦.୩୪ | ୦.୩୪ | |
| | | | ୨୨୦ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୨୩ | ଶାରଦ/୩ | ୦.୨୭ | ୦.୨୭ | |
| | | | ୭୧୯ | ଶାରଦ/୨ | ୦.୫୭ | ୦.୫୭ | |
| | | | ୭୨୨ | ଶାରଦ/୧ | ୦.୫୩ | ୦.୫୩ | |
| | | | ୩୭୦/ ୧୪୭୩ | ଶାରଦ/୩ | ୦.୧୩ | ୦.୧୩ | |
| ୯୯ | ପତି ପ୍ରଧାନ, ସ୍ୱାମୀ : କଚ୍ଛପ ପ୍ରଧାନ, କ୍ରିଷ୍ଣଚନ୍ଦ୍ର ପ୍ରଧାନ, ରଶ୍ମିତା ଦେହୁରୀ, ମମତା ପ୍ରଧାନ, ମାନସୀ କଣ୍ଡାଳ, ପିତା : କଚ୍ଛପ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୧ | ୧୯୦ | ଶାରଦ/୩ | ୦.୧୪ | ୦.୧୪ | |
| | | | ୧୯୮ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୦୪ | ଶାରଦ/୩ | ୦.୧୩ | ୦.୧୩ | |
| | | | ୩୬୩ | ଶାରଦ/୩ | ୦.୪୧ | ୦.୪୧ | |
| | | | ୭୨୦ | ଶାରଦ/୨ | ୦.୫୪ | ୦.୫୪ | |
| | | | ୭୨୨/ ୨୦୬୭ | ଶାରଦ/୧ | ୦.୪୦ | ୦.୪୦ | |
| | | | ୭୨୬/ ୨୦୬୮ | ଶାରଦ/୧ | ୦.୦୨ | ୦.୦୨ | |
| | | | ୮୫୫/ ୨୦୬୯ | ଶାରଦ/୨ | ୦.୧୧ | ୦.୧୧ | |
| ୧୦୦ | ଧୋବେଇ ପ୍ରଧାନ, ସ୍ୱାମୀ : ପର୍ଶୁରାମ ପ୍ରଧାନ, ଗୋଲେଖି ପ୍ରଧାନ, ଅଲେଖ ପ୍ରଧାନ, ପିତା : ପର୍ଶୁରାମ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୨ | ୪୫ | ଶାରଦ/୩ | ୦.୧୦ | ୦.୧୦ | |
| | | | ୧୬୯ | ଶାରଦ/୨ | ୦.୦୪ | ୦.୦୪ | |
| | | | ୨୩୫ | ଶାରଦ/୩ | ୦.୯୫ | ୦.୯୫ | |
| | | | ୭୨୬ | ଶାରଦ/୧ | ୦.୪୬ | ୦.୪୬ | |
| | | | ୮୨୫ | ଶାରଦ/୧ | ୦.୦୮ | ୦.୦୮ | |
| | | | ୮୫୫ | ଶାରଦ/୨ | ୦.୧୦ | ୦.୧୦ | |
| ୧୦୧ | ଖେରେଡ଼ି ପ୍ରଧାନ, ସ୍ୱାମୀ : ଜନକ ବେହେରା, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୩ | ୭୩୮ | ଶାରଦ/୨ | ୦.୪୬ | ୦.୪୬ | |
| ୧୦୨ | ସୁବ୍ରତ କୁମାର ସାହୁ, ପିତା : ସତ୍ୟବାଦୀ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୧୮ | ୩୯/ ୨୧୭୯ | ଶାରଦ/୩ | ୦.୦୮ | ୦.୦୮ | |
| ୧୦୩ | କିମିକ୍ରିଷ୍ଣା ନାଏକ, ପିତା : କରଣ ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୧୯ | ୮୫୮/ ୨୧୮୦ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୪ | ନିତ୍ୟାନନ୍ଦ ନାଏକ, ପିତା : ଧନେଶ୍ୱର ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୦ | ୮୫୮/ ୨୧୮୧ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୫ | ଦମୟନ୍ତୀ ପାତ୍ର, ପିତା : ନିରଞ୍ଜନ ପାତ୍ର, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୧ | ୮୫୮/ ୨୧୮୨ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୬ | ସରୋଜିନୀ ସାହୁ, ସ୍ୱାମୀ : ଶ୍ରୀଧର ସାହୁ, ବାସ: ନିଜଗାଁ, ଜାତି : ତେଲି | ୧୧୦/୧୨୨ | ୩୪/ ୨୧୮୩ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୭ | ସ୍ୱର୍ଣ୍ଣପ୍ରଭା ସାହୁ, ସ୍ୱାମୀ : ତାପସ ସାହୁ, ବାସ : ନିଜଗାଁ, ଜାତି : ତେଲି | ୧୧୦/୧୨୩ | ୩୪/ ୨୧୮୪ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୮ | ଖଗେଶ୍ୱର ସାହୁ, ପିତା : ଅର୍ଜୁନ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୨୪ | ୮୪୭/ ୧୫୬୯ | ଶାରଦ/୨ | ୦.୧୧୦ | ୦.୧୧୦ | |
| | ମୋଟ ସମୁଦାୟ | | | | ୧୧୪.୩୬୦ | ୧୦୯.୧୧୦ | |

Sd./- Spl. Land Acquisition Officer, NTPC, Angul



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଛାତ୍ର ଗୁରୁତର

**ଲାଠୋର,୮।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ମାଲପଡା ନିକଟରେ ଏକ ବାଇକ୍ ଚାରି ଜଣ ଛାତ୍ରଙ୍କୁ ଧକ୍କା ଦେବାରୁ ଜଣେ ଛାତ୍ର ଗୁରୁତର ହୋଇଥିବା ଜଣାପଡିଛି। ଶନିବାର ସନ୍ଧ୍ୟାରେ ତୁରେକେଲା ଥାନା ବରିଆଲି ଗ୍ରାମର ଚଏତୁ ମାଝୀ ଏବଂ ସାଧୁ ଧରୁଆ ଏକ ବାଇକ ନଂ ଓଡି ୦୩ ଏମ ୧୦୪୯ ଯୋଗେ ଖପ୍ରାଖୋଲ ପଟୁ ଲାଠୋର ଆଡକୁ ଆସୁଥିଲେ। ଏହି ସମୟରେ ମାଲପଡା ନିକଟ ଏକ ପୋଲ ଉପରେ ମାଲପଡା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ଚାରି ଜଣ ଛାତ୍ର ବସି କଥା ହେଉଥିଲେ। ଠିକ୍ ଏହି ସମୟରେ ଉକ୍ତ ବାଇକ୍ ଚାଳକ ନିଜର ଭାରସାମ୍ୟ ହରାଇ ସମ୍ପୃକ୍ତ ଚାରି ଜଣ ଛାତ୍ରଙ୍କୁ ଧକ୍କା ଦେଇଥିଲା। ଫଳରେ ସମସ୍ତେ ପୋଲ ତଳକୁ ଖସି ପଡିଥିଲେ। ଚାରି ଜଣ ଛାତ୍ରଙ୍କ ମଧରୁ ପବନ ଧରୁଆ ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣାଗଡ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତରଣ କରାଯାଇଥିବା ନେଇ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଘାସିରାମ ହୋତା ସୂଚନା ଦେଇଛନ୍ତି।

### ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ

**ପାଟଣାଗଡ,୮।୧୨ (ଡି.ଏନ.ଏ.):** ପାଟଣାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ମଧୁବାବୁ ପେନସନ ଯୋଜନାରେ ଶନିବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟଣାଗଡ ବ୍ଲକର ବଣାଇମୁଣ୍ଡା, ବରପଦର, ବଥର୍ଲା, କେନ୍ଦୁମୁଣ୍ଡି ଓ ମରୁଆଁ ଗ୍ରାମ ପଞ୍ଚାୟତର ମୋଟ ୫୧୩ଜଣ ହିତାଧିକାରୀଙ୍କୁ ଗତ ଜୁନ ୨୦୧୮ରୁ ଡିସେମ୍ବର ୨୦୧୮ପର୍ଯ୍ୟନ୍ତ ୭ମାସର ମଧୁବାବୁ ପେନସନ ୨୧୦୦/ଟଙ୍କା ଲେଖାଏଁ ବଣ୍ଟନ କରାଯାଇଥିଲା। ଏହି ମେଳାରେ ବ୍ଲକ ଅଧକ୍ଷ ଭକ୍ତବନ୍ଧୁ ନାଏକ, ପାଟଣାଗଡ ବିଡିଓ ନୀଳମାଧବ ସୁନା, ଜିଲା ପରିଷଦ ସଭ୍ୟା ଦେବକୀ ତାଣ୍ଡି, ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ।

ଷଷ୍ଠ ଦିନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ

# ବ୍ରାହ୍ମଣଙ୍କ ହୋମ, ଯାଦବଙ୍କ ବାଡ଼ିଖେଳ ଆକର୍ଷଣ

**ବଲାଙ୍ଗୀର ଅଫିସ,୭।୧୨**





ଧାରଣାସ୍ଥଳରେ ବ୍ରାହ୍ମଣ ସମାଜ ପକ୍ଷରୁ ହୋମଯଜ୍ଞ କରାଯାଉଛି (ବାମ)। ପାରମ୍ପରିକ ଗୌରବାଡି ଧରି ଜିଲା ଯାଦବ ସମାଜ ପକ୍ଷରୁ ଧାରଣା ଦିଆଯାଇଛି।

ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା ଦାବିରେ ପ୍ରତିଦିନ ବିଭିନ୍ନ ନୂଆ ସଂଗଠନ ଓ ଅନୁଷ୍ଠାନ ଧାରଣାସ୍ଥଳକୁ ଆସି ସେମାନଙ୍କ ସମର୍ଥନ ଘୋଷଣା କରୁଛନ୍ତି। ଫଳରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ଧାରଣାସ୍ଥଳରେ ଜନସମାବେଶ ବଢ଼ିବାରେ ଲାଗିଛି। ଶନିବାର ଏହି ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିଥିଲା। ଶନିବାର ଏହି ଆନ୍ଦୋଳନରେ ଜିଲା ବ୍ରାହ୍ମଣ ମହାସଭା, ଜିଲା ଯାଦବ ସମାଜ, ମୁସଲିମ ସମାଜ, ଜିଲା ଅଘରିଆ ସମାଜ, ସିନ୍ଧି ସମାଜ, ପୌରସଂସ୍ଥା କାଉନସିଲର, ନାଗରିକ କମିଟି ଓ ଅନ୍ୟ ସଂଗଠନ ପ୍ରତିନିଧିମାନେ ଯୋଗଦେଇଥିଲେ । ପାଟଣାଗଡ ବିଧାୟକ ତଥା ଭାଜପା ବରିଷ୍ଠ ନେତା କନକ ବର୍ଦ୍ଧନ ସିଂ ଦେଓ ଧାରଣାସ୍ଥଳକୁ ଆସି ତାଙ୍କ ସମର୍ଥନ ଘୋଷଣା କରିଥିଲେ। ଶନିବାର ପୂର୍ବାହ୍ନ ୧୦ଟା ସମୟରେ ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯାଇଥିଲା । ସ୍ଥାନୀୟ ନରସିଂହ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଜିଲା ବ୍ରାହ୍ମଣ ମହାସଭାର ଶତାଧିକ ସଦସ୍ୟ ବିରାଟ ପଟୁଆରରେ ବାହାରି ଆନ୍ଦୋଳନ ସ୍ଥଳକୁ ଆସିଥିଲେ । ଏହାପରେ ଆନ୍ଦୋଳନ ସ୍ଥଳ ସମ୍ମୁଖରେ ବିଭିନ୍ନ ମନ୍ତ୍ର ଉଚ୍ଚାରଣ ପୂର୍ବକ ହୋମଯଜ୍ଞ କରାଯାଇଥିଲା । ଆନ୍ଦୋଳନରେ ବ୍ରାହ୍ମଣ ମହାସଭା ସଭାପତି ସତ୍ୟବ୍ରତ ବେଦବାକ, ସମ୍ପାଦକ ପର୍ଶୁରାମ ନାୟକ, ରଘୁନାଥ ମିଶ୍ର, ବିନୋଦ ମିଶ୍ର, ଜୟକୃଷ୍ଣ ଦାସ ଶର୍ମା, ଟିକେଶ୍ୱର ଗୁରୁ, ପ୍ରଭାକର ମିଶ୍ର, ଘାସିରାମ ମିଶ୍ର, ଲୋଟସ ଷଡଙ୍ଗୀ, ମନୋଜ ମିଶ୍ର, ମନୀଷ ମିଶ୍ର, ଆକାଶ ମିଶ୍ର, ସାଗରିକା ଗୁରୁ, ରଞ୍ଜନ ତ୍ରିପାଠୀ, ସୁବାସ ପଣ୍ଡା, ସରସ୍ୱତୀ ନନ୍ଦ, ଜୟରାମ ମିଶ୍ର ଓ ଅନ୍ୟମାନେ ଯୋଗଦେଇଥିଲେ । ଜିଲା ଯାଦବ ସମାଜ ପକ୍ଷରୁ ପାରମ୍ପରିକ ଗୌଡବାଡି ଧରି ବିରାଟ ପଟୁଆର ଆସି ଆନ୍ଦୋଳନରେ ଯୋଗଦାନ କରିଥିଲେ। ଜିଲା ଯାଦବ ସମାଜ ସଭାପତି ପରମାନନ୍ଦ ହାତୀଙ୍କ ନେତୃତ୍ୱରେ ଧୀରୁ ବନ୍ଛୋର, ମୋହନ୍ଦ୍ର ବାଗ, ଧ୍ରୁବ ଜୁଏଡ୍ ଓ ଅନ୍ୟ ଶତାଧିକ ସଦସ୍ୟଙ୍କୁ ନେଇ ଯାଦବ ଭବନରୁ ଏକ ରାଲି ବାହାରିଥିଲା। ଅଘରିଆ ସମାଜର ମହିଳା ଓ ପୁରୁଷ ସଦସ୍ୟ ଆସି ଧାରଣାରେ ବସିଥିଲେ । ଏହି ଅବସରରେ ଲିପିଶ୍ରୀ ସାଏ ଓ ହରିଶଙ୍କର ସାଏ ବକ୍ତବ୍ୟ ରଖିଥିଲେ । ସିନ୍ଧି ସମାଜର ହରିଶ ଭାବନାନୀ, ମହେଶ ମଲଙ୍ଗ, ମୁସଲିମ ସମାଜର ଅସରଫ ଅଲ୍ଲୀଙ୍କ ନେତୃତ୍ୱରେ ଏମ୍‌ଡି ମୁସ୍ତେହସିମ, ମହମ୍ମଦ ଅଲ୍ଲି, ଏମଡି ସିଦ୍ଦିକି, ଆକବର ଖାନ୍, ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଧକ୍ଷ ଧର୍ମବ୍ରତ ରଥ, ଚାଷୀ ନେତା ଡା. ସୁଧୀର ପରିଚ୍ଛା, ପୌରଧକ୍ଷା ସନ୍ତୋଷିନୀ ବେହେରାଙ୍କ ନେତୃତ୍ୱରେ ପୌର କାଉନସିଲର ଶମ୍ଭୁ ନାଗ, ସୌମ୍ୟଦୀପ ସରାପ୍, ଉପେନ ଦୀପ, ମମତା ଜେନା, ସୁଜାତା ଦାଶ, ମୁନା ଖାନ୍ ଓ ଅନ୍ୟମାନେ ସାମିଲ ହୋଇଥିଲେ । ମିଳିତ କ୍ରିୟାନୁଷ୍ଠାନ ସଭାପତି ଲଳିତ ନାୟକ ସଭାରେ ଅଧକ୍ଷତା କରିଥିଲେ । ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତି, ସମ୍ପାଦକ ଅମନ ନାଗ, ନାଗରିକ କମିଟି ସଭାପତି ଭବାନୀ ଶତପଥି, ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଡାବାସୁଦେବ ପତି, ଗୋପାଲଜୀ ପାଣିଗ୍ରାହୀ, ପ୍ରଭାସ ପାଣିଗ୍ରାହୀ ଉପସ୍ଥିତ ରହି ସ୍ୱାଧୀନତା ପୂର୍ବରୁ ବଲାଙ୍ଗୀରରେ ହାଇକୋର୍ଟ ଥିଲା ଓ ରାଜ୍ୟ ସରକାର ତୁରନ୍ତ ଏଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ । ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ବକ୍ତବ୍ୟ ରଖି ଓଡିଶା ବିଧାନସଭାରେ ବାରମ୍ବାର ବିରୋଧୀଦଳ ନେତା ଓ ଜିଲାର ଅନ୍ୟ ବିଧାୟକଙ୍କ ସହ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ଜଣାଇଥିବା ସୂଚନା ଦେଇଥିଲେ । ଗଡଜାତ ମିଶ୍ରଣ ଚୁକ୍ତି ଅନୁସାରେ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସରକାରଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ । ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଭାକାର୍ଯ୍ୟ ଚାଲିଥିଲା ।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ**

- ଯୋଗଦେଲେ ଅଘରିଆ ସମାଜ, ମୁସଲିମ୍ ସମୁଦାୟ
- ପୌର କାଉନସିଲର, ସିନ୍ଧି ସମାଜ ପକ୍ଷରୁ ଧାରଣା
- ଭାଜପା ବିଧାୟକ କନକ ବର୍ଦ୍ଧନ ସିଂଦେଓ ଯୋଗଦେଲେ

### କୋସଲ ମହାବନ୍ଦ ପ୍ରସ୍ତୁତି ବୈଠକ

**ଲୋଇସିଂହା,୮।୧୨(ଡି.ଏନ.ଏ.)**

କୋସଲ ସମନ୍ୱୟ ସମିତି ପକ୍ଷରୁ ଆସନ୍ତା ୧୭ତାରିଖରେ ମହାବନ୍ଦ ଡାକରା ଦିଆଯାଇଛି । ଲୋଇସିଂହା ସମନ୍ୱୟ ସମିତି ପକ୍ଷରୁ ସ୍ଥାନୀୟ ଆଦିବାସୀ ଭାବନଠାରେ ଶନିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋସଲ ସମନ୍ୱୟ ସମିତିର ଅଧକ୍ଷ ପ୍ରମୋଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ବନ୍ଦ ସହରାଞ୍ଚଳରେ ସୀମିତ ନ ରଖି ଗ୍ରାମାଞ୍ଚଳରେ ଏହାର ଛାପ ପକାଇବାକୁ ସମିତିର ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ । କୋସଲଯୁବ ସମିତି ସଭାପତି ନୟୁ ଖାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ । ଦଶରଥ ଛତ୍ରିଆଙ୍କ ସଂଯୋଜାନରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, କୋସଲାଞ୍ଚଳ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ସମ୍ପର୍କରେ ଅବତାରଣା କରିଥିଲେ । ବୈଠକରେ ଓକିଲ ସଂଘ ସଭାପତି ରାଜକିଶୋର ମିଶ୍ର, ଚାଷୀନେତା ହିମାଂଶୁଶେଖର ସାହୁ, ଟଙ୍କଧର ସାହୁ, ଆଦିବସୀ ନେତା ଶ୍ୟାମସୁନ୍ଦର ଭୋଇ, ନିର୍ବାଚନମଣ୍ଡଳୀ ସଂଗଠକ ଦାୟିତ୍ୱରେ ଥିବା ରଞ୍ଜୁ ରାୟମହନ କୋସଲ ରାଜ୍ୟ ସମ୍ପର୍କରେ ସ୍ୱକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ହାତିସରା

**ଦେଓଗାଁ,୮।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲାରେ ଚାଲିଥିବା ଦଧିବାମନ ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ହାତିସରା ଓ ପିତାମହୁଲ ମଧରେ ଦ୍ୱୀତିୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ ଗୋଲରେ ହାତିସରା ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି । ରିତୁ ବୁଡେକ, ଅଭି ଭୋଇ ଓ ସଂକୀର୍ତ୍ତନ ପଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକକଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ର, ସମ୍ମାନିତ ଅତିଥି ଭାବେ କୁନା ସାହୁ, ସଞ୍ଜିବ ପଧାନ, ଧରଣୀଧର ନାୟକ ଓ ପିଣ୍ଟୁ ପୋଢ଼ ପ୍ରମୁଖ ଯୋଗଦେଇ ଖେଳାଳି ଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଦୟା ନାୟକ,ପ୍ରକାଶ ନାୟକ,ଜିବର୍ଦ୍ଧନସେଠ ବୁଲୁ ମାଝୀ ପ୍ରମୁଖ ସହଯୋଗ କରୁଥିବା ବେଳେ ରବିବାର ମୁରସିଂ ଓ ହାତିସରା ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ ।

### ଆତ୍ମ ସୁରକ୍ଷା ତାଲିମ ଶିବିର

**କଣ୍ଟାବାଞ୍ଜି,୮।୧୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ମହିଳା ଡିଗ୍ରୀ କଲେଜରେ ୧୨ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପାଟଣାଗଡ ପାଟେଣେଶ୍ୱରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ଜସମିତା ବଗର୍ତ୍ତି, ସୁନୀତା ଘିଭେଲା, ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଡାକପ୍ରିୟା ନାଗ ଓ ଗୌରୀ ରାଉତ ମାଷ୍ଟର ଟ୍ରେନର ଭାବେ ତାଲିମ ଦେଇଛନ୍ତି । ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ପୁରାହିତ ଅଧକ୍ଷତା କରିଥିଲେ ।

ଏନ୍‌ଆଇଓଏସ୍-ଡାଏଟ୍ ବିବାଦ

## ବଲାଙ୍ଗୀର ଡାଏଟ୍ ସ୍କୁଲରେ ଧାରଣା ଜାରି

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୮।୧୨(ଡି.ଏନ.ଏ.)**

ଏନ୍‌ଆଇଓଏସ୍ ପ୍ରାର୍ଥୀଙ୍କୁ ଓଟିଇଟି ପରୀକ୍ଷାରେ ସାମିଲ କରାଇ ଦିଆ ନ ଯିବା ଦାବି ନେଇ ରେଗୁଲାର ସିଟି ଓ ଡାଏଟ୍ ଛାତ୍ରୀଛାତ୍ରମାନେ ଆନ୍ଦୋଳନ ଜାରି ରଖିଛନ୍ତି । ବଲାଙ୍ଗୀର ଡାଏଟ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ସ୍କୁଲ ଗେଟ୍‌ରେ ତାଲା ଦେଇ ଧାରଣାରେ ବସିଥିଲେ । ଫଳରେ ଏନ୍‌ଆଇଓଏସ୍ ଛାତ୍ରୀଛାତ୍ରମାନେ ସ୍କୁଲ ଭିତରୁ ସେମାନଙ୍କର କଣ୍ଟିନ୍ୟୁଏସନ୍ ସାର୍ଟିଫିକେଟ୍ ନେଇପାରି ନାହାନ୍ତି। ଶନିବାର ଅପରାହ୍ନ ୬ଟା ସୁଦ୍ଧା ଛାତ୍ରୀଛାତ୍ରମାନେ ଧାରଣା ଦେବାରୁ ସ୍କୁଲ ଭିତରକୁ କେହି ପଶି ପାରି ନ ଥିଲେ । କଣ୍ଟିନ୍ୟୁଏସନ୍ ସାର୍ଟିଫିକେଟ୍ ନେଇ ନ ପାରିଲେ ଆଗାମୀ ୧୦ତାରିଖ ଓଟିଇଟି ପରୀକ୍ଷା ଆବେଦନ ଶେଷ ତାରିଖରେ କ'ଣ କରିବେ ବୋଲି ଏନ୍‌ଆଇଓଏସ୍ ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡିଛନ୍ତି । ଶୁକ୍ରବାର ଶତାଧିକ ଏନ୍‌ଆଇଓଏସ୍ ଛାତ୍ରୀଛାତ୍ର ଟାଉନ୍ ଥାନାକୁ ଆସି ଘଟଣା ସମ୍ପର୍କରେ ଜଣାଇବା ସହ କଣ୍ଟିନ୍ୟୁଏସନ୍ ସାର୍ଟିଫିକେଟ ଆଣିବା ଦିଗରେ ସେମାନଙ୍କୁ ସହାୟତା କରିବାକୁ ଅନୁରୋଧ ଜଣାଇଥିଲେ । ତେବେ ପୋଲିସ ଏ ଦିଗରେ କିଛି ବି ସହାୟତା କରିପାରି ନାହିଁ । ରେଗୁଲାର ସିଟି ଓ ଡାଏଟ୍ ଛାତ୍ରୀଛାତ୍ରମାନେ ଏନ୍‌ଆଇଓଏସ୍ ଛାତ୍ରୀଛାତ୍ରଙ୍କୁ ବିରୋଧ ଜାରି ରଖିଛନ୍ତି । ଟିଟିଲାଗଡରେ ମଧ ସମାନ ଅବସ୍ଥା ଲାଗି ରହିଥିଲା । ତେବେ ଶେଷ ଖବର ସୁଦ୍ଧା ଶନିବାର ସନ୍ଧ୍ୟାରେ ଟିଟିଲାଗଡ ଥାନାରେ ଏନ୍‌ଆଇଓଏସ୍ ଛାତ୍ରୀଛାତ୍ରଙ୍କୁ କଣ୍ଟିନ୍ୟୁଏସନ୍ ସାର୍ଟିଫିକେଟ୍ ବଣ୍ଟନ କରାଯାଇଥିବା ଜଣାପଡିଛି ।

ସୂଚନା ଅଧିକାର ଆଇନ ତଥ୍ୟକୁ ନେଇ ଖବରଦାତା ସମ୍ମିଳନୀ

## ବଲାଙ୍ଗୀର ସପକ୍ଷରେ ହାଇକୋର୍ଟ ମତ ଦେଇଥିଲେ

**ବଲାଙ୍ଗୀର ଅଫିସ, ୮।୧୨**

ସ୍ଥାନୀୟ ସିଭିଲକୋର୍ଟ ବାର ହଲଠାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଓ ଏ ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପର୍କରେ ପ୍ରଦାନ କରାଯାଇଛି । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ ନାୟକ, ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତି, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ ଓ ଓକିଲ ସଂଘ ସମ୍ପାଦକ ଅମନ ନାଗଙ୍କ ଉପସ୍ଥିତିରେ ସୂଚନା ଅଧିକାର କର୍ମୀ ବଲାଙ୍ଗୀର ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ଓ ଏ ସମ୍ପର୍କରେ ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ କହିଥିଲେ । ଓଡିଶା ହାଇକୋର୍ଟ ପୂର୍ବରୁ ବଲାଙ୍ଗୀରରେ ସର୍କିଟ ବେଞ୍ଚ ସ୍ଥାପନ ପାଇଁ ମତ ଦେଇ ସାରିଥିବା ସେ କହିଥିଲେ । ସ୍ୱାଧୀନତା ପୂର୍ବରୁ ଏବେର ବଲାଙ୍ଗୀର ତଥା ତତ୍କାଳୀନ ପାଟଣା ରାଜ୍ୟରେ ଏକ ହାଇକୋର୍ଟ ଥିଲା । ଗଡଜାତ ମିଶ୍ରଣ ପରେ କଟକ ହାଇକୋର୍ଟ ଅଧିନରେ ବଲାଙ୍ଗୀର ରହିଥିଲା । ତେବେ ସେହି ଦିନରୁ ବଲାଙ୍ଗୀରରେ ସର୍କିଟ ବେଞ୍ଚ ପ୍ରତିଷ୍ଠା ଦାବି କରାଯାଇଥିଲା । ଏ ନେଇ ବଲାଙ୍ଗୀରରେ ସର୍କିଟ ବେଞ୍ଚ ସ୍ଥାପନ କରିବା ପାଇଁ ଖୋଦ୍ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଚିଠି ନମ୍ବର ୪୯୯୪ ଯୋଗେ ୨୨ ନଭେମ୍ବର ୧୯୫୯ରେ ଚିଠି ଲେଖିଥିଲେ । ଏହାପରେ ହାଇକୋର୍ଟ ପୁଣି ଚିଠି ନମ୍ବର ୧୪୫୮ ଯୋଗେ ୨୯ ମାର୍ଚ୍ଚ ୧୯୬୧ରେ ପରୀକ୍ଷାମୂଳକ ଭାବେ ବଲାଙ୍ଗୀରରେ ଦୁଇ ବର୍ଷ ପାଇଁ ସର୍କିଟ ବେଞ୍ଚ ସ୍ଥାପନ କରିବା ପାଇଁ ମତ ପ୍ରଦାନ କରିଥିଲେ । ୧୯୬୫ରେ ସମ୍ବଲପୁରର ପ୍ରସ୍ତାବ ଆସିବା ପରେ ମଧ ହାଇକୋର୍ଟ ବଲାଙ୍ଗୀର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ମତ ପ୍ରକାଶ କରିଥିବା ସେ ସୂଚନା ଦେଇଥିଲେ । ୧୯୯୦ରେ ରାଜ୍ୟ ସରକାର ପଶ୍ଚିମ ଓଡିଶାର ବଲାଙ୍ଗୀର କିମ୍ବା ସମ୍ବଲପୁରରେ ଏବଂ ଦକ୍ଷିଣ ଓଡିଶାର ବ୍ରହ୍ମପୁରରେ ବେଞ୍ଚ ସ୍ଥାପନ କରିବା ପାଇଁ ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ବନୱାରିଲାଲ ହଂସାରିଆଙ୍କୁ ଚିଠି ଲେଖିବା ପରେ ସ୍ଥାନ ଚିହ୍ନଟକୁ ନେଇ ପଶ୍ଚିମ ଓଡିଶାରେ ଜିଲା ଗୁଡିକ ମଧରେ ବିବାଦ ସୃଷ୍ଟି ହେଲା । ଯାହା ଫଳରେ ବଲାଙ୍ଗୀର ତଥା ପଶ୍ଚିମ ଓଡିଶାବାସୀ ଦୀର୍ଘ ବର୍ଷ ଧରି ହାଇକୋର୍ଟ ବେଞ୍ଚ ସୁବିଧାରୁ ବଞ୍ଚିତ ହୋଇଛନ୍ତି ବୋଲି ସୂଚନା କର୍ମୀ ପଣ୍ଡା କହିବା ସହ ସରକାର ଏ ଦିଗରେ ଟାଳଟୁଳ ନୀତି ଗ୍ରହଣ କଲେ ସମଗ୍ର ପଶ୍ଚିମ ଓଡିଶାରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଥିଲେ ।

## ବଲାଙ୍ଗୀର, ନୂଆପଡ଼ାର ଶତାଧିକ ଦାଦନ ଶ୍ରମିକ ଉଦ୍ଧାର

**ଟିଟିଲାଗଡ଼, ୮।୧୨ (ଡି.ଏନ.ଏ)**



ଟିଟିଲାଗଡ ରେଳଷ୍ଟେଶନ୍‌ରେ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ ।

ରାଜ୍ୟ ବାହାରକୁ ଚାଲଣ ହେଉଥିବା ଶତାଧିକ ଦାଦନ ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଟିଟିଲାଗଡ ରେଳଷ୍ଟେଶନ୍‌ରୁ ଶନିବାର ଉଦ୍ଧାର କରାଯାଇଛି । ଏହି ଦାଦନ ଶ୍ରମିକମାନେ ବଲାଙ୍ଗୀର ଓ ନୂଆପଡା ଜିଲାର ବିଭିନ୍ନ ଗାଁର ବୋଲି ଜଣାପଡିଛି । ଅଗ୍ରିମ ଦେଇ ଦାଦନ ସର୍ଦ୍ଦାରମାନେ ଏହି ଦାଦନ ଶ୍ରମିକମାନଙ୍କୁ ବେଆଇନ୍ ଭାବେ ରାଜ୍ୟ ବାହାରକୁ ଚାଲାଣ କରୁଥିବା ଖବରପାଇବା ପରେ କିଛି ଭାଜପା ନେତା ଓ କର୍ମୀ ଟିଟିଲାଗଡ ରେଳଷ୍ଟେଶନ୍‌ରେ ପହଞ୍ଚି ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ବିଳାସପୁର-ତିରୁପତି ଏକ୍ସପ୍ରେସରେ ଶତାଧିକ ଦାଦନ ଶ୍ରମିକ ଚାଲାଣ ହେଉଥିବା ନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ନଗର ସଭାପତି ଚେୟାରମ୍ୟାନ ବାଗ, ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଦର୍ଶ ପାଣିଗ୍ରାହୀ, ପ୍ରତୀକ ମହାପାତ୍ର, ସଞ୍ଜୀବ ବେହେରା, ପ୍ରୟାସ ମହାପାତ୍ର, ପବିତ୍ର ସାହୁ, ଆକାଶ ନାୟକ, ଉପେନ୍ଦ୍ର ସାହୁ, ରାଜୁ ରାଓ ଖବରପାଇଥିଲେ। ଏହାପରେ ଟିଟିଲାଗଡ ରେଳଷ୍ଟେଶନରେ ପହଞ୍ଚି ଏ ସମ୍ପର୍କରେ ରେଳପଥ ପୋଲିସକୁ ଖବର ଦେଇଥିଲେ । ଉକ୍ତ ଟ୍ରେନ୍ ଆସିବା ପରେ ରେଳପଥ ପୋଲିସ, ରେଳ ସୁରକ୍ଷା ବଳ ଓ ଭାଜପା ନେତାମାନେ ମିଳିତ ଭାବେ ଉକ୍ତ ଟ୍ରେନ୍‌ରୁ ଶତାଧିକ ଦାଦନ ଶ୍ରମିକ, ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଟିଟିଲାଗଡ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ସାମାଜିକକର୍ମୀ ଜିତୁ ସାହୁ, ଆଇନଜୀବୀ ଗୁରୁ ଠାକୁର, ଆଦିବାସୀ ନେତା ସୁରେଶ ଭୋଇ ରେଳ ଷ୍ଟେଶନ୍‌ରେ ପହଞ୍ଚିଥିଲେ । ଉକ୍ତ ଟ୍ରେନ୍‌ରୁ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକମାନଙ୍କୁ ସେମାନଙ୍କ ଗାଁକୁ ପଠାଯିବ ବୋଲି ତହସିଲଦାର ଡୁଙ୍ଗଡୁଙ୍ଗ ସୂଚନା ଦେଇଛନ୍ତି । ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବାବେଳେ କିଛି ଲୋକ ସେଠାରେ ହୋହାଲ୍ଲା କରିଥିଲେ । ତେବେ ଉକ୍ତ ଟ୍ରେନ୍‌ରେ ଜଣେ ଦାଦନ ଶ୍ରମିକଙ୍କ ସ୍ତ୍ରୀ ଓ ୪ବର୍ଷର ଛୁଆ ତେଲେଙ୍ଗାନା ଚାଲିଯାଇଥିବା ଜଣାପଡିଛି । ସେମାନଙ୍କୁ କିଭଳି ଉଦ୍ଧାର କରାଯିବ ସେ ନେଇ କିଛି କୁହାଯାଇ ନାହିଁ। ଜିଲାରେ ଏଭଳି ବେଆଇନ୍ ଭାବେ ଦାଦନ ଶ୍ରମିକ ଚାଲାଣ ଚାଲିଥିଲେ ମଧ ଶ୍ରମ ବିଭାଗ, ପୋଲିସ ଓ ରେଳପଥ ପୋଲିସ କିଛି ଦୃଷ୍ଟି ଦେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେଭଳି ହୀନଉଦ୍ୟମ ଫସର ଫାଟିଥିବା ଆଲୋଚନାର ବିଷୟ ପାଲଟିଛି।


| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୯୩ | ବିଜୟ କୁମାର ବେହେରା, ପିତା : ସଂସାର ବେହେରା, ବାସ : ନିଜଗାଁ, ଜାତି : ଶବର | ୧୧୦/୯୪ | ୩୬୧/ ୨୧୭୧ | ଶାରଦ/୩ | ୦.୨୬ | ୦.୨୬ | |
| ୯୪ | ବିନୋଦ ଚନ୍ଦ୍ର ସାହୁ, ପିତା : ପଙ୍କଜ ଲୋଚନ ସାହୁ, ବାସ : ଭୂଇଁପୁର, ଜାତି : ଚଷା | ୧୧୦/୯୮ | ୧୩୧ | ଶାରଦ/୩ | ୦.୧୪ | ୦.୧୪ | |
| ୯୫ | କ୍ଷେତ୍ରବାସୀ ସାହୁ, ପିତା ଫକିର ଚନ୍ଦ୍ର ସାହୁ, ବାସ: ନିଜଗାଁ, ଜାତି : ଚଷା | ୧୧୦/୧୦୬ | ୨୬୩/ ୨୦୫୯ | ଶାରଦ/୩ | ୦.୦୬ | ୦.୦୬ | |
| ୯୬ | ବିଶ୍ୱନାଥ ସାହୁ, ପିତା କମାର ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୦୭ | ୨୬୩/ ୨୦୬୦ | ଶାରଦ/୩ | ୦.୧୦ | ୦.୧୦ | |
| ୯୭ | ମାନଭଞ୍ଜନ ସାହୁ, ପିତା : କପିଳ ସାହୁ, ବାସ : ନିଜଗାଁ, ଜାତି : ଚଷା | ୧୧୦/୧୦୮ | ୨୬୩/ ୨୦୬୧ | ଶାରଦ/୩ | ୦.୦୬ | ୦.୦୬ | |
| ୯୮ | ନୃସିଂହ ପ୍ରଧାନ, ପିତା : ଧୋବା ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୦ | ୪୯ | ଶାରଦ/୩ | ୦.୦୬ | ୦.୦୬ | |
| | | | ୧୩୫ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୪୧ | ଶାରଦ/୩ | ୦.୦୮ | ୦.୦୮ | |
| | | | ୧୪୭ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୬୭ | ଶାରଦ/୩ | ୦.୩୪ | ୦.୩୪ | |
| | | | ୨୨୦ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୨୩ | ଶାରଦ/୩ | ୦.୨୭ | ୦.୨୭ | |
| | | | ୭୧୯ | ଶାରଦ/୨ | ୦.୫୭ | ୦.୫୭ | |
| | | | ୭୨୨ | ଶାରଦ/୧ | ୦.୫୩ | ୦.୫୩ | |
| | | | ୩୭୦/ ୧୪୭୩ | ଶାରଦ/୩ | ୦.୧୩ | ୦.୧୩ | |
| ୯୯ | ପତି ପ୍ରଧାନ, ସ୍ୱାମୀ : କଚ୍ଛପ ପ୍ରଧାନ, କ୍ରିଷ୍ଣଚନ୍ଦ୍ର ପ୍ରଧାନ, ରଶ୍ମିତା ଦେହୁରୀ, ମମତା ପ୍ରଧାନ, ମାନସୀ କଣ୍ଟାଳ, ପିତା : କଚ୍ଛପ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୧ | ୧୯୦ | ଶାରଦ/୩ | ୦.୧୪ | ୦.୧୪ | |
| | | | ୧୯୮ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୦୪ | ଶାରଦ/୩ | ୦.୧୩ | ୦.୧୩ | |
| | | | ୩୬୩ | ଶାରଦ/୩ | ୦.୪୧ | ୦.୪୧ | |
| | | | ୭୨୦ | ଶାରଦ/୨ | ୦.୫୪ | ୦.୫୪ | |
| | | | ୭୨୨/ ୨୦୬୭ | ଶାରଦ/୧ | ୦.୪୦ | ୦.୪୦ | |
| | | | ୭୨୬/ ୨୦୬୮ | ଶାରଦ/୧ | ୦.୦୨ | ୦.୦୨ | |
| | | | ୮୫୫/ ୨୦୬୯ | ଶାରଦ/୨ | ୦.୧୧ | ୦.୧୧ | |
| ୧୦୦ | ଧୋବେଇ ପ୍ରଧାନ, ସ୍ୱାମୀ : ପର୍ଶୁରାମ ପ୍ରଧାନ, ଗୋଲେଖ ପ୍ରଧାନ, ଅଲେଖ ପ୍ରଧାନ, ପିତା : ପର୍ଶୁରାମ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୨ | ୪୫ | ଶାରଦ/୩ | ୦.୧୦ | ୦.୧୦ | |
| | | | ୧୬୯ | ଶାରଦ/୨ | ୦.୦୪ | ୦.୦୪ | |
| | | | ୨୩୫ | ଶାରଦ/୩ | ୦.୯୫ | ୦.୯୫ | |
| | | | ୭୨୬ | ଶାରଦ/୧ | ୦.୪୬ | ୦.୪୬ | |
| | | | ୮୨୫ | ଶାରଦ/୧ | ୦.୦୮ | ୦.୦୮ | |
| | | | ୮୫୫ | ଶାରଦ/୨ | ୦.୧୦ | ୦.୧୦ | |
| ୧୦୧ | ଖେରେଢ଼ି ପ୍ରଧାନ, ସ୍ୱାମୀ : ଜନକ ବେହେରା, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୩ | ୭୩୮ | ଶାରଦ/୨ | ୦.୪୬ | ୦.୪୬ | |
| ୧୦୨ | ସୁବ୍ରତ କୁମାର ସାହୁ, ପିତା : ସତ୍ୟବାଦୀ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୧୮ | ୩୯/ ୨୧୭୯ | ଶାରଦ/୩ | ୦.୦୮ | ୦.୦୮ | |
| ୧୦୩ | କିମିକ୍ରିଷ୍ଣା ନାଏକ, ପିତା : କରଣ ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୧୯ | ୮୫୮/ ୨୧୮୦ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୪ | ନିତ୍ୟାନନ୍ଦ ନାଏକ, ପିତା : ଧନେଶ୍ୱର ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୦ | ୮୫୮/ ୨୧୮୧ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୫ | ଦମୟନ୍ତୀ ପାତ୍ର, ପିତା : ନିରଞ୍ଜନ ପାତ୍ର, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୧ | ୮୫୮/ ୨୧୮୨ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୬ | ସରୋଜିନୀ ସାହୁ, ସ୍ୱାମୀ : ଶ୍ରୀଧର ସାହୁ, ବାସ: ନିଜଗାଁ, ଜାତି : ତେଲି | ୧୧୦/୧୨୨ | ୩୪/ ୨୧୮୩ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୭ | ସ୍ୱର୍ଣ୍ଣପ୍ରଭା ସାହୁ, ସ୍ୱାମୀ : ତାପସ ସାହୁ, ବାସ : ନିଜଗାଁ, ଜାତି : ତେଲି | ୧୧୦/୧୨୩ | ୩୪/ ୨୧୮୪ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୮ | ଖଗେଶ୍ୱର ସାହୁ, ପିତା : ଅର୍ଜୁନ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୨୪ | ୮୪୭/ ୧୫୬୯ | ଶାରଦ/୨ | ୦.୧୧୦ | ୦.୧୧୦ | |
| | ମୋଟ ସମୁଦାୟ | | | | ୧୧୪.୩୬୦ | ୧୦୯.୧୧୦ | |

Sd./- Spl. Land Acquisition Officer, NTPC, Angul



ଘୋର ସଙ୍କଟପୂର୍ଣ୍ଣ ପରିସ୍ଥିତି ହିଁ ମହାପୁରୁଷମାନଙ୍କର ବିଦ୍ୟାଳୟ।
- ମହାତ୍ମା ଗାନ୍ଧୀ

# କୃଷକ ସଚେତନ ମଞ୍ଚର ଚକାଜାମ ଆନ୍ଦୋଳନ

**ସଂକ୍ଷେପରେ**

## ବ୍ଲକସ୍ତରୀୟ ବିଜୁ ମହିଳା କର୍ମୀ ସମାବେଶ

କଲମପୁର,୮।୧୨(ଡି.ଏନ୍.ଏ.)- କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ଲିଟିଯୋର ଆମ୍ବତୋଟାରେ ଶନିବାର ବ୍ଲକ ମହିଳା ମୋର୍ଚ୍ଚା ସଭାନେତ୍ରୀ ବନଜା ବାସିନୀ ମହାପାତ୍ରଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ବିଜୁ ମହିଳା କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ଼ ବିଧାୟକ ତଥା ମୁଖପାତ୍ର ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ରାଜ୍ୟ ମହିଳା ନିଗମ ସଦସ୍ୟା ଶ୍ରୀମୟୀ ମିଶ୍ର, ରାଜ୍ୟ ମହିଳା କମିଶନ ସଦସ୍ୟା ତିଲୋତ୍ତମା ନାଏକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ଅଧକ୍ଷା ମଞ୍ଜୁଳା ସାହୁ, ବ୍ଲକ ସଭାପତି ପ୍ରଦୀପ କୁମାର ବେହେରା, ଅମର ପଟ୍ଟନାୟକ, ଜିଲା ଛାତ୍ର ସଭାପତି ଅବିନାଶ ଠାକୁର, ବ୍ଲକ ଛାତ୍ର ସଭାପତି ମନୋଜ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ମହିଳା ସଂଗଠନକୁ ସୁଦୃଢ କରିବା ସହ ଆଗାମୀ ନିର୍ବାଚନରେ ପ୍ରମୁଖ ଭୂମିକା ଗ୍ରହଣ କରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଉପସ୍ଥିତ ମହିଳା କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

**କୋକସରା,୮।୧୨(ଡି.ଏନ.ଏ.)**

କୋକସରା ବ୍ଲକ କୃଷକ ମଞ୍ଚ ପକ୍ଷରୁ କୋକସରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ସହ ଅନ୍ୟାନ୍ୟ ଦାବିରେ ଶନିବାର ୨୬ ନମ୍ବର ଜାତୀୟ ରାଜପଥ ଆମପାଣିଠାରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ଫଳରେ ଭବାନୀପାଟଣା-ବୋରିଗୁମା ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଦୀର୍ଘ ୮ ଘଣ୍ଟା ଧରି ଗାଡି ଚଳାଚଳ ବନ୍ଦ ରହିଥିବା ବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କୃଷକ ସଚେତନ ମଞ୍ଚ ଆବାହକ ତଥା ଚାଷୀନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ଚାଷୀ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିଥିଲେ। ଏପରି କି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ।

ଅନ୍ୟପକ୍ଷେ କୋକସରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି ଚାଷୀ ସଂଗଠନ ପକ୍ଷରୁ ଅକ୍ଟୋବର ୨୬ତାରିଖରେ କୋକସରା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଆନ୍ଦୋଳନ କରିଥିଲେ। ସେହିପରି ପର୍ଯ୍ୟାୟକ୍ରମେ ନଭେମ୍ବର ୯ତାରିଖରେ ଧର୍ମଗଡ଼ ଉପଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏପରି କି ୨୨ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ବ୍ଲକର ୨୨ଟି ପଞ୍ଚାୟତ କର୍ମଚାରୀଙ୍କ ଜରିଆରେ ଦାବିପତ୍ର ସହ ପଞ୍ଚାୟତ ଚାଲ ଅଭିଯାନ କରି ରାଜ୍ୟ ସରକାରଙ୍କୁ ନିଜ ଦାବି ଓ ହକ ଜଣାଇଥିଲେ। ତେବେ ରାଜ୍ୟ ସରକାର ଚାଷୀ ସଂଗଠନର ଦାବି ଉପରେ କୌଣସି ପଦକ୍ଷେପ ନ ନେବାରୁ ଆମପାଣିଠାରେ ଅର୍ଥନୈତିକ ଚକାଜାମ ଆନ୍ଦୋଳନ କରାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ଶନିବାର ସକାଳ ୬ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ



କୋକସରା ବ୍ଲକ କୃଷକ ମଞ୍ଚର କର୍ମକର୍ତ୍ତାଙ୍କ ସହ ଚାଷୀମାନେ ଶନିବାର ରାସ୍ତାରୋକୋ ଆନ୍ଦୋଳନ କରିଛନ୍ତି।

ଏହି ରାସ୍ତାରୋକୋ ଆନ୍ଦୋଳନରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଚାଷୀଙ୍କ ସମେତ ସର୍ବଦଳୀୟ କର୍ମକର୍ତ୍ତା ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଚାଷୀ ସଂଗଠନର ଆବାହକ ପ୍ରଧାନୀଙ୍କ ନେତୃତ୍ୱରେ ହୋଇଥିବା ପ୍ରତିବାଦ ସଭାରେ ସିଟିଜେନ ଫୋରମ୍ ସଦସ୍ୟ ତଥା ଚାଷୀ ମୀନକେତନ ପ୍ରଧାନୀ ଅଧକ୍ଷତା କରିଥିବା ବେଳେ ବିଜେଡି ନେତା ବଦ୍ରିନାରାୟଣ ପଟ୍ଟନାୟକ, କଂଗ୍ରେସ ନେତା ଦିଗାମ୍ବର

- କୋକସରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି
- ୮ ଘଣ୍ଟା ଧରି ଜାତୀୟ ରାଜ୍ୟପଥ ଅବରୋଧ
- ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଦୁରିଆ, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ଜିଲାପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, କୋକସରା ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକ, କୋକସରା ସମିତିସଭ୍ୟ ତ୍ରିଭୁବନ ନାଏକ, ଓବିସି ସେଲ୍ ଭାଜପା ନେତା ତ୍ରିନାଥ ବାଗ, ରାମଚନ୍ଦ୍ର ପାଣିଗ୍ରାହୀ, ନାରାୟଣ ପଟ୍ଟନାୟକ, ଗରୁଡଧ୍ୱଜ ମାଝି, ଘନଶ୍ୟାମ ନାଏକ, ସହଦେବ ପଟ୍ଟନାୟକ, ସମାଜସେବୀ ଘାସିରାମ ପାଟ୍ଟଯୋଷୀ, ଜୟଲାଲ ନାଏକ, ଖୁଣ୍ଟିଆ ସରପଞ୍ଚ ଧର୍ମବ୍ରତ ପଣ୍ଡା, ଆଦିବାସୀ ନେତା ରକ୍ଷିମଣି ମାଝି, ଯୁବନେତା ରତୁରାଜ ମାଝି, ଯୁବରାଜ ପରାଭୋଇ, ମଧୁବନ ପାତ୍ର, ଲିଙ୍ଗରାଜ ଧଙ୍ଗଡାମାଝି, ନବୀନ ପ୍ରଧାନୀ ପ୍ରମୁଖ କୋକସରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ସହ ଚାଷୀଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମପାଣି ପୋଲିସ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ, ଆଇଆର୍‌ବି ଯବାନଙ୍କୁ ମୁତୟନ କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ ୨ଟାରେ ଧର୍ମଗଡ଼ ଉପଜିଲାପାଳ ପଦ୍ମନାଭ ବେହେରା, ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସୁରେନ୍ଦ୍ରନାଥ ଶତପଥୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଜଣାଇ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଶହୀଦ ରେଣ୍ଡୋ ମାଝିଙ୍କ ଏକପ୍ରକାର ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବି

**ଭବାନୀପାଟଣା,୮।୧୨(ଡି.ଏନ୍.ଏ.)**

ଶହୀଦ ରେଣ୍ଡୋ ମାଝିଙ୍କ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପ୍ରତିମୂର୍ତ୍ତି ସ୍ଥାପନ କରି ବିକୃତ କରି ଦିଆଯାଉଛି। ଏନେଇ ଏକ ପ୍ରକାର ପ୍ରତିମୂର୍ତ୍ତି ସ୍ଥାପନ ଦାବିରେ ଶନିବାର କଳାହାଣ୍ଡି ଜିଲା ଆଦିବାସୀ ସଂଘ ଡାକରାରେ ଶତାଧିକ ଆଦିବାସୀ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଏକତ୍ରିତ ହୋଇଥିଲେ। ପରେ ଶହୀଦ ରେଣ୍ଡୋ ମାଝିଙ୍କ ସ୍ମୃତି ସ୍ତମ୍ଭ ନିକଟକୁ ଯାଇଥିଲେ। ସେଠାରୁ ଆଦିବାସୀମାନେ ପାରମ୍ପରିକ ବାଦ୍ୟ, ଅସ୍ତ୍ରଶସ୍ତ୍ର ଧରି ଏକ ବିରାଟ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ଏହି ଅବସରରେ ଏକ ପ୍ରଶ୍ନାବଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜାଗାରେ ଶହୀଦ ରେଣ୍ଡୋ ମାଝିଙ୍କ ଭିନ୍ନଭିନ୍ନ ବିକୃତ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି। ହେଲେ



ଶୋଭାଯାତ୍ରାରେ ବାହାରିଥିବା ଆଦିବାସୀ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

ପ୍ରଶାସନ ଏହାର କୌଣସି ସମାଧାନ ନ କରିବା ପରିତାପର ବିଷୟ ବୋଲି ବକ୍ତାମାନେ କହିଥିଲେ। ଏନେଇ ଏକ ପ୍ରକାର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ମୁଖ୍ୟଅତିଥି ଭାବେ ବେଣୁଧର ମାଝି, ମୁଖ୍ୟବକ୍ତା ଭାବେ ଯୁଧିଷ୍ଠିର ମାଝି, ସମ୍ମାନିତ ଅତିଥିଭାବେ ମହେନ୍ଦ୍ର ମାଝି, ଧେନୁ ମାଝି, ଜଗଦୀଶ ଶବର, ଦିଗାମ୍ବର ମାଝି, ଫକୀର ମାଝି, ଲଖଣ ମାଝି, କୁରୁକ୍ଷେତ୍ର ଭୋଇ, ବିଲଙ୍କା ମାଝି, ରୁପୁତା ମାଝି, ଜଗନ୍ନାଥ ମାଝି, ଚୂଡାମଣି ମାଝି, ଗୁଣସାଗର ମାଝି, ଫଗନୁ ମାଝି, ଶୁକଦେବ ମାଝିଙ୍କ ସହ ଆଦିବାସୀ ସଂଘ ସଭାପତି ଡମ୍ବରୁଧର ମାଝି, ସାଧାରଣ ସମ୍ପାଦକ ମହେଶ୍ୱର ମାଝି ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

## ଜୁନାଗଡ଼ରେ ଭିଟାମାଟି ସୁରକ୍ଷା ସମିତିର ସାଧାରଣ ସଭା

**ଜୁନାଗଡ଼,୮।୧୨(ଡି.ଏନ୍.ଏ/ସ୍ୱ.ପ୍ର.)**

ଜୁନାଗଡ଼ ସହର ନିୟନ୍ତ୍ରିତ ବଜାର କମିଟି ପରିସରରେ ଶନିବାର ଭିଟାମାଟି ସୁରକ୍ଷା ସମିତି ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ଼ ସହରର ବିଭିନ୍ନ ପଡ଼ାର ଶତାଧିକ ଭୂମିହୀନ ପରିବାର ଯୋଗ ଦେଇଥିଲେ। ସରକାରୀ ଜମିରେ ଦୀର୍ଘବର୍ଷ ଧରି ଘର କରି ରହିଥିବା ସହରର ବସ୍ତିବାସିନ୍ଦାଙ୍କୁ ସରକାର ପୁନର୍ବାସ ଯୋଜନାରେ ତୁରନ୍ତ ଘରଡିହ ପଟ୍ଟା ସହ ଉକ୍ତ ଜାଗାରେ ଥଇଥାନ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଭୂମିହୀନଙ୍କ ପାଇଁ ଲଢେଇ ଜାରି ରହିବ ବୋଲି ଆହ୍ୱାନ



ଜୁନାଗଡରେ ଭିଟାମାଟି ସୁରକ୍ଷା ସମିତି ପକ୍ଷରୁ ଅନୁଷ୍ଠିତ ସାଧାରଣ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

ଦିଆଯାଇଥିଲା। ଆଗାମୀ ଦିନରେ ଏହି ଲଢେଇକୁ ଜୋରଦାର କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ଭିଟାମାଟି ସୁରକ୍ଷା ସମିତି ସଭାପତି ତ୍ରିଲୋଚନ ସିଂହ ବେଲଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମିତି ଆବାହକ ବିଶ୍ୱନାଥ କର, ଉପଦେଷ୍ଟା ରମେଶ ନାୟକ, ଦାମୋଦର ବେହେରା, ସଭ୍ୟା ରୀନା ନାୟକ, ସଭ୍ୟ ହିଙ୍ଗଲେଶ୍ୱର ସେଠ୍, ବସନ୍ତ ନାଏକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପକ୍ଷେ ଏହି କାର୍ଯ୍ୟକ୍ରମ ପୂର୍ବରୁ ଏକ ସରକାରୀ କର୍ମଶାଳା ରହିଥିଲା। ଏଥିରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, କଳାହାଣ୍ଡି ଜିଲାପାଳ, ଧର୍ମଗଡ ଉପଜିଲାପାଳ, ଜୁନାଗଡ ତହସିଲଦାର ପ୍ରମୁଖ ଯୋଗଦେଇ ସହରର ଭୂମିହୀନମାନଙ୍କୁ ଥଇଥାନ ପାଇଁ ସରକାରୀସ୍ତରରେ ପ୍ରକ୍ରୀୟା ଆରମ୍ଭ କରିବାର ଥିଲା। ତେବେ କୌଣସି କାରଣବଶତଃ ଅତିଥିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ପାରି ନ ଥିଲେ। ଫଳରେ ଏହି କାର୍ଯ୍ୟକ୍ରମର ରୂପରେଖକୁ ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇଥିଲା।

## ବାଦିପଡ଼ାରେ ପଶିଲେ ହାତୀ: ବ୍ୟାପକ ଫସଲ ନଷ୍ଟ

**ତୁଣ୍ଡଲା,୮।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ବାଦିପଡାରେ ଶୁକ୍ରବାର ରାତିରେ ହାତୀପଲ ପଶି ବ୍ୟାପକ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ଶନିବାର ସକାଳେ ଡିଏଫଓ ନୀତିଶ ବଳିଆନଙ୍କ ନେତୃତ୍ୱରେ ମ.ରାମପୁର ରେଞ୍ଜର କେଶବ ମାଝି, ନର୍ଲା ରେଞ୍ଜର ନୃତ୍ୟରାଜ ମାଝି, କେସିଙ୍ଗା ରେଞ୍ଜର ଦୀନବନ୍ଧୁ ମେହେର, ପଲମ ଫାଣ୍ଡି ଅଧିକାରୀ ଏ.କେ ପଣ୍ଡା ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡାଇବାକୁ ଉଦ୍ୟମ କରିଥିଲେ। ଏହି ହାତୀ ପଲରେ ୪ଟି ହାତୀ ଥିବା ଜଣାପଡିଛି। ହାତୀଙ୍କ ଗତିବିଧିକୁ ଡ୍ରୋନ କ୍ୟାମେରା ମାଧମରେ ଅନୁଧାନ କରାଯାଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀ ପଲ ଏମ୍.ରାମପୁର ନିକଟସ୍ଥ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ଅନୁମାନ କରାଯାଉଛି। ଏନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି।



ବାଦିପଡ଼ାରେ ପଶିଥିବା ହାତୀପଲ।

## ଧାନ କ୍ରୟ ଦାବି: ଚାଷୀଙ୍କ ରାସ୍ତାରୋକୋ

**କର୍ଲାମୁଣ୍ଡା,୮।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ କର୍ଲାମୁଣ୍ଡାଠାରେ ମଣ୍ଡି ଖୋଲିବାର ୫ ଦିନ ପରେ ମଧ୍ୟ ଧାନ ଉଠୁ ନାହିଁ। ଏହାର ପ୍ରତିବାଦରେ ଚାଷୀମାନେ ଶନିବାର ରାସ୍ତାରେ ଧାନ ରଖି ଆନ୍ଦୋଳନ କରିଥିଲେ। ଗତ ସୋମବାର ବିଧିବଦ୍ଧ ଭାବେ କର୍ଲାମୁଣ୍ଡା ବ୍ଲକର କର୍ଲାମୁଣ୍ଡା ସମବାୟ ସମିତି ପକ୍ଷରୁ ମଣ୍ଡି ଖୋଲା ଯାଇଥିଲା। ଉକ୍ତ ଦିନ ୨୫ଜଣ ଚାଷୀଙ୍କ ୧ ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ଜମା ହୋଇଥିଲା। ଧାନ ଉଠାଇବାକୁ ଆସିଥିବା ମିଲର୍ସମାନେ ଏଫ୍ଏକ୍ୟୁ ମାନର ଧାନ ନେବା ଆଳରେ କୁଇଣ୍ଟାଲ ପ୍ରତି ୮ କେଜି କଟନିଛଟନି କରିବାକୁ କହିଥିଲେ। ଅନ୍ୟପକ୍ଷେ ଚାଷୀମାନେ ଏହାର ବିରୋଧ କରିବାରୁ ମଣ୍ଡିରୁ ଧାନ ଉଠି ପାରି ନ ଥିଲା। ଅନ୍ୟପକ୍ଷେ ପ୍ରଶାସନ ଅଧିକାରୀମାନେ ମଣ୍ଡିରେ ପହଞ୍ଚି ଧାନ କ୍ରୟ କରିବାକୁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ମଣ୍ଡି ଖୋଲିବାର ୫ଦିନ ପରେ ମଧ୍ୟ ଧାନ କିଣା ଯାଇ ନ ଥିବାରୁ ଚାଷୀମାନେ ବାଧ




ତହସିଲଦାର ଅବନୀକାନ୍ତ ସାହୁ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ହୋଇ ଅପରାହ୍ନରେ କର୍ଲାମୁଣ୍ଡା ବ୍ଲକ ସଦର ମୁଖ୍ୟରାସ୍ତାରେ ଧାନ ରଖି ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ କର୍ଲାମୁଣ୍ଡା ତହସିଲଦାର ଅବନୀକାନ୍ତ ସାହୁ, ମ.ରାମପୁର ଥାନା ଅଧିକାରିଣୀ ରେଣୁକା ସୁନା ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଧାନ ନ ଉଠିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ଏପରି ପରିସ୍ଥିତିରେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ବାହାରି ନ ଥିଲା। ଆନ୍ଦୋଳନରେ କର୍ଲାମୁଣ୍ଡା କୃଷକ କଲ୍ୟାଣ ମଞ୍ଚର ସାଧାରଣ ସମ୍ପାଦକ ସୁରେଶ ଚୌଧୁରୀ, ଚାଷୀ ନେତା ନନ୍ଦି କିଶୋର ଭୋଇ, ପୂର୍ବତନ ବ୍ଲକ ଅଧକ୍ଷ ଉତ୍କଳ ମଣି ସାହୁ, ଭାଜପା ନେତା ଗୋବିନ୍ଦ ସାହୁ, ଡୋଳାମଣି ଭୋଇ, ଦୟାନିଧି ସାହୁ, ଚାଷୀ ରାମଗୋପାଳ ସାହୁ, ପୂର୍ବତନ ସରପଞ୍ଚ ଶେଷଦେବ ସାହୁ, ଦଶରଥ ସାହୁ, ଅରବିନ୍ଦ ସାହୁ, ପ୍ରେମାନନ୍ଦ ସାହୁ, ଅନନ୍ତ ସାହୁ, ମିତ୍ରଭାନୁ ସାହୁ, ଜୟଶଙ୍କର ସାହୁ, ଦୀନବନ୍ଧୁ ସାହୁ, ରଶ୍ମିକାନ୍ତ ସାହୁଙ୍କ ସମେତ ଅଞ୍ଚଳର ଚାଷୀମାନେ ସାମିଲ ହୋଇଥିଲେ।

| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୯୩ | ବିଜୟ କୁମାର ବେହେରା, ପିତା : ସଂସାର ବେହେରା, ବାସ : ନିଜଗାଁ, ଜାତି : ଶବର | ୧୧୦/୯୪ | ୩୬୧/ ୨୧୭୧ | ଶାରଦ/୩ | ୦.୨୬ | ୦.୨୬ | |
| ୯୪ | ବିନୋଦ ଚନ୍ଦ୍ର ସାହୁ, ପିତା : ପଙ୍କଜ ଲୋଚନ ସାହୁ, ବାସ : ଭୂଇଁପୁର, ଜାତି : ଚଷା | ୧୧୦/୯୮ | ୧୩୧ | ଶାରଦ/୩ | ୦.୧୪ | ୦.୧୪ | |
| ୯୫ | କ୍ଷେତ୍ରବାସୀ ସାହୁ, ପିତା ଫକିର ଚନ୍ଦ୍ର ସାହୁ, ବାସ: ନିଜଗାଁ, ଜାତି : ଚଷା | ୧୧୦/୧୦୬ | ୨୬୩/ ୨୦୫୯ | ଶାରଦ/୩ | ୦.୦୬ | ୦.୦୬ | |
| ୯୬ | ବିଶ୍ୱନାଥ ସାହୁ, ପିତା କମାର ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୦୭ | ୨୬୩/ ୨୦୬୦ | ଶାରଦ/୩ | ୦.୧୦ | ୦.୧୦ | |
| ୯୭ | ମାନଭଞ୍ଜନ ସାହୁ, ପିତା : କପିଳ ସାହୁ, ବାସ : ନିଜଗାଁ, ଜାତି : ଚଷା | ୧୧୦/୧୦୮ | ୨୬୩/ ୨୦୬୧ | ଶାରଦ/୩ | ୦.୦୬ | ୦.୦୬ | |
| ୯୮ | ନୃସିଂହ ପ୍ରଧାନ, ପିତା : ଧୋବା ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୦ | ୪୯ | ଶାରଦ/୩ | ୦.୦୬ | ୦.୦୬ | |
| | | | ୧୩୫ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୪୧ | ଶାରଦ/୩ | ୦.୦୮ | ୦.୦୮ | |
| | | | ୧୪୭ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୬୭ | ଶାରଦ/୩ | ୦.୩୪ | ୦.୩୪ | |
| | | | ୨୨୦ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୨୩ | ଶାରଦ/୩ | ୦.୨୭ | ୦.୨୭ | |
| | | | ୭୧୯ | ଶାରଦ/୨ | ୦.୫୭ | ୦.୫୭ | |
| | | | ୭୨୨ | ଶାରଦ/୧ | ୦.୫୩ | ୦.୫୩ | |
| | | | ୩୭୦/ ୧୪୭୩ | ଶାରଦ/୩ | ୦.୧୩ | ୦.୧୩ | |

| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୯୯ | ପତି ପ୍ରଧାନ, ସ୍ୱାମୀ : କଚ୍ଛପ ପ୍ରଧାନ, କ୍ରିଷ୍ଣଚନ୍ଦ୍ର ପ୍ରଧାନ, ରଶ୍ମିତା ଦେହୁରୀ, ମମତା ପ୍ରଧାନ, ମାନସୀ କଣ୍ଢାଳ, ପିତା : କଚ୍ଛପ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୧ | ୧୯୦ | ଶାରଦ/୩ | ୦.୧୪ | ୦.୧୪ | |
| | | | ୧୯୮ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୦୪ | ଶାରଦ/୩ | ୦.୧୩ | ୦.୧୩ | |
| | | | ୩୬୩ | ଶାରଦ/୩ | ୦.୪୧ | ୦.୪୧ | |
| | | | ୭୨୦ | ଶାରଦ/୨ | ୦.୫୪ | ୦.୫୪ | |
| | | | ୭୨୨/ ୨୦୬୭ | ଶାରଦ/୧ | ୦.୪୦ | ୦.୪୦ | |
| | | | ୭୨୬/ ୨୦୬୮ | ଶାରଦ/୧ | ୦.୦୨ | ୦.୦୨ | |
| | | | ୮୫୫/ ୨୦୬୯ | ଶାରଦ/୨ | ୦.୧୧ | ୦.୧୧ | |
| ୧୦୦ | ଧୋବେଇ ପ୍ରଧାନ, ସ୍ୱାମୀ : ପର୍ଶୁରାମ ପ୍ରଧାନ, ଗୋଲେଖି ପ୍ରଧାନ, ଅଲେଖ ପ୍ରଧାନ, ପିତା : ପର୍ଶୁରାମ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୨ | ୪୫ | ଶାରଦ/୩ | ୦.୧୦ | ୦.୧୦ | |
| | | | ୧୬୯ | ଶାରଦ/୨ | ୦.୦୪ | ୦.୦୪ | |
| | | | ୨୩୫ | ଶାରଦ/୩ | ୦.୯୫ | ୦.୯୫ | |
| | | | ୭୨୬ | ଶାରଦ/୧ | ୦.୪୬ | ୦.୪୬ | |
| | | | ୮୨୫ | ଶାରଦ/୧ | ୦.୦୮ | ୦.୦୮ | |
| | | | ୮୫୫ | ଶାରଦ/୨ | ୦.୧୦ | ୦.୧୦ | |
| ୧୦୧ | ଖେରେଡ଼ି ପ୍ରଧାନ, ସ୍ୱାମୀ : ଜନକ ବେହେରା, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୩ | ୭୩୮ | ଶାରଦ/୨ | ୦.୪୬ | ୦.୪୬ | |

| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧୦୨ | ସୁବ୍ରତ କୁମାର ସାହୁ, ପିତା : ସତ୍ୟବାଦୀ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୧୮ | ୩୯/ ୨୧୭୯ | ଶାରଦ/୩ | ୦.୦୮ | ୦.୦୮ | |
| ୧୦୩ | କିମିକ୍ରିଷ୍ଣା ନାଏକ, ପିତା : କରଣ ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୧୯ | ୮୫୮/ ୨୧୮୦ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୪ | ନିତ୍ୟାନନ୍ଦ ନାଏକ, ପିତା : ଧନେଶ୍ୱର ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୦ | ୮୫୮/ ୨୧୮୧ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୫ | ଦମୟନ୍ତୀ ପାତ୍ର, ପିତା : ନିରଞ୍ଜନ ପାତ୍ର, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୧ | ୮୫୮/ ୨୧୮୨ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୬ | ସରୋଜିନୀ ସାହୁ, ସ୍ୱାମୀ : ଶ୍ରୀଧର ସାହୁ, ବାସ: ନିଜଗାଁ, ଜାତି : ତେଲି | ୧୧୦/୧୨୨ | ୩୪/ ୨୧୮୩ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୭ | ସ୍ୱର୍ଣ୍ଣପ୍ରଭା ସାହୁ, ସ୍ୱାମୀ : ତାପସ ସାହୁ, ବାସ : ନିଜଗାଁ, ଜାତି : ତେଲି | ୧୧୦/୧୨୩ | ୩୪/ ୨୧୮୪ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୮ | ଖଗେଶ୍ୱର ସାହୁ, ପିତା : ଅର୍ଜୁନ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୨୪ | ୮୪୭/ ୧୫୬୯ | ଶାରଦ/୨ | ୦.୧୧୦ | ୦.୧୧୦ | |
| | ମୋଟ ସମୁଦାୟ | | | | ୧୧୪.୩୬୦ | ୧୦୯.୧୧୦ | |

Sd./- Spl. Land Acquisition Officer, NTPC, Angul



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଟାଙ୍ଗିଆରେ ହାଣି ସ୍ତ୍ରୀକୁ ହତ୍ୟା

ଲଇକେରା,୮।୧୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ସାହ୍ଲେଟିକ୍ରା ଗାଁରେ ପାରିବାରିକ କଳହରୁ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ଗୁରୁବାରୁ ରାଜହଂସ (୪୫) ଏବଂ ତାଙ୍କ ସ୍ତ୍ରୀ କିଶୋରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗୁରୁବାରୁ ଟାଙ୍ଗିଆ ଏବଂ କୋଡିରେ କିଶୋରୀଙ୍କ ଦୁଇ ଗୋଡ଼କୁ ଚୋଟ ମାରି ଫେରାର ହୋଇଯାଇଛନ୍ତି। ଖେଳିବାକୁ ଯାଇଥିବା ସେମାନଙ୍କ ଦୁଇ ପୁଅ ସନ୍ଧ୍ୟାରେ ଘରକୁ ଫେରିଥିଲେ। ସେତେବେଳକୁ କିଶୋରୀ ଆହତ ଅବସ୍ଥାରେ ଘରର ଗୋଟିଏ କୋଣରେ ପଡ଼ିରହିଥିଲେ। ଦୁଇ ପୁଅ ମିଶି ତାଙ୍କୁ ଟେକି ନେଇ ଅନ୍ୟ ଘରେ ପଡ଼ିଥିବା ଖଟରେ ଶୁଆଇ ରାତିରେ ଶୋଇପଡ଼ିଥିଲେ। ସକାଳ ହେବା ବେଳକୁ କିଶୋରୀଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଏବଂ କୋଡ଼ିକୁ ପୋଲିସ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲାମୁଖ୍ୟ ଚିକିତ୍ସାଳୟ ପଠାଇଛି। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ କହିଛନ୍ତି।

### ବିଜୁ ଯୁବବାହିନୀ ପକ୍ଷରୁ ଗଣଦୌଡ଼

ଲଖନପୁର,୮।୧୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ଶନିବାର ହକି ବିଶ୍ୱକପ୍ ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ଏହି ଗଣଦୌଡ଼ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି କଲେଜରେ ପହଞ୍ଚିଥିଲା। ସ୍ଥାନୀୟ ସରପଞ୍ଚ ଅନୀତା ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜୁ ଯୁବବାହିନୀ ସଭାପତି ଚକାନୟନ ବିଶ୍ୱାଳ, ସୁଶିଲ କରାଳୀ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଗଣଦୌଡ଼ରେ ସାମିଲ ହୋଇଥିଲେ।

### ପୁଣି ଶିଳାନ୍ୟାସ ରାଜନୀତି

# ପୂର୍ବରୁ କଥା କଟାକଟି, ଏଥର ପିଟାପିଟି

ଝାରସୁଗୁଡ଼ା ଅଫିସ,୮।୧୨

ଝାରସୁଗୁଡ଼ା ଜିଲାରେ ରାଜନୈତିକ ତାତି ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ବିଜେଡିରେ ଯୋଗଦେବା ଚର୍ଚ୍ଚା ବାତାବରଣକୁ ଉଷ୍ମ କରି ରଖିଥିବାବେଳେ ଅନ୍ୟପଟେ ବିଜେଡି ଜିଲା ସମ୍ପାଦକଙ୍କୁ କଂଗ୍ରେସ କର୍ମୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମାଣ ହେବାକୁ ଥିବା ଏକ ସେତୁର ଶିଳାନ୍ୟାସକୁ ନେଇ ଶନିବାର ଝାରସୁଗୁଡ଼ା ଜିଲା କଂଗ୍ରେସ ଏବଂ ବିଜେଡି ମୁହାଁମୁହିଁ ହୋଇଛନ୍ତି। ଏପରି କି କଂଗ୍ରେସ କର୍ମୀ ଜିଲା ବିଜେଡି ସମ୍ପାଦକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବଡ଼ମାଲ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ବିଜେଡି ସମ୍ପାଦକ ତ୍ରିନାଥ ଗୁଆଲଙ୍କୁ କଂଗ୍ରେସ କର୍ମୀ ବ୍ରିଜେଶ୍ କଣ୍ଡା ମାଡ଼ ମାରିଥିବା ଓ ତାଙ୍କ ସହ ଚୂଡ଼ାମଣି ବଡ଼େଇ, ଦାମୋଦର ନାଥ, ଭୋଜରାଜ ସାହୁ ଏବଂ ମଙ୍ଗଳବଜାରର କେତେଜଣ ଅସାମାଜିକ ଯୁବକ ରହିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୮୨/୧୮) ରୁଜୁ କରିଛି। ସେହିପରି ହିର୍ମା ସରପଞ୍ଚ ଅନୀତା ଭଇଁଷାଙ୍କୁ ବିଜେଡି ସମ୍ପାଦକ ଗୁଆଲ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଏକ ମାମଲା (ନଂ.୧୮୩/୧୮) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଅଭିତାଭ ପଣ୍ଡା କହିଛନ୍ତି। ଶିଳାନ୍ୟାସକୁ ନେଇ ପୂର୍ବରୁ କଥା କଟାକଟି ହୋଇଥିବାବେଳେ ଏଥର ପିଟାପିଟି ହୋଇଛନ୍ତି ଦୁଇ ପ୍ରମୁଖ ଦଳର ସମର୍ଥକ।

ଝାରସୁଗୁଡ଼ା ଜିଲାରେ ଶିଳାନ୍ୟାସ ଏବଂ ଉଦ୍‌ଘାଟନ ପାଇଁ ରାଜନୈତିକ ଦଳ ମଧ୍ୟରେ ପ୍ରତିଯୋଗିତା ହେବା ନୂଆ କଥା ନୁହେଁ। ବିଶେଷକରି କଂଗ୍ରେସ ଏବଂ ବିଜେଡି ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥାଏ। ଗତ ମାସରେ ଏକ ବ୍ରିଜ୍‌ର ଶିଳାନ୍ୟାସ ପାଇଁ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଥମେ ବିଜେଡି ଏବଂ ପରେ କଂଗ୍ରେସ ଏହାର ଶିଳାନ୍ୟାସ କରିଥିଲେ। ଶନିବାର ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ସେତୁ ନିର୍ମାଣ ଶ୍ରେୟ ନେବାକୁ ଉଭୟ ଦଳ ମଧ୍ୟରେ ଛକାପଞ୍ଝା ହୋଇଛି। ହିର୍ମା ପଞ୍ଚାୟତ, ମଲଦା, ପତ୍ରାପାଲିର ବିଜେଡି କର୍ମୀଙ୍କ ଅନୁରୋଧ କ୍ରମେ ଜିଲା ବିଜେଡି ସମ୍ପାଦକ ଗୁଆଲ ଝାରସୁଗୁଡ଼ା ସଦର ବ୍ଲକ ମଲଦା-ହିର୍ମାଠାରେ ନିର୍ମାଣ ହେବାକୁ ଥିବା ସେତୁର ଶିଳାନ୍ୟାସ କରିବାକୁ ଯାଇଥିଲେ। ଶିଳାନ୍ୟାସ ସମୟରେ କେତେଜଣ କଂଗ୍ରେସ କର୍ମୀ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଠାକୁ କାହିଁକି ଆସିଛ ଏବଂ କିଏ ଡାକିଛି କହି ମାଡ଼ ମାରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ପଛରେ ବିଧାୟକ ଦାସଙ୍କ ହାତଥିବା ସମ୍ପାଦକ ଗୁଆଲ ଏତଲାରେ ଦର୍ଶାଇଛନ୍ତି। ସେହି ସମୟରେ ହିର୍ମା ସରପଞ୍ଚ ଅନୀତା ଭଇଁଷାଙ୍କୁ ବିଜେଡି ସମ୍ପାଦକ ଗୁଆଲ ଗାଳିଗୁଲଜ କରିଥିବା ମଧ୍ୟ ଥାନାରେ ଅଭିଯୋଗ ହୋଇଛି।

ପୂର୍ବାହ୍ନରେ ଶିଳାନ୍ୟାସ କରିବାକୁ ଯାଇ ବିଜେଡି ସମ୍ପାଦକ ମାଡ଼ ଖାଇଥିବାବେଳେ ଅପରାହ୍ନରେ ଝାରସୁଗୁଡ଼ା ବିଧାୟକ ଦାସ ମଲଦା-ହିର୍ମା ସେତୁର ଶିଳାନ୍ୟାସ କରିଥିଲେ। ମଲଦାଠାରେ ଏକ ସାଧାରଣ ସଭା ମଧ୍ୟ ଆୟୋଜନ ହୋଇଥିଲା। ୧୪.୬୨ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ୩୬୮.୨୯ ମିଟର ଲମ୍ବ ବିଶିଷ୍ଟ ଏହି ସେତୁ ନୂତନ ନିର୍ମାଣର ଅନ୍ୟତମ ପଦକ୍ଷେପ ବୋଲି ଏହି ଅବସରରେ ବିଧାୟକ କହିଥିଲେ। ଏହି ସଭାରେ ଦାମୋଦର ନାଥ, ଚୂଡ଼ାମଣି ବଡ଼େଇ, ବିଶ୍ୱନାଥ ତ୍ରିପାଠୀ, ପିଣ୍ଟୁ ପାଢ଼ୀ ଉପସ୍ଥିତ ଥିଲେ। ଗୋଟିଏ ପଟେ ବିଧାୟକଙ୍କ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ଏବଂ ଅନ୍ୟପଟେ କଂଗ୍ରେସ ଏବଂ ବିଜେଡି କର୍ମୀ ମୁହାଁମୁହିଁ ଜିଲାର ରାଜନୈତିକ ପରିବେଶକୁ ଗୋଳିଆ କରୁଛି ବୋଲି ବୁଦ୍ଧିଜୀବୀଙ୍କ ମତ। ବିଜେଡି-କଂଗ୍ରେସ କର୍ମୀ ହାତାହାତି ହେବା ସମ୍ପର୍କରେ ମତାମତ ପାଇଁ ଝାରସୁଗୁଡ଼ା ବିଧାୟକ ଦାସଙ୍କ ମୋବାଇଲ ନମ୍ବର ୯୯୩୭୦୪୨୨୨୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

### ଇ-ଅଭିଯୋଗ ପରେ ଖୋଲାହେଲା ନଳକୂପ

କୋଲାବିରା,୮।୧୨(ଡି.ଏନ୍.ଏ.)

କୋଲାବିରା ବ୍ଲକ ସମାସିଂହା ଗ୍ରାମ ୮ନଂ ଓାର୍ଡକାଲୋପଡ଼ା ଏବଂ ଲୁହୁରାପଡ଼ାଠାରେ ନଳକୂପ ନ ଥିବାରୁ ପଡ଼ାର ପ୍ରାୟ ୩ଶହ ଲୋକେ ପାନୀୟ ଜଳ ପାଇଁ ଅନ୍ୟ ସାହିର ନଳକୂପ ଉପରେ ନିର୍ଭର କରୁଥିଲେ। ଏ ସଂକ୍ରାନ୍ତରେ ପଡ଼ାବାସୀ ସମାସିଂହା ପଞ୍ଚାୟତ କାର୍ଯ୍ୟାଳୟଠାରୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପର୍ଯ୍ୟନ୍ତ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ତେବେ ସମାସିଂହା ଗ୍ରାମର ହୀରାବତୀ ପଟେଲ ୨୦୧୭ ଏପ୍ରିଲ ୨୨ରେ ଇ-ଅଭିଯୋଗ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ପରେ ସରକାର ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଉକ୍ତ ସ୍ଥାନରେ ନଳକୂଅ ଖୋଳିବାକୁ ପତ୍ର ସଂଖ୍ୟା-ଓଆର୧୫୨/ଇ/୨୦୧୭/୦୦୦୦୪ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଉକ୍ତ ଓ୍ୱାର୍ଡରେ ଦୁଇଦିନ ପୂର୍ବେ ୨ଟି ନଳକୂଅ ଖୋଳଯାଇଛି। ଏ ନେଇ ପଡ଼ାବାସୀ ସନ୍ତୋଷ ପ୍ରକଟ କରିଛନ୍ତି।

# ଜିଲା ଆଥ୍‌ଲେଟିକ ମିଟ୍ ଆରମ୍ଭ

ଝାରସୁଗୁଡ଼ା ଅଫିସ,୮।୧୨

ଝାରସୁଗୁଡ଼ା ଜିଲା ଆଥ୍‌ଲେଟିକ ମିଟ୍ ଶନିବାର ଉଦ୍‌ଘାଟିତ ହୋଇଛି। ଓଏମ୍‌ପିସ୍ଥିତ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ପଡ଼ିଆରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଶନିବାର ଏବଂ ରବିବାର ଦୁଇଦିନ ଏହି ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହେବ। ୧୦୦, ୨୦୦, ୪୦୦, ୧୫୦୦, ୨୦୦୦ ଏବଂ ୫୦୦୦ ମିଟର ଦୌଡ଼, ରିଲେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଡିସକ୍‌ସ୍ ଥ୍ରୋ, ଶଟ୍‌ପୁଟ୍, ଜାଭଲିନ୍ ଥ୍ରୋ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଆଥ୍‌ଲେଟିକ୍ ମିଟ୍‌ରେ ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ୍ ବୟସ ବର୍ଗରେ ସମସ୍ତ ପ୍ରତିଯୋଗିତା ହେବ। ଜିଲାର ୫ ବ୍ଲକ ଏବଂ ୩ ପୌରାଞ୍ଚଳରୁ ୫୫୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଆଥ୍‌ଲେଟିକ ମିଟ୍‌ର ଉଦ୍‌ଘାଟନୀ ଉତ୍ସବରେ ଡେପୁଟି କମାଣ୍ଡାଣ୍ଟ ଲକ୍ଷ୍ମଣ ସିଂ, ପୂର୍ବତନ ନଗରପାଳ ହରିଶ ଗଣତ୍ରାଙ୍କ ସମେତ ଜିଲା ଆଥ୍‌ଲେଟିକ୍ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଆଥ୍‌ଲେଟିକ୍ ମିଟ୍‌ରେ ଉପସ୍ଥିତ ଅତିଥି।

### ଦୁର୍ଘଟଣାରେ ଗୋଡ଼ ଭାଙ୍ଗିଲା

କୋଲାବିରା,୮।୧୨(ଡି.ଏନ୍.ଏ.)

କୋଲାବିରା ଥାନା ଅନ୍ତର୍ଗତ ଭୀମଟିକରା ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ କୋଲାବିରା ଗ୍ରାମର ଜୟଦେବ ସମର୍ଥା (୫୨)ଙ୍କ ଗୋଡ଼ ଭାଙ୍ଗିଯାଇଛି। ଶନିବାର ଅପରାହ୍ନରେ ଜୟଦେବ କୌଣସି କାମରେ ଶ୍ୱଶୁର ଘର ଝାରସୁଗୁଡ଼ା ନିକଟ ଶିଆଳରମା ଗ୍ରାମକୁ ଯାଉଥିବାବେଳେ ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳି ନାହିଁ। ତେବେ ଏକ ପାଉଁଶ ବୋଝେଇ ଟ୍ରକ୍ ଜୟଦେବଙ୍କୁ ଧକ୍କା ଦେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

### ଚୋରି ଅଭିଯୋଗରେ ଜଣେ ଗିରଫ

ବ୍ରଜରାଜନଗର,୮।୧୨(ଡି.ଏନ୍.ଏ.)

ବ୍ରଜରାଜନଗର ଥାନା ଅନ୍ତର୍ଗତ ରେଳ ଷ୍ଟେଶନ ପାଖରେ ଥିବା ରବି ଘୋଷଙ୍କ ପାନ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ପୋଲିସ ତଦନ୍ତ କରି ବାହାଦୁରପଡ଼ାର ବବୁଲୁ ସୂର୍ଯ୍ୟବଂଶୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବବୁଲୁଙ୍କ ସହଯୋଗୀ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ଚାଷଜମିରେ ବୋମା ଫୁଟି ଯୁବକ ଆହତ ଘଟଣା

# ପ୍ରଶାସନ ପକ୍ଷରୁ ମିଳିଲା ଅର୍ଥିକ ସହାୟତା

ଲଖନପୁର,୮।୧୨(ଡି.ଏନ୍.ଏ.)

ଚାଷଜମିରେ ବୋମା ଫୁଟି ଆହତ ହୋଇଥିବା ଝାରସୁଗୁଡ଼ା ଜିଲା ବନହରପାଲି ଥାନା କୁମ୍ଭାରବନ୍ଧ ଗ୍ରାମର ନିମାଇଁ ଚରଣ ଭୋଇ (୨୨)ଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୩୦ହଜାର ଟଙ୍କା ଅର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ପାଇ ପରିବାର ଲୋକେ ନିମାଇଁଙ୍କ ଚିକିତ୍ସା ପାଇଁ କରିଥିବା କରଜ କେତେକାଂଶରେ ପରିଶୋଧ କରିଛନ୍ତି। ଅବଶିଷ୍ଟ କରଜ ପରିଶୋଧ କରିପାରି ନ ଥିବାରୁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୫ ତାରିଖରେ ନିମାଇଁ ନିଜ ଧାନକ୍ଷେତ ଦେଖିବାକୁ ଯାଇଥିଲେ। ସେଠାରେ ଏକ ମଶାରିରେ କିଛି ସାମଗ୍ରୀ ଗୁଡ଼ିଆହୋଇ ପଡ଼ିଥିଲା। ଏହା କ'ଣ ପଡ଼ିଛି ବୋଲି ଜାଣିବା ପାଇଁ ନିମାଇଁ କୌତୂହଳରେ ତାହାକୁ ଉଠାଇବା କ୍ଷଣି ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ନିମାଇଁଙ୍କ ଡାହାଣ ହାତ ପାପୁଲି କ୍ଷତବିକ୍ଷତ ହୋଇଥିଲା। ପ୍ରଥମେ ତାଙ୍କୁ ଇବ୍ ଥର୍ମାଲ ହସ୍ପିଟାଲ ଓ ପରେ ବୁର୍ଲାର ଏକ ନର୍ସିଂହୋମ୍ ନିଆଯାଇଥିଲା। ସେଠାରେ ଡାକ୍ତର ନିମାଇଁଙ୍କ ଡାହାଣ ହାତର ୨ ଆଙ୍ଗୁଠି କାଟିବାକୁ ବାଧ୍ୟ ହୋଇଥିଲେ। ଏହି ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ନିମାଇଁଙ୍କ ପରିବାର ଲୋକେ ପ୍ରକାଶ କରିଛନ୍ତି।



ସହାୟତା ଚେକ୍ ସହ ମା'ବାପାଙ୍କ ଗହଣରେ ନିମାଇଁ।

### ଏମ୍‌ସିଏଲ୍ ଆନ୍ତଃ ଗୋଷ୍ଠୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ

# ବସୁନ୍ଧରାକୁ ହରାଇଲା ଲଖନପୁର

ଲଖନପୁର,୮।୧୨(ଡି.ଏନ୍.ଏ.)

ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ବନ୍ଧବାହାଲ ଖେଳପଡ଼ିଆରେ ଶନିବାର ଆରମ୍ଭ ହୋଇଛି ଏମ୍‌ସିଏଲ୍ ଆନ୍ତଃ ଗୋଷ୍ଠୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ। ଏହି ଟୁର୍ନାମେଣ୍ଟ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୩ଦଳ ସାମିଲ ହୋଇଛନ୍ତି। ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ଜିଏମ୍ (ଅପରେଶନ) ଅରୁଣ କୁମାର ସ୍ୱର୍ଣ୍ଣକାର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅଧିକାରୀ ସି. ଜଗନ, ଏମ୍.କେ. ପ୍ରଧାନ, ଏପିଏମ୍ ଶିଖା ଚାଟାର୍ଜୀ, ସିନିୟର ମ୍ୟାନେଜର୍ (ପର୍ସନାଲ) ପ୍ରଶାନ୍ତ କୁମାର ଶତପଥୀ, ଶ୍ରମିକନେତା ରବୀନ୍ଦ୍ର ପ୍ରସାଦ, ଦେବରାଜ ପ୍ରଧାନ, ବୁଲୁ ପାଣିଗ୍ରାହୀ, ବିଜୟ ଦାସ, ବାଳକୃଷ୍ଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲଖନପୁର ଏରିଆ ଓ ବସୁନ୍ଧରା ଏରିଆ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା। ଲଖନପୁର ବିଜୟୀ ହୋଇଛି। ଲଖନପୁର ଦଳ ଟସ୍ ଜିତି ବସୁନ୍ଧରାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବସୁନ୍ଧରା ଦଳ ୮୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଲଖନପୁର ଦଳ ୧୨ ଓଭର ୪ ବଲ୍‌ରେ ୮୬ ରନ୍ କରି ବିଜୟୀ ହୋଇଥିଲା। ଅତିଥିମାନେ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସଞ୍ଜୟ ନାୟକ ଓ ମହେଶ ମୁନିସ୍ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୯୩ | ବିଜୟ କୁମାର ବେହେରା, ପିତା : ସଂସାର ବେହେରା, ବାସ : ନିଜଗାଁ, ଜାତି : ଶବର | ୧୧୦/୯୪ | ୩୬୧/ ୨୧୭୧ | ଶାରଦ/୩ | ୦.୨୬ | ୦.୨୬ | |
| ୯୪ | ବିନୋଦ ଚନ୍ଦ୍ର ସାହୁ, ପିତା : ପଙ୍କଜ ଲୋଚନ ସାହୁ, ବାସ : ଭୂଇଁପୁର, ଜାତି : ଚଷା | ୧୧୦/୯୮ | ୧୩୧ | ଶାରଦ/୩ | ୦.୧୪ | ୦.୧୪ | |
| ୯୫ | କ୍ଷେତ୍ରବାସୀ ସାହୁ, ପିତା ଫକିର ଚନ୍ଦ୍ର ସାହୁ, ବାସ: ନିଜଗାଁ, ଜାତି : ଚଷା | ୧୧୦/୧୦୬ | ୨୬୩/ ୨୦୫୯ | ଶାରଦ/୩ | ୦.୦୬ | ୦.୦୬ | |
| ୯୬ | ବିଶ୍ୱନାଥ ସାହୁ, ପିତା କମାର ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୦୭ | ୨୬୩/ ୨୦୬୦ | ଶାରଦ/୩ | ୦.୧୦ | ୦.୧୦ | |
| ୯୭ | ମାନଭଞ୍ଜନ ସାହୁ, ପିତା : କପିଳ ସାହୁ, ବାସ : ନିଜଗାଁ, ଜାତି : ଚଷା | ୧୧୦/୧୦୮ | ୨୬୩/ ୨୦୬୧ | ଶାରଦ/୩ | ୦.୦୬ | ୦.୦୬ | |
| ୯୮ | ନୃସିଂହ ପ୍ରଧାନ, ପିତା : ଧୋବା ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୦ | ୪୯ | ଶାରଦ/୩ | ୦.୦୬ | ୦.୦୬ | |
| | | | ୧୩୫ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୪୧ | ଶାରଦ/୩ | ୦.୦୮ | ୦.୦୮ | |
| | | | ୧୪୭ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୬୭ | ଶାରଦ/୩ | ୦.୩୪ | ୦.୩୪ | |
| | | | ୨୨୦ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୨୩ | ଶାରଦ/୩ | ୦.୨୭ | ୦.୨୭ | |
| | | | ୭୧୯ | ଶାରଦ/୨ | ୦.୫୭ | ୦.୫୭ | |
| | | | ୭୨୨ | ଶାରଦ/୧ | ୦.୫୩ | ୦.୫୩ | |
| | | | ୩୭୦/ ୧୪୭୩ | ଶାରଦ/୩ | ୦.୧୩ | ୦.୧୩ | |
| ୯୯ | ପତି ପ୍ରଧାନ, ସ୍ୱାମୀ : କଚ୍ଛପ ପ୍ରଧାନ, କ୍ରିଷ୍ଣଚନ୍ଦ୍ର ପ୍ରଧାନ, ରଶ୍ମିତା ଦେହୁରୀ, ମମତା ପ୍ରଧାନ, ମାନସୀ କଣ୍ଡାଳ, ପିତା : କଚ୍ଛପ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୧ | ୧୯୦ | ଶାରଦ/୩ | ୦.୧୪ | ୦.୧୪ | |
| | | | ୧୯୮ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୦୪ | ଶାରଦ/୩ | ୦.୧୩ | ୦.୧୩ | |
| | | | ୩୬୩ | ଶାରଦ/୩ | ୦.୪୧ | ୦.୪୧ | |
| | | | ୭୨୦ | ଶାରଦ/୨ | ୦.୫୪ | ୦.୫୪ | |
| | | | ୭୨୨/ ୨୦୬୭ | ଶାରଦ/୧ | ୦.୪୦ | ୦.୪୦ | |
| | | | ୭୨୬/ ୨୦୬୮ | ଶାରଦ/୧ | ୦.୦୨ | ୦.୦୨ | |
| | | | ୮୫୫/ ୨୦୬୯ | ଶାରଦ/୨ | ୦.୧୧ | ୦.୧୧ | |
| ୧୦୦ | ଧୋବେଇ ପ୍ରଧାନ, ସ୍ୱାମୀ : ପର୍ଶୁରାମ ପ୍ରଧାନ, ଗୋଲେଖ ପ୍ରଧାନ, ଅଲେଖ ପ୍ରଧାନ, ପିତା : ପର୍ଶୁରାମ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୨ | ୪୫ | ଶାରଦ/୩ | ୦.୧୦ | ୦.୧୦ | |
| | | | ୧୬୯ | ଶାରଦ/୨ | ୦.୦୪ | ୦.୦୪ | |
| | | | ୨୩୫ | ଶାରଦ/୩ | ୦.୯୫ | ୦.୯୫ | |
| | | | ୭୨୬ | ଶାରଦ/୧ | ୦.୪୬ | ୦.୪୬ | |
| | | | ୮୨୫ | ଶାରଦ/୧ | ୦.୦୮ | ୦.୦୮ | |
| | | | ୮୫୫ | ଶାରଦ/୨ | ୦.୧୦ | ୦.୧୦ | |
| ୧୦୧ | ଖେରେଡ଼ି ପ୍ରଧାନ, ସ୍ୱାମୀ : ଜନକ ବେହେରା, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୩ | ୭୩୮ | ଶାରଦ/୨ | ୦.୪୬ | ୦.୪୬ | |
| ୧୦୨ | ସୁବ୍ରତ କୁମାର ସାହୁ, ପିତା : ସତ୍ୟବାଦୀ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୧୮ | ୩୯/ ୨୧୭୯ | ଶାରଦ/୩ | ୦.୦୮ | ୦.୦୮ | |
| ୧୦୩ | କିମିକ୍ରିଷ୍ଣା ନାଏକ, ପିତା : କରଣ ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୧୯ | ୮୫୮/ ୨୧୮୦ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୪ | ନିତ୍ୟାନନ୍ଦ ନାଏକ, ପିତା : ଧନେଶ୍ୱର ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୦ | ୮୫୮/ ୨୧୮୧ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୫ | ଦମୟନ୍ତୀ ପାତ୍ର, ପିତା : ନିରଞ୍ଜନ ପାତ୍ର, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୧ | ୮୫୮/ ୨୧୮୨ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୬ | ସରୋଜିନୀ ସାହୁ, ସ୍ୱାମୀ : ଶ୍ରୀଧର ସାହୁ, ବାସ: ନିଜଗାଁ, ଜାତି : ତେଲି | ୧୧୦/୧୨୨ | ୩୪/ ୨୧୮୩ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୭ | ସ୍ୱର୍ଣ୍ଣପ୍ରଭା ସାହୁ, ସ୍ୱାମୀ : ତାପସ ସାହୁ, ବାସ : ନିଜଗାଁ, ଜାତି : ତେଲି | ୧୧୦/୧୨୩ | ୩୪/ ୨୧୮୪ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୮ | ଖଗେଶ୍ୱର ସାହୁ, ପିତା : ଅର୍ଜୁନ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୨୪ | ୮୪୭/ ୧୫୬୯ | ଶାରଦ/୨ | ୦.୧୧୦ | ୦.୧୧୦ | |
| | ମୋଟ ସମୁଦାୟ | | | | ୧୧୪.୩୬୦ | ୧୦୯.୧୧୦ | |

Sd./- Spl. Land Acquisition Officer, NTPC, Angul



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ୧୦୭ ଲିଟର ଦେଶୀ ମଦ ଜବତ, ୧୦ ଗିରଫ

**ରାଜଗାଙ୍ଗପୁର, ୮।୧୨ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ଚଢ଼ାଉ କରାଯାଇ ୧୦୭ ଲିଟର ଦେଶୀ ମଦ ଜବତ କରିବା ସାଙ୍ଗକୁ ୧୦ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଜଗାଙ୍ଗପୁର ଅବକାରୀ ବିଭାଗ ଚଢ଼ାଉ କରି କୁତ୍ରା ବ୍ଲକର କୁରୁଙ୍ଗା ଗ୍ରାମର ପ୍ରକାଶ ଚନ୍ଦ୍ର ବାଗ, ଗଡପୋଷ ଛକର ପରମେଶ୍ୱର ଜୟପୁରିୟା ଓ ରାଜଗାଙ୍ଗପୁର ବ୍ଲକର ବଡନୂଆଗାଁର ବନ୍ଧୁ କେରକେଟା, ପ୍ରେମ କେରକେଟା, ମାରିୟାନୁସ ଏକ୍କା, ଝଗରପୁର ଗ୍ରାମର ମୋରିସ କୁଜୁର, ଦହାରାମପୁରର ସୁଚିତା କାଣ୍ଡୁଲନା, ସରଜିନି ଖେସ ଓ ପାନପୋଷର ରେସମା କାଲୋଙ୍କୁ ଗିରଫ କରି ସେମାନଙ୍କଠାରୁ ମୋଟ ୧୦୭ ଲିଟର ଦେଶୀ ମଦ ଜବତ କରିଛି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ସବ୍‌ଇନ୍ସପେକ୍ଟର ରାମଜୀ ପଟେଲ, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଅଶୋକ ପଟେଲ, କନଷ୍ଟେବଳ ମିତ୍ରଭାନୁ ବଢ଼େଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଶ୍ରୀନିବାସ ବିଷୋଇ, ମହିଳା କନଷ୍ଟେବଳ ସାବିତ୍ରୀ ଦେଇ ପ୍ରମୁଖ ଚଢ଼ାଉରେ ଅଂଶଗ୍ରହଣ କରିଥିଲେ ।

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ବଡ଼ଗାଁ, ୮।୧୨ (ଡି.ଏନ.ଏ)–** ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୋଇପାଲି ଗ୍ରାମର ରମେଶ ଚନ୍ଦ୍ର ପଟେଲଙ୍କ ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସ୍ଥିତ ଆଇଜିଏଚକୁ ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଅପରାହ୍ନ ୩ଟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ଗୁରୁବାର ଭୋଇପାଲିରୁ ସ୍କୁଟିରେ ବଡଗାଁ ଆସୁଥିଲାବେଳେ ବୋଲେରୋ ଧକ୍କା ଦେଇଥିଲା ।

କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଏସ୍‌ଆଇ ମନୋଜଙ୍କ କାର ଦୁର୍ଘଟଣାରେ ମୃତ୍ୟୁ

# ରହସ୍ୟ, ସନ୍ଦେହଜନକ ହେଉଛି ଘଟଣା

- କାର୍ଯ୍ୟ ଦକ୍ଷତା ପାଇଁ ରାଷ୍ଟ୍ରପତି, ରାଜ୍ୟପାଳ ପୁରସ୍କାର
- ଅପରାଧୀମାନେ ଟାର୍ଗେଟରେ ରଖିଥିଲେ ବୋଲି ଅନୁମାନ
- ବିଭିନ୍ନ ଦିଗକୁ ନେଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ

**କୁଆଁରମୁଣ୍ଡା, ୮।୧୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଏସ୍‌ଆଇ ମନୋଜ ନାଏକଙ୍କ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ରାଉରକେଲା ବିଶ୍ରା ଛକ ନିକଟରେ ଏକ କାର୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି। ମନୋଜଙ୍କ କାର ବିଶ୍ରା ଛକ ଡିଭାଇଡରରେ ଦୁର୍ଘଟଣାଗ୍ରସ୍ତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଘଟଣାକୁ ନେଇ ରାଉରକେଲା ସମେତ କୁଆଁରମୁଣ୍ଡା ଅଞ୍ଚଳରେ ଭିନ୍ନଭିନ୍ନ ଆଲୋଚନା ହେଉଛି। ବିଶେଷକରି ଦୁର୍ଘଟଣାସ୍ଥଳକୁ ଯେକେହି ଦେଖୁଛନ୍ତି, ସେଥିରେ କାର୍ ଚାଳକଙ୍କ ହଠାତ୍ ମୃତ୍ୟୁହେବ ନାହିଁ ବୋଲି ସନ୍ଦେହ କରୁଛନ୍ତି। ଏହା ସହ କାରଟି ଯଦି ସମ୍ମୁଖରେ ଥିବା ଡିଭାଇଡରରେ ପିଟି ହେଲା, ତେବେ ଛାତି ଓ ପେଟରେ ଜୋର ଆଘାତ ଲାଗିବ। ମାତ୍ର ତାଙ୍କ ମୁଣ୍ଡର ପଛ ପଟେ ଆଘାତ ଲାଗିଥିବା ନେଇ ଆଲୋଚନା ହେଉଛି। ଏହିସବୁ ଦୃଷ୍ଟିକୋଣକୁ ନେଇ ଏହା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଲୋକେ ସନ୍ଦେହ ପ୍ରକଟ କରୁଛନ୍ତି। ସୂଚନାଥାଉକି, ରାଉରକେଲା ଓ ସୁନ୍ଦରଗଡ଼ ପୋଲିସ ଜିଲାରେ ଦୀର୍ଘ ବର୍ଷ ଚାକିରି କରିବା ସମୟରେ ମନୋଜ ବହୁ ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏହା ସହ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପିଏଲ୍‌ଏଫ୍‌ଆଇ ସଙ୍ଗଠନର ଏକାଧିକ ଏରିଆ କମାଣ୍ଡରଙ୍କୁ ଅତି ଚତୁରତାର ସହ ଧରିବାରେ ମନୋଜ ସକ୍ଷମ ହୋଇପାରିଥିଲେ। ପୋଲିସ ବିଭାଗରେ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କଠାରୁ ସେ ମଧ୍ୟ ପୁରସ୍କାର ପାଇଥିଲେ। ତେଣୁ ଏହି ଦକ୍ଷ ପୋଲିସ ଏସଆଇଙ୍କ ମୃତ୍ୟୁକୁ କାର ଦୁର୍ଘଟଣାଜନିତ ମୃତ୍ୟୁ ବୋଲି କହିବା ସାଧାରଣରେ ସନ୍ଦେହ ସୃଷ୍ଟି କରିବା ସହ ଏହି ଘଟଣାର ତଦନ୍ତକୁ ପୋଲିସ ବିଭାଗର ଉଚ୍ଚ ଅଧିକାରୀ ଅଧିକ ତ୍ୱରାନ୍ୱିତ କରିବାର ଯଥେଷ୍ଟ ଆବଶ୍ୟକତା ରହୁଛି। ରାଉରକେଲା ପ୍ଲାଣ୍ଟସାଇଟ୍ ଥାନାରେ ଥିବାବେଳେ ମନୋଜଙ୍କ ଏକାଧିକ ମାଫିଆମାନଙ୍କ ବେଆଇନ କାର୍ଯ୍ୟକଳାପରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପକାଇ ଦେଇଥିଲେ। ସେଥିପାଇଁ ରାଉରକେଲା ଅଞ୍ଚଳରେ ଅପରାଧିମାନେ ମନୋଜଙ୍କୁ ଟାର୍ଗେଟରେ ରଖିଥିଲେ ବୋଲି ଅନୁମାନ କରାଯାଉଛି। ନିକଟରେ ମଧ୍ୟ କୁଆଁରମୁଣ୍ଡାର ଟିପିଏସଏଲ କାରଖାନାରେ ଡକାୟତି ଘଟଣାରେ ଜଡିତ ୨୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତଙ୍କ ମଧ୍ୟରୁ ରାଉରକେଲା ଅଞ୍ଚଳର କେତେକ ସଂଶ୍ଳିଷ୍ଟ ଥିବା ନେଇ ମନୋଜ ସୁରାକ ପାଇ ତଦନ୍ତ କରୁଥିଲେ। ତେଣୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଅପରାଧିମାନେ ଭିନ୍ନଭିନ୍ନ ଷଡ଼ଯନ୍ତ୍ର କରିଥିବା ସମ୍ଭାବନାକୁ ମଧ୍ୟ ଏଡାଇ ହେବ ନାହିଁ। ଏହି ପରିସ୍ଥିତିରେ କୁଆଁରମୁଣ୍ଡାରୁ ରାଉରକେଲା ଯିବା ପୂର୍ବରୁ ମନୋଜ କେଉଁମାନଙ୍କ ସହ ମିଳାମିଶା କରିଥିଲେ ସେ ସବୁ ତଦନ୍ତ ପରିସରଭୁକ୍ତ ହେବା ସହ ତାଙ୍କ ଫୋନ୍ ରେକର୍ଡ ମଧ୍ୟ ଯାଞ୍ଚ ହେବା ଆବଶ୍ୟକ। ଏହା ସହ କୁଆଁରମୁଣ୍ଡାରୁ କାରରେ ରାଉରକେଲା ଯିବା ସମୟରେ ବାଟରେ ଲାଗିଥିବା ବିଭିନ୍ନ ସର୍ଭେଲାନ୍ସ କ୍ୟାମେରାର ଫୁଟେଜଗୁଡିକୁ ଯାଞ୍ଚ କରାଯିବା ପାଇଁ କୁଆଁରମୁଣ୍ଡା ବଜାର ସମେତ ବିଭିନ୍ନ ସ୍ଥାନରେ ଲୋକେ ଆଲୋଚନା କରୁଛନ୍ତି। ତେବେ ଘଟଣାର ବିଭିନ୍ନ ଦିଗକୁ ନେଇ ଆମେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବୁ ବୋଲି ବୀରମିତ୍ରପୁର ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ତେବେ ସେ ଯାହା ହେଉନା କାହିଁକି ସାଧାରଣରେ ଏହି ଆଲୋଚନା ପର୍ଯ୍ୟାଲୋଚନା ସହ ପୋଲିସ କିଭଳି ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରୁଛି ତାହା ଦେଖିବାକୁ ବାକି ରହିଲା।



ପବ୍ଲିକ ସ୍କୁଲର କୃତୀ ଛାତ୍ରୀଛାତ୍ର।

ଜିଲାସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ଛାତ୍ରଙ୍କ ସଫଳତା

**ସୁନ୍ଦରଗଡ଼, ୮।୧୨ (ଡି.ଏନ୍.ଏ.)**

ଜିଲାସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ରାଜଗାଙ୍ଗପୁରସ୍ଥିତ ନିର୍ମଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ କଂଗ୍ରେସରେ ସୁନ୍ଦରଗଡ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଶିକ୍ଷକ ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୫ ଛାତ୍ରୀଛାତ୍ର ଶୁଭମ ପଣ୍ଡା, ଅମୀଷା ନାଗ, ଅଙ୍କିତା ନାଏକ, ଆୟୁଷ୍ମାନ ନନ୍ଦ, ଓମ ପରିଡା ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାରକରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଜିଲା ବିଜ୍ଞାନ କମିଟିର ସଂଯୋଜକ ସୁଧାଂଶୁ ଚୌଧୁରୀ ଓ ସରୋଜିନୀ ନାଏକ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଅଧ୍ୟକ୍ଷା ହରପ୍ରିୟା ପଟେଲ କୃତୀ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି।

# ରାଇକେଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଟେନ୍‌ସା, ୮।୧୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଡେଙ୍ଗୁଲା ଗ୍ରାମପଞ୍ଚାୟତ ରାଇକେଲା ମିନିଷ୍ଟାଡିୟମରେ ରାଇକେଲା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟକୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଖଣିର ସଭାପତି ପ୍ରମୋଦ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ମଣିକର ନାଏକ, ଏସଏଲ ମାଇନିଂ ସିଏସଆର ନିହାର ଦାସ ପଟ୍ଟନାୟକ, ଖବରଦାତା ସମୀର କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟ ୩ଦିନ ଧରି ଅନୁଷ୍ଠିତ ହେବ। ପାରିପାର୍ଶ୍ୱିକ ଅଞ୍ଚଳର ୩୨ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ମ୍ୟାଚ ଟେନ୍‌ସା ଓ କମଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ଏକ ଖେଳପୂର୍ଣ୍ଣ ଜିଲା ଭାବେ ପରିଚିତ। ଏହିପରି ଏକ ଉପାନ୍ତ ଅଞ୍ଚଳରେ ଏହିପରି ଖେଳ ଆୟୋଜନ କରିବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ନିଜ ନିଜ ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଖେଳ ୯ ତାରିଖ ଉଦ୍‌ଯାପିତ ହେବ। ଲୋକଙ୍କ ମନୋରଞ୍ଜନ ପାଇଁ ମହିଳା ଫୁଟବଲ ଖେଳ ଅନୁଷ୍ଠିତ ହେବ ବୋଲି ଖେଳ ଆୟୋଜକ ତଥା ଅଧ୍ୟକ୍ଷ ସୁଦର୍ଶନ ପାତ୍ର ପ୍ରକାଶ କରିଛନ୍ତି । ଶେଷ ଦିନ ବିଶିଷ୍ଟ ଅତିଥିମାନେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିବେ। ରାଇକେଲା ଫୁଟବଲ ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ପ୍ରାଥମିକ ଚିକିତ୍ସା ତାଲିମ ଶିବିର

**ରାଉରକେଲା ଅଫିସ,୮।୧୨**

ସେକ୍ଟର-୨୦ରେ ଥିବା ସରକାରୀ ସୁଶିଳାବତୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଏବଂ ୟୁଥ୍ ମୁଭମେଣ୍ଟ ମିଳିତ ଆନୁକୂଲ୍ୟରେ ଶନିବାର ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କଲେଜ ଅଧ୍ୟକ୍ଷା ଅଳକା ନନ୍ଦ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ପ୍ରାରମ୍ଭରେ ଏନ୍‌ଏସ୍‌ଏସ୍ ବିଭାଗ ଅଧିକାରୀ ଡ. ପଦ୍ମଜା ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଶିବିରର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ୟୁଥ୍ ମୁଭମେଣ୍ଟ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ନ୍ୟାଶନାଲ ସେଫ୍ଟି କାଉନସିଲ ପକ୍ଷରୁ ଡ. ଗିରିଜାଶଙ୍କର ପାଣିଗ୍ରାହୀ ଶିବିର ପରିଚାଳନା କରିଥିଲେ। ଆପଦ ଓ ଜରୁରିକାଳୀନ ପରିସ୍ଥିତିରେ ବ୍ୟକ୍ତିଙ୍କୁ କିପରି ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବ ସେ ନେଇ ଏଥିରେ ଆଲୋଚନା କରାଯାଇଥିଲା। ଏ ନେଇ ଡେମୋ ପ୍ରଦର୍ଶନ କରାଯାଇ ଛାତ୍ରୀଙ୍କୁ ବୁଝାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକ ସୁନନ୍ଦିନୀ ପାଣି, ଡ. ଅଞ୍ଜନା ଚକ୍ରବର୍ତ୍ତୀ, ସରୋଜିନୀ ପାଢ଼ୀ, ପ୍ରଗତି ପ୍ରଧାନ, ଜୟଶ୍ରୀ ନାୟକ, ସାମାଜିକ କର୍ମୀ ଆଦର୍ଶ କୁମାରଙ୍କ ସମେତ କଲେଜର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

# ଯୁବକଙ୍କ ମୃତ୍ୟୁରେ ରାସ୍ତାରୋକୋ

**ବେଦବ୍ୟାସ, ୮।୧୨ (ଡି.ଏନ.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା-ବଣାଇ ରାସ୍ତାର ଗୋଟିଦର ନିକଟରେ ଶନିବାର ସନ୍ଧ୍ୟା ସାଢେ ୭ଟାରେ ଅଜଣା ଗାଡ଼ି ଧକ୍କାରେ ବୁଧନାଥ ମୁଣ୍ଡାରୀ (୪୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ନିକଟସ୍ଥ ଗୋଟିଦର ବସ୍ତିରେ। ସେ କ୍ରଶର ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ସେ ସାଇକେଲରେ ଆସୁଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଦୁର୍ଘଟଣାର ଖବରପାଇ ସ୍ଥାନୀୟ ଲୋକେ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ସୁନ୍ଦରଗଡ଼, ୮।୧୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେର କରମଡ଼ିହି ନିକଟରେ ଶନିବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ ସରୋଜ ଡୁଙ୍ଗଡୁଙ୍ଗ (୨୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ତାଙ୍କ ଘର ସଦର ଥାନା ବିରିକିଡ଼େଗାରେ। ସେ ରାସ୍ତା ପାରିହେଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଭୋଟର ପରିଚୟପତ୍ର ସଂଶୋଧନ ସମ୍ପର୍କରେ ସମୀକ୍ଷା ବୈଠକ

**ସୁନ୍ଦରଗଡ଼, ୮।୧୨ (ଡି.ଏନ୍.ଏ)**

ଆଗାମୀ ୨୦୧୯ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ସମଗ୍ର ରାଜ୍ୟରେ ଭୋଟର ପରିଚୟପତ୍ର ସଂଶୋଧନ କାର୍ଯ୍ୟକ୍ରମ ପାଇଁ ଆବେଦନ କରିବାର ଶେଷ ତାରିଖ ନଭେମ୍ବର ୧୫ ଶେଷ ତାରିଖ ରହିଥିଲା। ବର୍ତ୍ତମାନ ଜିଲା ପ୍ରଶାସନ ସମସ୍ତ ଆବେଦନପତ୍ରଗୁଡିକୁ ଅନ୍ତର୍ଭୁକ୍ତ କରି ନୂତନ ଭୋଟର ତାଲିକା ପ୍ରସ୍ତୁତ ପାଇଁ ଅନଲାଇନ୍ ମାଧ୍ୟମରେ ପୂରଣ ପ୍ରକ୍ରିୟା ଆରମ୍ଭ କରିଛି । ଅପରପକ୍ଷେ ଜିଲାର ସମସ୍ତ ନାଗରିକ ଭୋଟର ତାଲିକାରେ ନିଜ ନାମକୁ ଅନ୍ତର୍ଭୁକ୍ତ କରିବାରେ ଯେପରି ବଞ୍ଚିତ ନ ହୁଅନ୍ତି, ସେଥିନିମନ୍ତେ ଗୁରୁତ୍ୱ ଦିଆଯାଉଛି। ଜିଲାପାଳ ସୁରେନ୍ଦ୍ର କୁମାର ମୀନା ସ୍ୱତନ୍ତ୍ର ଧ୍ୟାନ ଦେଇ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକଙ୍କ ଅଧ୍ୟକ୍ଷତାରେ ଜିଲାର ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମସ୍ତ ରାଜନୈତିକ ଦଳ ସଦସ୍ୟମାନଙ୍କୁ ଆଗାମୀ ୧୦ ତାରିଖ ସୁଦ୍ଧା ପ୍ରତ୍ୟେକ ବୁଥ୍ ସ୍ତରରେ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପାଇଁ ନାମ ସୁପାରିଶ କରିବା ପାଇଁ ଅତିରିକ୍ତ ଜିଲାପାଳ ଅନୁରୋଧ କରିଥିଲେ। ଆସନ୍ତା ୧୨ତାରିଖ ଭୋଟର ତାଲିକାରୁ ବାଦ ପଡିଥିବା ନାମଗୁଡିକୁ ତର୍ଜମା କରିବା ପାଇଁ ବୁଥସ୍ତରୀୟ ସମସ୍ତ ଅଧିକାରୀଙ୍କ ସହ ସମସ୍ତ ରାଜନୈତିକ ଦଳର ଏଜେଣ୍ଟମାନଙ୍କର ବୈଠକ ଆୟୋଜନ କରିବା ପାଇଁ ସ୍ଥିର ହୋଇଛି। ବର୍ତ୍ତମାନ ସମୟରେ ଅନୁଷ୍ଠିତ ହେଉଥିବା ଭୋଟର ସଂଶୋଧନ କାର୍ଯ୍ୟକ୍ରମ ୨୦୧୯ରେ ଗ୍ରହଣ କରାଯାଇଥିବା ଆବେଦନପତ୍ରର ତାଲିକା ଏବଂ ପୂର୍ବରୁ ପ୍ରକାଶ ପାଇଥିବା ଭୋଟର ସଂଶୋଧନ ତାଲିକା ୨୦୧୮ ତର୍ଜମା ନିମନ୍ତେ ଆସନ୍ତା ୧୨ ତାରିଖ ସମସ୍ତ ବୁଥରେ ଉପଲବ୍ଧ ହେବ। ଠିକ୍ ସେହିପରି ଯେଉଁ ବ୍ୟକ୍ତିମାନଙ୍କର ନାମ ପୂର୍ବରୁ ଭୋଟର ତାଲିକାରେ ସ୍ଥାନ ପାଇନାହିଁ କିମ୍ବା ବର୍ତ୍ତମାନ ଆବେଦନ କରିନାହାନ୍ତି ସେମାନଙ୍କ ନାମଗୁଡ଼ିକୁ ଆସନ୍ତା ୨୨।୧୨।୨୦୧୮ରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଦିନ ସମସ୍ତ ବୁଥ୍‌ରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପସ୍ଥାପନ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ବିଜେଡିର ପଞ୍ଚା ବାର୍ଲା, ଜୟନାରାୟଣ ତ୍ରିପାଠୀ, ଭାଜପାର ସୁରେନ୍ଦ୍ର ସ୍ୱର୍ଣ୍ଣକାର ଓ ଭେଷଜ ରଥ, ଜାତୀୟ କଂଗ୍ରେସର ଜିଲା ସଭାପତି ବେଣୁମାଧବ ତ୍ରିପାଠୀ ଓ ଅଜିତ ପ୍ରସାଦ ପ୍ରମୁଖ ଯୋଗଦେଇଥିଲେ। ଏହି ସମୀକ୍ଷା ବୈଠକରେ ଡେପୁଟି କଲେକ୍ଟର ତ୍ରିଦେବ କୁମାର ପ୍ରଧାନ, ଲୀଳାଧର କାଲୋ, ସୁଦାମ ପଟେଲ ଓ ଚନ୍ଦ୍ରମଣି ମିଶ୍ର ଓ ପ୍ରଫୁଲ୍ଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଭୋଟର ପରିଚୟପତ୍ର ସଂଶୋଧନ ନେଇ ବୈଠକ।

| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୯୩ | ବିଜୟ କୁମାର ବେହେରା, ପିତା : ସଂସାର ବେହେରା, ବାସ : ନିଜଗାଁ, ଜାତି : ଶବର | ୧୧୦/୯୪ | ୩୬୧/ ୨୧୭୧ | ଶାରଦ/୩ | ୦.୨୬ | ୦.୨୬ | |
| ୯୪ | ବିନୋଦ ଚନ୍ଦ୍ର ସାହୁ, ପିତା : ପଙ୍କଜ ଲୋଚନ ସାହୁ, ବାସ : ଭୂଇଁପୁର, ଜାତି : ଚଷା | ୧୧୦/୯୮ | ୧୩୧ | ଶାରଦ/୩ | ୦.୧୪ | ୦.୧୪ | |
| ୯୫ | କ୍ଷେତ୍ରବାସୀ ସାହୁ, ପିତା ଫକିର ଚନ୍ଦ୍ର ସାହୁ, ବାସ: ନିଜଗାଁ, ଜାତି : ଚଷା | ୧୧୦/୧୦୬ | ୨୬୩/ ୨୦୫୯ | ଶାରଦ/୩ | ୦.୦୬ | ୦.୦୬ | |
| ୯୬ | ବିଶ୍ୱନାଥ ସାହୁ, ପିତା କମାର ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୦୭ | ୨୬୩/ ୨୦୬୦ | ଶାରଦ/୩ | ୦.୧୦ | ୦.୧୦ | |
| ୯୭ | ମାନଭଞ୍ଜନ ସାହୁ, ପିତା : କପିଳ ସାହୁ, ବାସ : ନିଜଗାଁ, ଜାତି : ଚଷା | ୧୧୦/୧୦୮ | ୨୬୩/ ୨୦୬୧ | ଶାରଦ/୩ | ୦.୦୬ | ୦.୦୬ | |
| ୯୮ | ନୃସିଂହ ପ୍ରଧାନ, ପିତା : ଧୋବା ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୦ | ୪୯ | ଶାରଦ/୩ | ୦.୦୬ | ୦.୦୬ | |
| | | | ୧୩୫ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୪୧ | ଶାରଦ/୩ | ୦.୦୮ | ୦.୦୮ | |
| | | | ୧୪୭ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୬୭ | ଶାରଦ/୩ | ୦.୩୪ | ୦.୩୪ | |
| | | | ୨୨୦ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୨୩ | ଶାରଦ/୩ | ୦.୨୭ | ୦.୨୭ | |
| | | | ୭୧୯ | ଶାରଦ/୨ | ୦.୫୭ | ୦.୫୭ | |
| | | | ୭୨୨ | ଶାରଦ/୧ | ୦.୫୩ | ୦.୫୩ | |
| | | | ୩୭୦/ ୧୪୭୩ | ଶାରଦ/୩ | ୦.୧୩ | ୦.୧୩ | |
| ୯୯ | ପତି ପ୍ରଧାନ, ସ୍ୱାମୀ : କଚ୍ଛପ ପ୍ରଧାନ, କ୍ରିଷ୍ଣଚନ୍ଦ୍ର ପ୍ରଧାନ, ରଶ୍ମିତା ଦେହୁରୀ, ମମତା ପ୍ରଧାନ, ମାନସୀ କଣ୍ଡାଳ, ପିତା : କଚ୍ଛପ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୧ | ୧୯୦ | ଶାରଦ/୩ | ୦.୧୪ | ୦.୧୪ | |
| | | | ୧୯୮ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୦୪ | ଶାରଦ/୩ | ୦.୧୩ | ୦.୧୩ | |
| | | | ୩୬୩ | ଶାରଦ/୩ | ୦.୪୧ | ୦.୪୧ | |
| | | | ୭୨୦ | ଶାରଦ/୨ | ୦.୫୪ | ୦.୫୪ | |
| | | | ୭୨୨/ ୨୦୬୭ | ଶାରଦ/୧ | ୦.୪୦ | ୦.୪୦ | |
| | | | ୭୨୬/ ୨୦୬୮ | ଶାରଦ/୧ | ୦.୦୨ | ୦.୦୨ | |
| | | | ୮୫୫/ ୨୦୬୯ | ଶାରଦ/୨ | ୦.୧୧ | ୦.୧୧ | |
| ୧୦୦ | ଧୋବେଇ ପ୍ରଧାନ, ସ୍ୱାମୀ : ପର୍ଶୁରାମ ପ୍ରଧାନ, ଗୋଲେଖ ପ୍ରଧାନ, ଅଲେଖ ପ୍ରଧାନ, ପିତା : ପର୍ଶୁରାମ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୨ | ୪୫ | ଶାରଦ/୩ | ୦.୧୦ | ୦.୧୦ | |
| | | | ୧୬୯ | ଶାରଦ/୨ | ୦.୦୪ | ୦.୦୪ | |
| | | | ୨୩୫ | ଶାରଦ/୩ | ୦.୯୫ | ୦.୯୫ | |
| | | | ୭୨୬ | ଶାରଦ/୧ | ୦.୪୬ | ୦.୪୬ | |
| | | | ୮୨୫ | ଶାରଦ/୧ | ୦.୦୮ | ୦.୦୮ | |
| | | | ୮୫୫ | ଶାରଦ/୨ | ୦.୧୦ | ୦.୧୦ | |
| ୧୦୧ | ଖେରେଡ଼ି ପ୍ରଧାନ, ସ୍ୱାମୀ : ଜନକ ବେହେରା, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୩ | ୭୩୮ | ଶାରଦ/୨ | ୦.୪୬ | ୦.୪୬ | |
| ୧୦୨ | ସୁବ୍ରତ କୁମାର ସାହୁ, ପିତା : ସତ୍ୟବାଦୀ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୧୮ | ୩୯/ ୨୧୭୯ | ଶାରଦ/୩ | ୦.୦୮ | ୦.୦୮ | |
| ୧୦୩ | କିମିକ୍ରିଷ୍ଣା ନାଏକ, ପିତା : କରଣ ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୧୯ | ୮୫୮/ ୨୧୮୦ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୪ | ନିତ୍ୟାନନ୍ଦ ନାଏକ, ପିତା : ଧନେଶ୍ୱର ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୦ | ୮୫୮/ ୨୧୮୧ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୫ | ଦମୟନ୍ତୀ ପାତ୍ର, ପିତା : ନିରଞ୍ଜନ ପାତ୍ର, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୧ | ୮୫୮/ ୨୧୮୨ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୬ | ସରୋଜିନୀ ସାହୁ, ସ୍ୱାମୀ : ଶ୍ରୀଧର ସାହୁ, ବାସ: ନିଜଗାଁ, ଜାତି : ତେଲି | ୧୧୦/୧୨୨ | ୩୪/ ୨୧୮୩ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୭ | ସ୍ୱର୍ଣ୍ଣପ୍ରଭା ସାହୁ, ସ୍ୱାମୀ : ତାପସ ସାହୁ, ବାସ : ନିଜଗାଁ, ଜାତି : ତେଲି | ୧୧୦/୧୨୩ | ୩୪/ ୨୧୮୪ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୮ | ଖଗେଶ୍ୱର ସାହୁ, ପିତା : ଅର୍ଜୁନ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୨୪ | ୮୪୭/ ୧୫୬୯ | ଶାରଦ/୨ | ୦.୧୧୦ | ୦.୧୧୦ | |
| | ମୋଟ ସମୁଦାୟ | | | | ୧୧୪.୩୭୦ | ୧୦୯.୧୧୦ | |

Sd./- Spl. Land Acquisition Officer, NTPC, Angul

